# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 145 ଭାଗ ୩୪ | ସଂଖ୍ୟା ୧୪୫ | Saturday 15 August 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୧୫ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

## ଭାରତ ବିଶ୍ୱର ସର୍ବବୃହତ୍ ଡିଜିଟାଲ୍ ଭିତ୍ତିଭୂମି



ନୂଆଦିଲ୍ଲୀ,୧୪।୮: ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ଦେଶ ଓ ବିଦେଶରେ ରହୁଥିବା ସ୍ୱାଧୀନ ଭାରତର ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଥମଥର ପାଇଁ ଏକ ଐତିହାସିକ ପଦକ୍ଷେପ ଭାବେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପୂର୍ବରୁ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଗାନ କରାଯାଇଛି। ପରେ ଜାତୀୟ ଗୀତ 'ଜନ-ଗଣ-ମନ' ପରିବେଷଣ କରାଯାଇଛି। ଦେଶବାସୀଙ୍କୁ ସମ୍ବୋଧିତ କରି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ମୁଁ ଆପଣମାନଙ୍କୁ ଏହି ଜାତୀୟ ପର୍ବ ଅବସରରେ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଆଉ ମାତ୍ର କିଛି ଘଣ୍ଟା ପରେ ଆମ ଦେଶ ସ୍ୱାଧୀନତାର ୮୦ତମ ବର୍ଷରେ ପଦାର୍ପଣ କରିବ। ଦେଶରେ ତଥା ଦେଶ ବାହାରେ ଥିବା ଭାରତୀୟମାନେ ଅତ୍ୟନ୍ତ ଉତ୍ସାହର ସହ ସ୍ୱାଧୀନତାର ଏହି ପର୍ବକୁ ପାଳନ କରୁଛନ୍ତି। ଆମ ସ୍ୱାଧୀନତାର ପ୍ରତୀକ ତ୍ରିରଙ୍ଗା ଗୌରବର ସହ ଆକାଶରେ ମଥାଟେକି ଉଡୁଛି।

ରାଷ୍ଟ୍ରପତି ମୁର୍ମୁ ତାଙ୍କ ଅଭିଭାଷଣ ଅବସରରେ ବିକଶିତ ଭାରତର ଏକ ଚିତ୍ର ଜନସାଧାରଣଙ୍କ ସମ୍ମୁଖରେ ରଖିଛନ୍ତି। ସେ କହିଛନ୍ତି ଯେ ଦେଶରେ ନାରୀ ଶିକ୍ଷାର ନୂତନ ମାନଦଣ୍ଡ ପ୍ରତିଷ୍ଠା ହୋଇଛି। ୨୫୦ ନିୟୁତରୁ ଅଧିକ ଲୋକ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି। ମାଗଣା ଖାଦ୍ୟଶସ୍ୟ ବଣ୍ଟନ ଯୋଜନା ଜରିଆରେ ୮୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରାଯାଇଛି। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଦେଶର ୬୦୦ ନିୟୁତ ଲୋକଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ସୁବିଧା ଯୋଗାଇ ଦିଆଯାଉଛି। କିଶାନ ସମ୍ମାନ ନିଧି ଓ କିଶାନ କ୍ରେଡିଟ୍ ଜରିଆରେ ସରକାର କୃଷି, ଦୁଗ୍ଧ ଚାଷ, କୁକୁଡ଼ା ଚାଷ, ମତ୍ସ୍ୟଚାଷ ଓ ମହୁଚାଷ ସହ ଜଡ଼ିତ କୃଷକମାନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି।

ସେ କହିଛନ୍ତି ଯେ ଭାରତ ବିଶ୍ୱର ସର୍ବବୃହତ ଓ ଉତ୍କୃଷ୍ଟ ଡିଜିଟାଲ୍ ➪ପୃଷ୍ଠା-୬

ବିଭାଜନର ଭୟାବହ ବାସ୍ତବତାକୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

## ଯୁବପିଢ଼ି ଜାଣିବେ ବିଭୀଷିକାର ସତ

- ଏନସିଇଆରଟି ପାଠ୍ୟପୁସ୍ତକରେ ବିଭାଜନର କଳା ଅଧ୍ୟାୟ
- ଏହା କେବଳ ସ୍ମୃତି ଦିବସ ନୁହେଁ, ଦେଶର ଏକତା ଓ ଅଖଣ୍ଡତା ପାଇଁ ସଂକଳ୍ପ ଦିବସ
- ବିଭାଜନ ଥିଲା ମାନବ ସଭ୍ୟତାର ସବୁଠୁ ବଡ଼ ସ୍ଥାନାନ୍ତରଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଆଜି ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଓ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି। ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ 'ସଂକଳ୍ପ ଦିବସ' ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି ସେ କହିଛନ୍ତି ଯେ ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ➪ପୃଷ୍ଠା-୬

## ସଞ୍ଜୀବ ପଣ୍ଡା ଓ ସ୍ମିତାରାଣୀଙ୍କୁ ରାଷ୍ଟ୍ରପତି ପଦକ

ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ସ୍ୱାଧୀନତା ଦିବସ ପୂର୍ବରୁ ବିଶିଷ୍ଟ ସେବା ପୁରସ୍କାର ୨୦୨୬ ଘୋଷଣା ହୋଇଛି। ସ୍ୱାଧୀନତା ଦିବସ ଅବସରରେ ପୁଲିସ, ଅଗ୍ନିଶମ, ଗୃହରକ୍ଷୀ ଓ ସିଭିଲ ଡିଫେନ୍ସ ଏବଂ ସଂଶୋଧନ ସେବାରେ ମୋଟ ୧୦୫୭ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ବିଶିଷ୍ଟ ଓ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି।

- ଓଡ଼ିଶାର ୧୭ ଜଣଙ୍କୁ ମିଳିବ ସେବା ପୁରସ୍କାର
- ଦେଶର ୧୦୫୭ ଜଣଙ୍କୁ ମିଳିବ ପୁଲିସ ପଦକ



ଚଳିତ ବର୍ଷ ଓଡ଼ିଶାର ୧୭ ଜଣଙ୍କୁ ମିଳିବ ଏହି ପୁରସ୍କାର। ୫ ଜଣଙ୍କୁ ସାହସିକତା, ୨ ଜଣଙ୍କୁ ରାଷ୍ଟ୍ରପତି ବିଶିଷ୍ଟ ସେବା ପଦକ ଓ ୧୦ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିବ ବୋଲି ଜଣାପଡ଼ିଛି। ଏଡିଜି ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ମିଳିବ। ପ୍ରଶଂସନୀୟ ସେବା ପଦକ ପାଇଁ ୧୦ ଜଣ ମନୋନୀତ ହୋଇଛନ୍ତି। ଏଡିଜି ସଞ୍ଜୀବ ପଣ୍ଡା, ଡିଏସପି ସ୍ମିତାରାଣୀ ମହାନ୍ତିଙ୍କୁ ରାଷ୍ଟ୍ରପତିଙ୍କ ପଦକ ମିଳିଛି। ସବ୍‌ଇନ୍ସପେକ୍ଟର ମନ୍ମଥ ମହାପାତ୍ର, ହାବିଲଦାର ନିରାକାର ➪ପୃଷ୍ଠା-୬

## ବାଜି ରାଉତ ଦେଶପ୍ରେମ ଓ ବଳିଦାନର ଅମର ପ୍ରତୀକ:ଧର୍ମେନ୍ଦ୍ର

- ଶ୍ରଦ୍ଧାଞ୍ଜଳି ସହ ବାଜିଙ୍କ ବୀରତ୍ୱକୁ ମନେ ପକାଇଲେ
- ଯୁବପିଢ଼ି ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ ହେବାକୁ ପରାମର୍ଶ



ଢେଙ୍କାନାଳ,୧୪।୮ (ସଂଚାର ବ୍ୟୁରୋ): ବୀର ବାଜି ରାଉତ ହେଉଛନ୍ତି ଯୁବକତ୍ୱ, ତ୍ୟାଗ, ସାହସ, ଦେଶପ୍ରେମ ଓ ବଳିଦାନର ଅମର ପ୍ରତୀକ। ଖେଳକୁଦ ବୟସରେ ଦେଶ ମାତୃକା ପାଇଁ ସେ ଯେଉଁଭଳି ନିର୍ଭୀକତାର ସହ ବଳିଦାନ ଦେଇଥିଲେ, ତାହା ଆଜିର ନୂଆପିଢ଼ି ପାଇଁ ବୀରତ୍ୱର ଚରମ ନିଦର୍ଶନ ବୋଲି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନ ଶୁକ୍ରବାର ଦେଶର ସର୍ବକନିଷ୍ଠ ବୀର ସ୍ୱାଧୀନତା ସଂଗ୍ରାମୀ ସହିଦ ବାଜି ରାଉତଙ୍କ ପବିତ୍ର ଜନ୍ମସ୍ଥାନ ଢେଙ୍କାନାଳ ଜିଲ୍ଲା ଭୁବନ ନୀଳକଣ୍ଠପୁରରେ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା ସମାରୋହ'ରେ ସାମିଲ ହୋଇଥିଲେ। ଏଠାରେ 'ସହିଦ ବାଜି ରାଉତ ସ୍ମୃତି ସ୍ତମ୍ଭ'ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ପ୍ରତି ବୀର ବାଜି ରାଉତଙ୍କ ଅବଦାନ ଅତୁଳନୀୟ। ଖେଳକୁଦ ବୟସରେ ମାତୃଭୂମିର ସ୍ୱାଭିମାନ ➪ପୃଷ୍ଠା-୬

## ବିନୟତୋଷ ଅନ୍ତରୀଣ ଡିଜିପି



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ଓଡ଼ିଶାର ମଧ୍ୟବର୍ତ୍ତୀକାଳୀନ ଡିଜିପି ହେଲେ ବିନୟତୋଷ ମିଶ୍ର। ରାଜ୍ୟ ସରକାର ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଧିକାରୀ ଶ୍ରୀ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଦାୟିତ୍ୱ ଦେଇଛନ୍ତି। ଆସନ୍ତା ୧୬ ତାରିଖ ପରେ ସେ ଅନ୍ତରୀୟ ଡିଜିପି ଦାୟିତ୍ୱ ତୁଲାଇବେ। ବର୍ତ୍ତମାନ ଏହି ବରିଷ୍ଠ ଆଇପିଏସ ଅଧିକାରୀ ଜଣଙ୍କ କ୍ରାଇମବ୍ରାଞ୍ଚ ଡିଜି ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ମିଶ୍ର ଆସନ୍ତା ୧୬ରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରାଜ୍ୟ ପୁଲିସ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଆଜି ଅନୁମୋଦନ କରିଛନ୍ତି। ଶ୍ରୀ ମିଶ୍ର ହେଉଛନ୍ତି ଜଣେ ଦକ୍ଷ ପୁଲିସ ଅଧିକାରୀ। ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି।

### ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ୧୫ ତାରିଖ (ଶନିବାର) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ସୋମବାର) ପ୍ରକାଶ ପାଇବ।

ପ୍ରକାଶକ

### ଅଭିନନ୍ଦନ

ସ୍ୱାଧୀନତା ଦିବସ ଉପଲକ୍ଷେ 'ସଂଚାର' ପରିବାର ପକ୍ଷରୁ ପାଠକପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା, ଏଜେଣ୍ଟ, ବିତରକ ଏବଂ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସମ୍ପାଦକ

## ଟଙ୍କା ଖର୍ଚ୍ଚ ନ କରି ଅଡୁଆରେ ରେଭେନ୍ସା କର୍ତ୍ତୃପକ୍ଷ

- କୈଫିୟତ ମାଗିଛନ୍ତି କେନ୍ଦ୍ର ସରକାର
- ପି-ଏମ ଉଷାରୁ ବାଦ୍ ପଡ଼ିବା ଆଶଙ୍କା



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ଶିକ୍ଷାନୁଷ୍ଠାନର ବିକାଶ ପାଇଁ କେନ୍ଦ୍ର ସରକାର ଦେଇଥିବା ଟଙ୍କାକୁ ଖର୍ଚ୍ଚ କରି ନ ପାରି ଏବେ ରେଭେନ୍ସା କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ମଞ୍ଜୁରୀ ସତ୍ତ୍ୱେ ଦିଆଯାଇଥିବା ଟଙ୍କାକୁ କାହିଁକି ଖର୍ଚ୍ଚ କରିନାହିଁ, ସେ ସଂକ୍ରାନ୍ତରେ ଆସନ୍ତା ୧୭ ତାରିଖ ସୁଦ୍ଧା ଉତ୍ତର ଦେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରେଭେନ୍ସା କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖାଯାଇଛି।

କେନ୍ଦ୍ର ସରକାରଙ୍କ ପତ୍ରରୁ ଜଣାଯାଇଛି ଯେ ରେଭେନ୍ସା କର୍ତ୍ତୃପକ୍ଷ ପିଏମ-ଉଷା ଯୋଜନାରେ ଅର୍ଥ ପାଇବା ପାଇଁ ଡିପିଆର ଦାଖଲ କରିଥିଲେ। ଗତବର୍ଷ ମେ' ୩୦ ତାରିଖରେ କେନ୍ଦ୍ର ସରକାର ତାହାକୁ ମଞ୍ଜୁର କରିଥିଲେ। ଏହାପରେ ୨୦୨୫-୨୬ ବର୍ଷରେ କେନ୍ଦ୍ରରୁ ୭ କୋଟି ୫୦ ଲକ୍ଷ ଟଙ୍କା ମିଳିଥିଲା। ତେବେ ଡିପିଆର ମଞ୍ଜୁର ହେବାର ବର୍ଷକ ପରେ ବି ପ୍ରକଳ୍ପ କାର୍ଯ୍ୟ ଆଗେଇପାରି ନ ଥିଲା। ମିଳିଥିବା ଅର୍ଥକୁ ରେଭେନ୍ସା କର୍ତ୍ତୃପକ୍ଷ ଖର୍ଚ୍ଚ କରିପାରି ନ ଥିଲେ। ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୬-୨୭ରେ ଏହି ଯୋଜନାରେ ରେଭେନ୍ସାକୁ ୨ କୋଟି ଟଙ୍କା ମିଳିଥିବା ବେଳେ ସେଥିରୁ ମାତ୍ର ୨୦ ଲକ୍ଷ ୩୨ ହଜାର ଟଙ୍କା ଖର୍ଚ୍ଚ କରିବାରେ ରେଭେନ୍ସା କର୍ତ୍ତୃପକ୍ଷ ସଫଳ ହୋଇଛନ୍ତି।

ଉଲ୍ଲେଖନୀୟ ଯେ ବହୁମୁଖୀ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ (ମେରୁ)ରୁ ବ୍ୟୟ ଅଟକଳ ହେଉଛି ୧୦୦ କୋଟି ଟଙ୍କା। ଏହି ଅର୍ଥ ପିଏମ-ଉଷା ଯୋଜନାରୁ ସହାୟତା ଆକାରରେ ମିଳିଥାଏ। ତେବେ ➪ପୃଷ୍ଠା-୬

ଓଡ଼ିଶାକୁ ପୁଣି ଫେରିଲା କୋଭିଡ୍

## ରାଜଧାନୀରେ ଜଣେ ଚିହ୍ନଟ

ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): କିଛି ଦିନର ବ୍ୟବଧାନ ପରେ ଓଡ଼ିଶାକୁ ଫେରିଛି କୋଭିଡ୍। ଆଜି ରାଜଧାନୀ ଭୁବନେଶ୍ୱରରେ ପୁଣି ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ବରମୁଣ୍ଡା ଅଞ୍ଚଳର ଜଣେ ୫୦ ବର୍ଷୀୟ ବ୍ୟକ୍ତି କୋଭିଡ୍ ସଂକ୍ରମିତ ହୋଇଥିବା ନେଇ ଏକ ଘରୋଇ ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁଯାୟୀ, ଅସୁସ୍ଥତା କାରଣରୁ ଉକ୍ତ ବ୍ୟକ୍ତି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ପରେ ତାଙ୍କର କୋଭିଡ୍ ପଜିଟିଭ୍ ରିପୋର୍ଟ ଆସିଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।




ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)





୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ। ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି। ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/88/2627

## ବିଜେପି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦ୍ରାପଡ଼ା,୧୪।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣାବସଷ୍ଟାଣ୍ଡ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରାଦେଶରେ ଦେଶପ୍ରତି ବୀର ମହାପୁରୁଷଙ୍କ ବଳିଦାନକୁ ମନେପକାଇବା ତଥା ନାଗରିକମାନଙ୍କ ମଧ୍ୟରେ ସ୍ୱଦେଶପ୍ରୀତିର ଜାଗ୍ରତ କରାଇବା ଉଦେଶ୍ୟ ଆଭିମୁଖ୍ୟ ନେଇ ଏହି ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା କଲେଜ ପଡିଆରୁ ପୁରୁଣା ବସଷ୍ଟାଣ୍ଡ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାଟି ତିନିମୁହାଣୀ, କଜଳା, ମହିପାଳ, ନୂଆ ବସଷ୍ଟାଣ୍ଡ, କାକଟ ଛକ, ବଡହାଟ ଆଦି ସହରାଚଁଳ ଛକ ଅତିକ୍ରମ କରି ପୁରୁଣା ବସଷ୍ଟାଣ୍ଡରେ ଶେଷ ହୋଇଥିଲା । ଦେଶପ୍ରତି ତ୍ୟାଗ ବଳିଦାନ ଦେଇଥିବା ବୀର ମହାପୁରୁଷଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶସାଙ୍କ ଶେଖର ସେଠୀ, ଜିଲା ବିଜେପି ସାଧାରଣ ସଂପାଦକ ଅମିତାଭ ସୂଆର, ଭାରତଭୁଷଣ ଦାସ, ଅଭିମନ୍ୟୁ ଗୋଛାୟତ, ଜିଲା ବିଜେପି ମହିଳା ମୋର୍ଚା ସଭାନେତ୍ରୀ ଜ୍ୟୋସ୍ନାରନୀ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଗୀତାଞ୍ଜଳୀ ସେଠୀ ପ୍ରମୁଖ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ କେନ୍ଦ୍ରାପଡା ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

## ପାଟକୁରାରେ ତ୍ରିରଙ୍ଗା ଶୋଭାଯାତ୍ରା




ଗରଦପୁର,୧୪।୮(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ଦେଶପ୍ରେମର ଗୌରବମୟ କାର୍ଯ୍ୟକ୍ରମ ହର୍ ଘର୍ ତ୍ରିରଙ୍ଗା ଅଭିଯାନ' କୁ ସଫଳ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ପକ୍ଷରୁ ପାଟକୁରାଠାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଗରଦପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ବିଜେପି ନେତା, କର୍ମୀ ଓ ସାଧାରଣ ଜନତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ସ୍ଲୋଗାନ ଦେଇ ଶତାଧିକ ଲୋକ ପଦଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଯୁବ ନେତା ବିଶ୍ୱଜିତ୍ ଲେଙ୍କା , ପ୍ରଶାନ୍ତ ମଲ୍ଲିକ,ଦିଲ୍ଲିପ ନାୟକ,ଶ୍ରୀକାନ୍ତ ସେନାପତି ପରିଚାଳନା କରିଥିବା ବେଳେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ବିଜେପି ନେତା ଓ କର୍ମୀଙ୍କ ସମେତ ସାଧାରଣ ଲୋକଙ୍କ ଉପସ୍ଥିତିରେ ପାଟକୁରା ଅଞ୍ଚଳରେ ଦେଶପ୍ରେମର ମାହୋଲ ସୃଷ୍ଟି ହୋଇଥିଲା। ଦେଶର ଏକତା, ଅଖଣ୍ଡତା ଓ ଜାତୀୟ ପତାକା ପ୍ରତି ସମ୍ମାନର ବାର୍ତ୍ତା ଦେଇ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦ୍ରାପଡ଼ା,୧୪।୮(ସଂଚାର ବ୍ୟୁରୋ)ଃ ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଶୁକ୍ରବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସଙ୍କ ନେତୃତ୍ୱରେ ଏବଂ ସଂଯୋଜକ ଅଧ୍ୟାପକ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ପତକା ଧରି "ଭାରତ ମାତା କି ଜୟ" ନାରା ଦେଇ ମହାବିଦ୍ୟାଳୟ ପରିସରରୁ ବାହାରି କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଆଇନ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ତିନିମୁହାଣୀଛକକୁ ଆସିଥିଲେ। ସେଠାରୁ ଜ୍ଞାନପୀଠ ଛକ ଦେଇ ପୁନର୍ବାର ମହାବିଦ୍ୟାଳୟ ପରିସରରେ ପହିଥିଲେ । ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଶ୍ରୀ ଦାସ ପିଲାମାନଙ୍କୁ ଉଦବୋଧନ ଦେଇ କହିଲେ ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀମାନଙ୍କ ମନରେ ଦେଶପ୍ରେମ ହେଉଛି ଦେଶପ୍ରତି ସବୁଠୁ ବଡ ଭକ୍ତି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ଆମ ସମସ୍ତଙ୍କ ମନରେ ରାଷ୍ଟ୍ରଭକ୍ତିକୁ ଜାଗ୍ରତ କରାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ସଙ୍ଘର୍ଷ ଓ ବଳିଦାନର ମୂଲ୍ୟବୋଧକୁ ପୁଣି ଥରେ ଆମ ଭିତରେ ଜାଗ୍ରତ କରାଇ ପାରିବ। ଜାତୀୟ ପତାକା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଗର୍ବ ଓ ସ୍ୱାଭିମାନର ପ୍ରତୀକ। ଏହି ପତାକାକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରି ଦେଶପ୍ରେମରେ ନିଜକୁ ଉଦବୁଧ କରାଇବାକୁ ଅଧ୍ୟକ୍ଷ ପ୍ରଫେସର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ ।

## ବ୍ଲକ ପକ୍ଷରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା



ପଟ୍ଟାମୁଣ୍ଡାଇ,୧୪।୮(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ଆଜି ୧୪ ଅଗଷ୍ଟରେ ଏକ ଭବ୍ୟ 'ହର ଘର ତ୍ରିରଙ୍ଗା' ରାଲି ସଫଳତାର ସହ ଆୟୋଜିତ ହୋଇଛି । ଏହି ରାଲି ବ୍ଲକ କାର୍ଯ୍ୟାଳୟରୁ ବାହାରି ପଟ୍ଟାମୁଣ୍ଡାଇ ବଜାର ସମେତ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା ଏହି ଭକ୍ତି ଦେଶାତ୍ମବୋଧ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବିଡ଼ିଓ ଶୀତଲ ଅଗ୍ରୱାଲ, ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଳିକ ଓ ପ୍ରସନ୍ନ ରାଉତ ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ବନ୍ଦିତା ବେହୁରା ଶୁଭସ୍ମିତା ବେହେରା, ପ୍ରକୃତି ମହାପାତ୍ର, ଜ୍ଞାନ ରଞ୍ଜନ ବେହେରା ମୋନାଲିସା ପ୍ରଧାନ, ସିଡିପି ଓ ଲକ୍ଷ୍ମୀମଣି ସିଂ ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ଉପବିଭାଗୀୟ ଅଧିକାରୀ ଗୌରୀ ବେହେରା, ଡବ୍ଲୁଇଓ ଲିପିକା ବେହେରା, ଓଏଲଏମବିପିଏମ ପ୍ରକାଶ ସେଠୀ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ମିଶନଶକ୍ତି, ମହିଳା ମହା ସଂଘ ଓ ବିଭିନ୍ନ ଏସଏସଜି ଗ୍ରୁପ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସମେତ ୩୦୦ ଅଂଶଗ୍ରହଣକାରୀ ସାମିଲ ହୋଇ ତ୍ରିରଙ୍ଗା ପତାକା ଜାତୀୟ ଏକତା, ଦେଶପ୍ରେମ ଓ ଦେଶର ଗୌରବ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଥିଲେ।

### ୯ମ ଦିନରେ ମାଳିପୁରରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ବନ୍ଦ ଦାବିରେ ଅନଶନ

# ଆଲୋଚନା ପରେ ବି ଫିଟୁନି ସମାଧାନର ବାଟ

ପଟ୍ଟାମୁଣ୍ଡାଇ,୧୪।୮ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ଗ୍ରାମ ପଂଚାୟତର ମାଳିପୁର ଗ୍ରାମର ଶନି ମନ୍ଦିର ନିକଟରେ ବ୍ଲକ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଛି । ମାତ୍ର ସରକାରୀ ରାସ୍ତାରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ କରି ଏହାକୁ ତୁରନ୍ତ ବନ୍ଦ କରିବା ଦାବିରେ ଗତ ୫ ତାରିଖ ବୁଧବାର ଠାରୁ ମାଳିପୁର ଗ୍ରାମର ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି ।

ପଟ୍ଟାମୁଣ୍ଡାଇ ତହସିଲଦାର ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଏହି ନିର୍ମାଣକାର୍ଯ୍ୟ ବ୍ଲକ ପକ୍ଷରୁ କରାଯାଉଥିବାରୁ କୌଣସି ନିଷ୍କର୍ଷ ବାହାରି ପାରି ନଥିଲା । ଏହି ଅନଶନର ୩ୟ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୁନରାୟ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ବିଡ଼ିଓ ଶୀତଲ ଅଗ୍ରୱାଲ ଅତିରିକ୍ତ ତହସିଲଦାର ସାଗରୀକା ସେଠୀ, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଅନଶନକାରୀ ସହିତ ବିଶଦ ଆଲୋଚନା କରିଥିଲେ। ତହସିଲଦାର ଓ ବିଡ଼ିଓ ସରକାରୀ ଜାଗାରେ ସ୍ୱଚ୍ଛ ଭାରତ ଯୋଜନାରେ ସରକାରୀ ପ୍ରକଳ୍ପ ହେଉଥିବା ନେଇ ଅନଶନକାରୀଙ୍କୁ ବୁଝାଇ ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ ମଧ୍ୟ ଅନଶନକାରୀମାନେ ସରକାରୀ ସର୍ବସାଧାରଣ ରାସ୍ତାରେ ନିର୍ମାଣା ଧୀନ ପ୍ରକଳ୍ପ ବନ୍ଦ କରାନଗଲେ ଅନଶନ ଜାରି ରହିବ ବୋଲି ଅଡ଼ି ବସିବାରୁ କୌଣସି ସମାଧାନର ବାଟ ଫିଟିନଥିଲା ।

ଅନଶନର ୭ମ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ତହସିଲ ଅଫିସରେ ତହସିଲସ୍ତରୀୟ ରାଜସ୍ୱ ଜନଶୁଣାଣୀ ଶିବିରରେ ଯୋଗ ଦେବାକୁ ଆସିଥିବାବେଳେ ଜନଶୁଣାଣୀ ପରେ ଅନଶନକାରୀ ପ୍ରଶାନ୍ତ ମହାନ୍ତି ଓ ରମାକାନ୍ତ ଦାସ, ତାଙ୍କ ସହଯୋଗୀ ଆଶିଷ ମଲ୍ଲିକ ଓ ଦଳିତ ସଂଘ ସଭାପତି କଳ୍ପତରୁ ମଲିକଙ୍କ ସହିତ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ବିଡ଼ିଓ ଶୀତଲ ଅଗ୍ରୱାଲ ଓ ଅତିରିକ୍ତ ତହସିଲଦାର ସାଗରୀକା ସେଠୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଏକ ଉଚ୍ଚ ସ୍ତରୀୟ କମିଟି ଜରିଆରେ ଅନଶନକାରୀଙ୍କ ଦାବୀ ଓ ଅଭିଯୋଗ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇ ତଦନ୍ତ ରିପୋର୍ଟ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ମଧ୍ୟ ଅନଶନକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ଅନଶନ ପ୍ରତ୍ୟାହାର କରିବାକୁ ଅଡ଼ି ବସିବାରୁ ସମାଧାନ ବାଟ ଫିଟି ପାରିନାହିଁ ।

ଆଜି ଅନଶନର ୯ମ ଦିନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଗୋଷ୍ଠୀ ଶୌଚାଳୟ ନିର୍ମାଣ ସ୍ଥଳ ପରିଦର୍ଶନ କରି ସବୁ ଦିଗରୁ ଅନୁଧ୍ୟାନ କରି ଫେରିବା ପରେ ତହସିଲଦାର ଅଫିସରେ ଅନଶନକାରୀଙ୍କ ସହିତ ବିଡ଼ିଓ ଶୀତଲ ଅଗ୍ରୱାଲ ଓ ତହସିଲଦାର ପଞ୍ଚାନନ ନାୟକ ଓ ଅତିରିକ୍ତ ତହସିଲଦାର ସାଗରୀକା ସେଠୀଙ୍କ ଉପସ୍ଥିତି ରେ ଆଲୋଚନା କରି ସରକାରୀ ନୀତି ନିୟମ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରିଥିଲେ ମଧ୍ୟ ଅନଶନକାରୀ ନିଜ ଦାବୀ ଉପରେ ଅଟଳ ରହିବାରୁ କିଛି ସମାଧାନ ବାଟ ଫିଟି ପାରିନାହିଁ।

## ବିଡିଓଙ୍କ ଚାମ୍ବରକୁ ଧସେଇ ପଶିଲେ ବିଜେପି ନେତା ଓ ସମର୍ଥକ

### କାର୍ଯ୍ୟନିର୍ବାହୀଙ୍କ ବଦଳି ଓ ତାଙ୍କ କର୍ମୀଙ୍କୁ କାମ ନଦେବା ନେଇ ବିଡିଓଙ୍କୁ ଗାଳିଗୁଲଜ

### ଗୁରୁତର ଅବସ୍ଥାରେ ଘରୋଇ ଡାକ୍ତରଖାନାରେ ଭର୍ତ୍ତି



ଡେରାବିଶ,୧୪।୮ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ବିଡ଼ିଓ ନମିତା ବାରିକ ନିଜ ଚ୍ୟାମ୍ବରରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଭାଜପା ନେତା ଉମାକାନ୍ତ ପଟ୍ଟନାୟକ ତାଙ୍କର ସମର୍ଥକଙ୍କୁ ଧରି ବିଡ଼ିଓଙ୍କ ଚାମ୍ବରକୁ ଧସେଇ ପସିଥିଲେ। ବିଡ଼ିଓ ବାରିକ କିଛି ବୁଝିବା ଆଗରୁ ପଟ୍ଟନାୟକ ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତାଙ୍କ କର୍ମୀଙ୍କୁ ନଦିଆଯିବା ନେଇ ବିଡ଼ିଓଙ୍କୁ ଅତି କଟୁ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେଠାରେ ଉପସ୍ଥିତ ଥିବା ପ୍ରତ୍ୟେକ୍ଷଦର୍ଶୀମାନେ ସୂଚନା ଦେଇଛନ୍ତି।

ତେବେ ବିଡ଼ିଓ ଏତେଗୁଡ଼ିଏ ଲୋକଙ୍କ ପ୍ରଶ୍ନରେ ଅଣନିଶ୍ୱାସୀ ଅନୁଭବ କରିବା ସହ ତାଙ୍କ ଚେୟାର ଉପରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ବ୍ଲକ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ତାଙ୍କର ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଥିବା ବେଳେ ଡାଇବେଟିସ୍ ମଧ୍ୟ ବଢ଼ିଯାଇଥିଲା। ତେବେ ସମସ୍ତ ଚିକିତ୍ସା ପରେ ତାଙ୍କର ହୃଦ୍‌ରୋଗ ଜନିତ ସମସ୍ୟା ଅଧିକ ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି।

ତେବେ ଆଜିର ଏହି ଘଟଣା ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସେଠାରେ ଉପସ୍ଥିତ ଥିବା ଜଣେ ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ସ୍ୱାଧୀନତା ଦିବସ ଅବ୍ୟବହତ ପୂର୍ବରୁ ଭାଜପା ପକ୍ଷରୁ ଉମାକାନ୍ତଙ୍କ ନେତୃତ୍ୱରେ ହରଘର ତ୍ରିରଙ୍ଗା ଯାତ୍ରା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରସ୍ତୁତି ହେବା ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ଏକଜୁଟ ହୋଇଥିଲେ। ପରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଜଣାଯାଇଛି।

## ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାଣ୍ଡିଲ ଶୋଭାଯାତ୍ରା




କେନ୍ଦ୍ରାପଡ଼ା,୧୪।୮(ସଂଚାର ବ୍ୟୁରୋ)ଃ ବିଭାଜନ ବିଭୀଷିକା ସ୍ମୃତି ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ , ଜିଲ୍ଲାପାଳ ରଘୁରାମ ଆର ଆୟର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା,, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି କ୍ୟାଣ୍ଡଲ ଶୋଭାଯାତ୍ରା କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରି ବିଭାଜନର ବିଭୀଷିକାରେ ପ୍ରଭାବିତ ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ୧୧ ଟାରେ ୨ ମିନିଟ ନିରବ ପ୍ରାର୍ଥନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା |

## ମହିଳା ଅଧିକାର ଓ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର




କେନ୍ଦ୍ରାପଡ଼ା, ୧୪।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର "ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍" ପକ୍ଷରୁ "ମହିଳା ଏବଂ ଆଇନ ଅଧିକାର, ସୁରକ୍ଷା ଓ ଆଇନଗତ ସଂରକ୍ଷଣ" ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମହିଳା ମାନଙ୍କ ଆଇନଗତ ଅଧିକାର, ସୁରକ୍ଷା ଏବଂ ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । କୁମାରୀ ସ୍ମୃତି କାର୍ଯ୍ୟକ୍ରମଟିକୁ ସଂଯୋଜନା କରିବା ସହ ବିଭିନ୍ନ ପର୍ଯ୍ୟାୟର ପରିଚାଳନା କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ଏବଂ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ଅଧ୍ୟକ୍ଷ ପ୍ରଫେସର ଚିରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍‌ର ସଂଯୋଜିକା ଡ. ପୂର୍ବାଶା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଆଇନଗତ ସଚେତନତା ଓ ମହିଳା ସଶକ୍ତୀକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ପ୍ରଫେସର ପୌର୍ଣ୍ଣମାସୀ ପଣ୍ଡା ମହିଳାମାନଙ୍କ ପାଇଁ ଏକ ନିରାପଦ ତଥା ସହାୟକ ପରିବେଶ ନିଶ୍ଚିତ କରିବା ଦିଗରେ ଥିବା ଆନୁଷ୍ଠାନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

ମୁଖ୍ୟବକ୍ତା ଡ.ଚିନ୍ମୟ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ମହିଳାଙ୍କ ଅଧିକାର, ସୁରକ୍ଷା, ଆଇନଗତ ସଂରକ୍ଷଣ ଏବଂ ଉପଲବ୍ଧ ପ୍ରତିକାର ସମ୍ବନ୍ଧରେ ଅବଗତ କରାଇଥିଲେ । ଇଂରାଜୀ ବିଭାଗର ଶ୍ରେଣୀ ପ୍ରତିନିଧି କୁମାରୀ ରିତିକା ପାତ୍ର ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କୁ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କୁ ଜଣେ ଜଣେ ସୂଚିତ, ଆତ୍ମବିଶ୍ୱାସୀ ଏବଂ ସଶକ୍ତ ନାଗରିକ ଭାବେ ଗଢ଼ିତୋଳିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ।

## ଫାର୍ମାସିଷ୍ଟଙ୍କ ଡେପୁଟେସନ ବାତିଲ ଦାବି

### ସିଡ଼ିଏମଓଙ୍କୁ ଭେଟିଲେ ଧୋୟାଞ୍ଚଳବାସୀ

### ମିଳୁନି ଅପାତକାଳୀନ ସେବା

### ଦୁର୍ଦ୍ଦଶାରେ ୪ଟି ପଞ୍ଚାୟତର ୩୦ ହଜାର ଲୋକ



ପଟ୍ଟାମୁଣ୍ଡାଇ,୧୪।୮(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟା ବିପନ୍ନ ଧୋୟାଞ୍ଚଳର ସର୍ବପୁରାତନ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଅଂଚଳବାସୀ ଦାବି କରି ଆସୁଥିବାବେଳେ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନାଲ ହସ୍ପିଟାଲକୁ ଡେପୁଟେସନରେ ପଠାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଫାର୍ମାସିଷ୍ଟ ଶ୍ରୀଦାଶ ଅଣ୍ଡରା ମେଡିକାଲରେ କାର୍ଯ୍ୟ କରିବାବେଳେ ଅଣ୍ଡରା ସମେତ ଅମୃତମଣୋହି ବଲୁରିଆ, ପେଣ୍ଠପାଳ ଓ ସିଂହଗାଁ ଆଦି ପଞ୍ଚାୟତର ସାଧାରଣ ଗରିବ ଲୋକ ବିଶେଷକରି ରାତି ଅଧରେ ରୋଗୀ ଚିକିତ୍ସା ସେବା ଯୋଗାଇ ଆସୁଥିଲେ।

ତେବେ ଉକ୍ତ ଫର୍ମାସିଷ୍ଟଙ୍କ ଡେପୁଟେସନରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ବଦଳି ହୋଇଥିବା ଜଣାପଡିବା ପରେ ଅଣ୍ଡରା, ସିଂହ ଗାଁ, ପେଣ୍ଠପାଳ, ଅମୃତମଣୋହି ବଲୁରିଆ ଆଦି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ସହିତ ଶତାଧିକ ଜନସାଧାରଣ ପଟ୍ଟାମୁଣ୍ଡାଇ ମେଡିକାଲ ଅଫିସରଙ୍କ ନିକଟରେ ଫର୍ମାସିଷ୍ଟଙ୍କ ଡେପୁଟେସନ ଆଦେଶ ବାତିଲ ଦାବି ପାଇଁ ଲିଖିତ ଭାବେ ଜଣାଇଥିଲେ ।

ଅନ୍ୟପକ୍ଷରେ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ର ଦିନ ୧୨ଟା ପରେ ବନ୍ଦ ରହୁଥିବାରୁ ରୋଗୀ ସେବା ବ୍ୟାହତ ହୋଇଛି। ତେବେ ଅଣ୍ଡରା ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କ ଡେପୁଟେସନ ଆଦେଶ ବାତିଲ ପାଇଁ ଅଞ୍ଚଳବାସୀ ଦାବି କରିବାର ୨ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ରୋଗୀ ସେବାରୁ ବଂଚିତ ଧୋୟାଞ୍ଚଳବାସୀ ବାଧ୍ୟ ହୋଇ ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ତରଡ଼ିପାଳ ସମିତିସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କୁଳମଣି ମଲିକ, ନିରଞ୍ଜନ ସୁନ୍ଦରାୟ, ସନ୍ତୋଷ ତରାଇ, ଗୋପୀନାଥ ଧଳ, ମାନସ ସାମଲ, ରବୀନ୍ଦ୍ର ଧଳ ପ୍ରମୁଖ ଆଜି ଶୁକ୍ରବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଧିକାରୀ (ସିଡ଼ିଏମଓ)ଙ୍କୁ ଭେଟି ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ରୋଗୀ ସେବା ଯୋଗାଇ ଦେବାକୁ ଫାର୍ମାସିଷ୍ଟ ବିକ୍ରମାଦିତ୍ୟ ଦାଶଙ୍କ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲକୁ ହୋଇଥିବା ଡେପୁଟେସନ ଆଦେଶ ବାତିଲ କରି ପୁନଃରାୟ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେବାକୁ ଦାବୀ କରିଛନ୍ତି ।

## ମହିଳାଙ୍କୁ ଝୋଟ ତିଆରି ହସ୍ତଶିଳ୍ପ ତାଲିମ




କେନ୍ଦ୍ରାପଡ଼ା,୧୪।୮(ସଂଚାର ବ୍ୟୁରୋ)ଃ ଝୋଟ ତିଆରି ହସ୍ତଶିଳ୍ପ ତାଲିମ ଶିବିରର ଉଦଘାଟନୀ ଅବସରରେ ଆୟୁଷ୍ମାନ ଫାଉଣ୍ଡେସନ ସାମାଜିକ ଅନୁଷ୍ଠାନ ଓ କଲିକତାର ଆଇସିଏଆରର ମିଳିତ ସହଯୋଗରେ ୩୦ଜଣ ମହିଳାଙ୍କ ପାଇଁ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଅଛି । ଡେରାବିଶ ବିଡିଓ ନମିତା ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ହସ୍ତଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବି ହେବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲିକତାସ୍ଥିତ ଆଇସିଏଆର ସଂସ୍ଥାର ମୁଖ୍ୟ ବୈଜ୍ଞାନିକ ଓ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ନାୟକ ଏବଂ ତାଙ୍କ ପ୍ରତିନିଧି ରମାକାନ୍ତ ମିଶ୍ର, କାନ ରାୟ ପ୍ରାକୃତିକ ତନ୍ତୁ ଝୋଟକୁ ଆଧାର କରି ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀର ପ୍ରସ୍ତୁତି ଓ ଏହାର ବ୍ୟବହାରକୁ ଆଦ୍ଭୁତ କରାଇ ମହିଳାମାନେ କିଭଳି ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ ।

କେନ୍ଦ୍ରାପଡା ଜିଲ୍ଲାରେ ଝୋଟ ଏକ ଅର୍ଥକାରୀ ଫସଲ ହୋଇଥିଲେ ମଧ୍ୟ ଏହାର ଉତ୍ପାଦନ ହ୍ରାସ ପାଉଅଛି । ଏଣୁ ଲୋକଙ୍କ ମଧ୍ୟରେ ଆଗ୍ରହ ମଧ୍ୟ ପରିଲକ୍ଷିତ ହେଉନାହିଁ । ଏହା ଉପରେ ସମ୍ବେଦନଶୀଳ ହେବା ପାଇଁ ଅତିଥିମାନେ ମତପ୍ରକାଶ କରିଥିଲେ।

୨୦ଜଣ ମହିଳା ତାଲିମ ପ୍ରାର୍ଥୀଙ୍କୁ ୧୦ଦିନ ତାଲିମ ନେବା ପାଇଁ ଚୟନ କରାଯାଇଥିଲା । ଆୟୁଷ୍ମାନ ଫାଉଣ୍ଡେସନର ପ୍ରକଳ୍ପ ପ୍ରବନ୍ଧକ ଗିତାଞ୍ଜଳୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସାହୁ, ପୁଷ୍ପତା ପଣ୍ଡା, ସନ୍ତୋଷ କୁମାର ମହାପାତ୍ର, ମନୀଷା ବାରିକ ସହଯୋଗ କରିଥିଲେ । ଆୟୁଷ୍ମାନ ଫାଉଣ୍ଡେସନ ଉତ୍କଳ ଗ୍ରୁପର ମୁଖ୍ୟ ସୁରେଶ ମିଶ୍ର ସାଧୁବାଦ ପ୍ରଦାନ କରିଥିଲେ ।

### କେନାଲ୍ କଂକ୍ରିଟ୍ ଲାଇନିଂ କାମ ନିମ୍ନମାନର ଅଭିଯୋଗ

## ତିନି ମାସରେ ଫାଟି ଆଁ



ବାରିପଦା,୧୪।୮(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ବିଜାତଳା ପଞ୍ଚାୟତର ଖୀଖିଳିଡି ନିକଟରେ ନିର୍ମାଣ ହୋଇଥିବା କେନାଲ୍‌ର କଂକ୍ରିଟ୍ ଲାଇନିଂ ମାତ୍ର ତିନି ମାସ ମଧ୍ୟରେ ଫାଟି ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରାୟ ତିନି ମାସ ପୂର୍ବରୁ କେନାଲ୍‌ର ପାଣି ଯିବା ଅଂଶକୁ କଂକ୍ରିଟ୍ ଲାଇନିଂ କରାଯାଇଥିଲା। ହେଲେ ଏତେ କମ୍ ସମୟ ମଧ୍ୟରେ କଂକ୍ରିଟ୍ ଫାଟି ଭାଙ୍ଗିଯିବାରୁ ନିର୍ମାଣ କାମର ଗୁଣବତ୍ତା ନେଇ ପ୍ରଶ୍ନ ଉଠିଛି।

କେନାଲ୍ ନିର୍ମାଣରେ କେଉଁ ମାନର ସାମଗ୍ରୀ ବ୍ୟବହାର ହୋଇଥିଲା, କଂକ୍ରିଟ୍ ଲାଇନିଂ କେତେ ମୋଟା କରାଯାଇଥିଲା, କାମଟି କେଉଁ ଠିକାଦାରଙ୍କ ଦ୍ୱାରା କରାଯାଇଥିଲା ଏବଂ ନିର୍ମାଣ ସମୟରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଗୁଣବତ୍ତା ଯାଞ୍ଚ କରାଯାଇଥିଲା କି ନାହିଁ— ତାହା ନେଇ ତଦନ୍ତର ଆବଶ୍ୟକତା ରହିଛି।

ଏହି ଘଟଣାର ତୁରନ୍ତ ତଦନ୍ତ କରି ନିର୍ମାଣ କାମର ମାନ ଯାଞ୍ଚ କରିବାକୁ ମାସା ସଂଗଠନର ଜିଲ୍ଲା ସମ୍ପାଦକ ହାଡ଼ିବନ୍ଧୁ ଟୁଡୁ ଦାବି କରିଛନ୍ତି। ନିର୍ମାଣ କାମରେ ଅନିୟମିତତା ହୋଇଥିଲେ ତାହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ତଦନ୍ତ କରାଯାଇନଥିଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ହାଡ଼ିବନ୍ଧୁ ଟୁଡୁ ମତ ପ୍ରକାଶ କରିଛନ୍ତି।

## ବିଜେପି ପକ୍ଷରୁ ନୀଳଗିରି ସହରରେ ମଶାଲ ଶୋଭାଯାତ୍ରା




ନୀଳଗିରି,୧୪।୮(ସଂଚାର ବ୍ୟୁରୋ)ଃ ଭାରତର ଅକ୍ଷୁର୍ଣ୍ଣତା ବଜାଇ ରଖିବା ଉଦ୍ଦେଶ୍ୟରେ ନୀଳଗିରି ବିଜେପି ପକ୍ଷରୁ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା ଙ୍କ ନେତୃତ୍ୱରେ ସନ୍ଧ୍ୟା ୭ଘଟିକା ସମୟ ରେ ଜଗନ୍ନାଥ ମନ୍ଦିର ନିକଟ ରୁ ଏକ ମଶାଲ ଯାତ୍ରା ବାହାରି ନୀଳଗିରି ସହରର କଚେରୀ ବଜାର ନିକଟରେ ଶେଷ ହୋଇଯାଇଛି। ଉକ୍ତ କାର୍ଯ୍ୟ କ୍ରମ ରେ ନୀଳଗିରି ମାନ୍ୟବର ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ସମର ଶଙ୍କର କାନୁନଗୋ,ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ନଗର ମଣ୍ଡଳ ସଭାପତି ସୂର୍ଯ୍ୟ କାନ୍ତ ବିଶ୍ୱାଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି ପ୍ରମୁଖ ନିଜ ବକ୍ତବ୍ୟ ରେ ଭାରତ ର ଅଖଣ୍ଡତା ଅକ୍ଷୁର୍ଣ୍ଣତା ବଜାଇ ରଖିବା ପାଇଁ ମତ ବ୍ୟକ୍ତ କରିଥିଲେ।

# କଟକ ଓଏମପିଠାରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା



କଟକ,୧୪।୮(ସଂଚାର ବ୍ୟୁରୋ): ଓଡ଼ିଶା ମାଟିର ଗର୍ବ ଗୌରବ ସୁଯୋଗ୍ୟ ସନ୍ତାନ କଳିଙ୍ଗରତ୍ନ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ନିଜ ଭୁବନେଶ୍ୱର ବାସଭବନରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ସମୟରେ କଟକ ଓଏମପି ଛକଠାରେ ବିଜେପି ଯୁବ ନେତା କର୍ପୋରେଟର ଗଗନ ଓଝା ପୂର୍ବତନ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ବରିଷ୍ଠ ବିଜେପି ନେତା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ନୃସିଂହ ଚନ୍ଦ୍ର ମିଶ୍ର, କଟକ ଲୋକସଭା ସାଂସଦଙ୍କ ମହାନଗର ନିଗମ ପ୍ରତିନିଧି ଜ୍ୟୋତିରଞ୍ଜନ ରାୟ, ଆଇନଜୀବୀ କୃଷ୍ଣଚନ୍ଦ୍ର ମଲ୍ଲିକ, ପୂର୍ବତନ କଟକ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ହେମନ୍ତ ସେଠୀ, ଜଗନ୍ନାଥ ମଣ୍ଡଳ ସାଧାରଣ ସମ୍ପାଦକ ତପନ ବେହେରା, ସମାଜସେବୀ ପଦ୍ମଭୂଷଣ ଦାସ, କମଳାକାନ୍ତ ପ୍ରଧାନ, ସଞ୍ଜୟ ଦାସ, ଶିବ ନାରାୟଣ ନାୟକ, ନବ ଦାସ, କେଶବ କୁମାର କୁଣ୍ଡୁ, ରାଜେଶ ମହାରଣା, ହରିହର ସାହୁ, ବିଜୟାନନ୍ଦ ବାରିକ, ବିଶ୍ୱ ବନ୍ଧୁ ପଣ୍ଡା, ପୂର୍ବତନ କର୍ପୋରେଟର ସୁଧା ନାୟକ, କୈଳାସ ବସ୍ତିଆ, ପ୍ରକାଶ ଦାସ, ଆଇନଜୀବୀ ସଂଗ୍ରାମ ଦାସ, ଗଗନ ବାରିକ, ସତ୍ୟପ୍ରିୟ ଦାସ, ଅମ୍ବିକା ସାମଲ, ରାମଚନ୍ଦ୍ର ବେହେରା, ଅଜୟ କୁମାର ଦାସ, ଜଇରାମ ବାରିକ, ଅମୂଲ୍ୟ ବାରିକ, ମନୋରଞ୍ଜନ ନାୟକ, ଜଲ୍ଲୁ ସେଠୀ, ଅନିଲ ସେଠୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜଗନ୍ନାଥ ବେହେରା, ଶିବଶଙ୍କର ମଲ୍ଲିକ, ରବିନାରାୟଣ ଗୁଇଁ, ସୂର୍ଯ୍ୟକାନ୍ତ ବାରିକ, ଶୁଭମ ହାତୀ, ରଞ୍ଜିତ ନାୟକ, ଚନ୍ଦନ ହାତୀ, ସୁଶୀଲ ସ୍ୱାଇଁ, ରାକେଶ ରାୟଙ୍କ ସହ କଟକର ବହୁ ଯୁବକ ଓ ମହିଳା ଉପସ୍ଥିତ ଥିଲେ।

## ଓଡ଼ିଶା ପର୍ଯ୍ୟଟନ ସେବା ପ୍ରଶିକ୍ଷାର୍ଥୀଙ୍କୁ ଭେଟିଲେ ରାଜ୍ୟପାଳ

# ବୌଦ୍ଧ ପର୍ଯ୍ୟଟନର ସମ୍ଭାବନାକୁ ଗୁରୁତ୍ୱ



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ରାଜ୍ୟର ସମୃଦ୍ଧ ବୌଦ୍ଧ ଐତିହ୍ୟ ଓ ବିବିଧ ପର୍ଯ୍ୟଟନ ସମ୍ଭାବନା ଭାରତ ତଥା ପଡ଼ୋଶୀ ଦେଶମାନଙ୍କରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସୁଯୋଗ ରଖିଥିବାରୁ ଏ ଦିଗରେ ଅଧିକ ଧ୍ୟାନ ଦେବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଆଜି ଲୋକ ଭବନର ଅଭିଷେକ ହଲଠାରେ ଓଡ଼ିଶା ପର୍ଯ୍ୟଟନ ସେବା (ଓଟିଏସ୍) କ୍ୟାଡରର ୧୭ ଜଣ ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି ଆଲୋଚନା ସମୟରେ ରାଜ୍ୟପାଳ ଧଉଳି, ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ଜିରାଙ୍ଗ ଭଳି ପ୍ରମୁଖ ବୌଦ୍ଧ ସ୍ଥଳୀମାନଙ୍କ ବିଷୟରେ ଉଲ୍ଲେଖ କରି ସ୍ଥାନଗୁଡ଼ିକର ବିଶିଷ୍ଟ ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ରାଟ ଅଶୋକ ଓ କଳିଙ୍ଗ ଯୁଦ୍ଧ ସହ ଜଡ଼ିତ ଧଉଳିକୁ ବୌଦ୍ଧ ଶାନ୍ତି ଓ ଐତିହ୍ୟର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରଚାର କରାଯାଇପାରେ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଥିଲେ।

ରତ୍ନଗିରି ଓ ଉଦୟଗିରିର ପ୍ରାଚୀନ ମଠ, ସ୍ତୂପ ଓ ଭାସ୍କର୍ଯ୍ୟ ଅବଶେଷ ପାଇଁ ଜଣାଶୁଣା ହୋଇଥିବାରୁ ସେଠାରେ ସମୃଦ୍ଧ ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଅନୁଭୂତି ମିଳିଥାଏ। ସେହିଭଳି ଓଡ଼ିଶାର ଅନ୍ୟତମ ପ୍ରାଚୀନ ବୌଦ୍ଧ କେନ୍ଦ୍ର ଲଳିତଗିରିରେ ଐତିହ୍ୟ ପର୍ଯ୍ୟଟନ ପାଇଁ ପ୍ରଚୁର ସମ୍ଭାବନା ରହିଛି। ତିବ୍ବତୀୟ ବୌଦ୍ଧ ମଠ ଓ ମନୋରମ ପ୍ରାକୃତିକ ପରିବେଶ ଯୋଗୁଁ ଜିରାଙ୍ଗ ମଧ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଭୂତି ଅନ୍ୱେଷଣ କରୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ। ଏହି ଗନ୍ତବ୍ୟସ୍ଥଳୀମାନଙ୍କର ଉପଯୁକ୍ତ ବିକାଶ ଓ ପ୍ରଚାର ଦ୍ୱାରା ନେପାଳ ଓ ଭୁଟାନ ଭଳି ପଡ଼ୋଶୀ ଦେଶ ସହ ଭାରତର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରାଯାଇପାରିବ। କୋରାପୁଟ ଜିଲ୍ଲାର ଦେଓମାଳୀ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହେବାର ବିପୁଳ ସମ୍ଭାବନା ରଖିଛି। ଏ ଦିଗରେ ପର୍ଯ୍ୟଟନ ସ୍ଥଳୀମାନଙ୍କ ଚତୁଃପାର୍ଶ୍ୱରେ ଉତ୍ତମ ସଡ଼କ ସଂଯୋଗ, ଗୁଣବତ୍ତାସମ୍ପନ୍ନ ରହଣି ବ୍ୟବସ୍ଥା ଓ ଖାଦ୍ୟ ସୁବିଧା ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ଯୁବ ପର୍ଯ୍ୟଟନ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ରାଜ୍ୟପାଳ କହିଥିଲେ ଯେ ସେମାନେ ସୃଜନଶୀଳ ଚିନ୍ତା କରନ୍ତୁ ଓ ଓଡ଼ିଶାର ସାଂସ୍କୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ପ୍ରାକୃତିକ ଆକର୍ଷଣଗୁଡ଼ିକର ପ୍ରଚାର ପ୍ରସାର ପାଇଁ ନୂତନ ଧାରଣା ଆଣନ୍ତୁ, ଯାହାଦ୍ୱାରା ପର୍ଯ୍ୟଟନ ରାଜ୍ୟର ଅର୍ଥନୀତିକୁ ଅଧିକ ମଜବୁତ କରିବ। ଏହି ଆଲୋଚନା ସମୟରେ ରାଜ୍ୟପାଳ ପ୍ରଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମ ଓ ପ୍ରଶିକ୍ଷଣ ଅନୁଭୂତି ବିଷୟରେ ମଧ୍ୟ ପଚାରି ବୁଝିଥିଲେ।

# ୧୭ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୧୪।୮ (ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହା ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ।

## ରେଭେନ୍ସା ଅଧ୍ୟାପକଙ୍କୁ ବିଧାୟକଙ୍କ ଅପମାନିତ ଘଟଣା

# ବାଚସ୍ପତିଙ୍କୁ ରେଭେନ୍ସା ବିକାଶ ଅଭିଯାନର ସ୍ମାରକପତ୍ର



କଟକ, ୧୪।୮ (ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନଧିକାର ପ୍ରବେଶ କରି କୁଳପତି ଓ ଛାତ୍ରମାନଙ୍କ ଉପସ୍ଥିତିରେ କଟକ ସଦର ବିଧାୟକ ବରିଷ୍ଠ ଅଧ୍ୟାପକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଅପମାନିତ କରିବା ଘଟଣା ବହୁଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ବିଧାୟକଙ୍କ ବିରୋଧରେ କୁଳପତି କିମ୍ବା ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଅନ୍ୟପଟରେ ରାଜନୈତିକ ଚାପ ଆଗରେ ଆତ୍ମସମର୍ପଣ କରି ବିଧାୟକଙ୍କ ଅସୌଜନ୍ୟମୂଳକ ଆଚରଣର ପ୍ରତିବାଦ କରିଥିବା ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ବିଭିନ୍ନ ହଷ୍ଟେଲ ଦାୟିତ୍ୱରୁ କୁଳପତି ଅନ୍ତର କରି ଦେଇଛନ୍ତି। କୁଳପତି ଓ ରାଜ୍ୟ ସରକାରଙ୍କ ଏଭଳି କାମକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ରେଭେନ୍ସା ସିନେଟ୍ ସଭ୍ୟ ଭାବରେ ଦାଗୀ ବିଧାୟକଙ୍କ ମନୋନୟନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଶୁକ୍ରବାର ସଂଗଠନ ପକ୍ଷରୁ ବିଧାନସଭାର ବାଚସ୍ପତିଙ୍କୁ କଟକ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ଆଇନଜୀବୀ ସୁକାନ୍ତ ନାୟକ, ବିଶିଷ୍ଟ କର୍ମଚାରୀ ନେତା ପ୍ରତାପ ଦାସ, ବସ୍ତିନେତା ଖଗେଶ୍ୱର ସେଠୀ, ଅରବିନ୍ଦ ମଲ୍ଲିକ, ଯୁଗଳ ନାୟକ, ନିର୍ମଳ କୁମାର ସାମଲ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଗାଁ ନାଳରେ କୁମ୍ଭୀର, ଲୋକେ ଭୟଭୀତ

କଟକ, ୧୪।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ ନରସିଂହପୁର ଗାଁର ଏକ ନାଳରେ ଗୋଟିଏ କୁମ୍ଭୀରକୁ ଦେଖି ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ଗାଁର କାଳିକା ମନ୍ଦିର ସାମ୍ନାରେ ଥିବା ସିଆରିଆ ନାଳରେ ଏକ ବିଶାଳକାୟ କୁମ୍ଭୀର ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ବନ୍ୟାଜଳ ସ୍ରୋତରେ କୁମ୍ଭୀରଟି ନାଳକୁ ଭାସି ଆସିଥିବା କୁହାଯାଉଛି। ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ତୁରନ୍ତ ବନ ବିଭାଗ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। କୁମ୍ଭୀରଟିକୁ ଠାବ କରି ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ଜାରି ରହିଛି। କୁମ୍ଭୀରକୁ ଉଦ୍ଧାର କରିବା ଜାରି ରହିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ କଡ଼ା ସତର୍କ କରାଯାଇଛି।

# ଟ୍ୱିଟ୍ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବିରୋଧୀ ଦଳ ନେତା



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ଲଗାଣ ବର୍ଷା କାରଣରୁ ଓଡ଼ିଶାର ଅନେକ ଜିଲ୍ଲାରେ ଏକାଧିକ ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶା ସରକାର ଅତ୍ୟନ୍ତ ଦକ୍ଷତାର ସହ ତା'ର ମୁକାବିଲା ଓ ପରିଚାଳନା କରୁଛନ୍ତି। ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ବିଜେପିର ସମସ୍ତ ସାଂସଦ, ବିଧାୟକ, ବିଜେପି ରାଜ୍ୟ ସଭାପତିଙ୍କ ପର୍ଯ୍ୟନ୍ତ ସଭିଏଁ ବିଭିନ୍ନ ଅଞ୍ଚଳ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରୁଛନ୍ତି। ସେସବୁ ଅଞ୍ଚଳରେ କିପରି ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚିବ, ଲୋକମାନେ କିପରି ସୁରକ୍ଷିତ ରହିବେ, ସେସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ଦକ୍ଷତାର ସହ ସରକାର ଏବଂ ସଂଗଠନ ତରଫରୁ କରାଯାଉଛି। କିନ୍ତୁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ବସି କିଛି ଅନୁଧ୍ୟାନ ନ କରି କେବଳ ଟ୍ୱିଟ୍ କରୁଛନ୍ତି ବୋଲି ଏକ ପ୍ରେସ୍ ବାର୍ତ୍ତାରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଶ୍ରୀ ପଟ୍ଟନାୟକ ଜାଣିବା ଦରକାର ଯେ କେବଳ ଟ୍ୱିଟ୍ କଲେ ତାଙ୍କର କାମ ସରିବ ନାହିଁ। ଓଡ଼ିଶାବାସୀ ସବୁ ଦେଖୁଛନ୍ତି। ଓଡ଼ିଶାବାସୀ ଦୀର୍ଘ ସମୟ ଧରି ତାଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ ଓ ଆଜି ମଧ୍ୟ ବିରୋଧୀ ଦଳ ନେତା ଆସନରେ ବସାଇଛନ୍ତି। ବିରୋଧୀ ଦଳର ନେତା ହିସାବରେ ମଧ୍ୟ ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତାଙ୍କର ନୈତିକ ଦାୟିତ୍ୱ ହେଉଛି ଲୋକଙ୍କ ପାଖରେ ପହଞ୍ଚିବା ଓ ସେମାନଙ୍କ ସୁବିଧା ଅସୁବିଧାରେ ଠିଆ ହେବା, ଯଦି କୌଣସି ସମସ୍ୟା ରହିଛି ତାକୁ ସୁଧାରିବାକୁ ଚେଷ୍ଟା କରିବା। ମାତ୍ର ଲୋକଙ୍କ ସମସ୍ୟାକୁ ସେ ଗୁରୁତ୍ୱ ଦେଉନାହାନ୍ତି। ଚଳିତ ବର୍ଷ ଓଡ଼ିଶାରେ ବାରମ୍ବାର ବନ୍ୟା ଆସିଲା ପରେ ମଧ୍ୟ ଦିନେ ହେଲେ ସେ ଘରୁ ବାହାରି ନାହାନ୍ତି, କୌଣସି ବନ୍ୟାପ୍ଲାବିତ ଅଞ୍ଚଳକୁ ଗସ୍ତ କରିନାହାନ୍ତି। କୁଆଡ଼େ ନ ଯାଇ ଲୋକଙ୍କ ସୁବିଧା ଅସୁବିଧାରେ ଠିଆ ନ ହୋଇ କେବଳ ଟୁଇଟ୍ କରି ଯଦି କାମ ସାରିଦେବେ ବୋଲି ଭାବୁଛନ୍ତି, ତା'ହେଲେ ତାକୁ ଓଡ଼ିଶାବାସୀ କେବେ ଗ୍ରହଣ କରିବେ ନାହିଁ। ଓଡ଼ିଶାବାସୀ ଅତ୍ୟନ୍ତ ସଚେତନ। ବିରୋଧୀ ଦଳ ନେତାଙ୍କ ଏପ୍ରକାର ମାନସିକତାକୁ ସମସ୍ତେ ଭଲ ଭାବେ ବୁଝିସାରିଲେଣି। ବନ୍ୟା ସମୟରେ ଘରୁ ନ ବାହାରି ଗଣମାଧ୍ୟମରେ ବାର୍ତ୍ତା ଦେଇ ଓ ଟ୍ୱିଟ୍ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିପରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି, ତାହା ସବୁ ଜାଣିସାରିଲେଣି। ତାଙ୍କର ଏପ୍ରକାର ଅପଚେଷ୍ଟା କେବେ ସଫଳ ହେବ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

## ସାଇବର ସୁରକ୍ଷା ନେଇ ପୁଲିସର ସର୍ବବୃହତ ସଚେତନତା ଅଭିଯାନ

# ୪୦ ଲକ୍ଷ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକଙ୍କ ଅଂଶଗ୍ରହଣ



କଟକ,୧୪।୮(ସଂଚାର ବ୍ୟୁରୋ): ସମାଜରେ ବଢ଼ୁଥିବା ସାଇବର ଅପରାଧର ମୁକାବିଲା କରିବା ସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁରକ୍ଷିତ, ସଚେତନ ଓ ଦାୟିତ୍ୱବାନ ଡିଜିଟାଲ୍ ନାଗରିକ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଆଜି ଏକ ବୃହତ ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନ ଆୟୋଜିତ ହୋଇଛି। କ୍ରାଇମବ୍ରାଞ୍ଚର ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ଅଭିଯାନରେ ରାଜ୍ୟର ୩୫ଟି ପୁଲିସ ଜିଲ୍ଲା ଅନ୍ତର୍ଗତ ୨୦ ହଜାରରୁ ଅଧିକ ବିଦ୍ୟାଳୟ ଓ ୨ ହଜାରରୁ ଅଧିକ ମହାବିଦ୍ୟାଳୟ ଲାଇଭ୍ ୱେବକାଷ୍ଟ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ୪୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ପୁଲିସ କର୍ମଚାରୀ ଅଂଶଗ୍ରହଣ କରି ସାଇବର ସଚେତନତା କ୍ଷେତ୍ରରେ ଓଡ଼ିଶାର ଏକ ନୂଆ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମୟରେ ସାଇବର ଅପରାଧର ବିଭିନ୍ନ ନୂଆ ରୂପ ସାମ୍ନାକୁ ଆସୁଥିବା ବେଳେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅନଲାଇନ୍ ଠକେଇ, ବ୍ଲାକମେଲିଂ ଓ ବିଭିନ୍ନ ପ୍ରକାର ଡିଜିଟାଲ୍ ଶୋଷଣର ଶିକାର ହେଉଛନ୍ତି।

# ବସ୍‌ଷ୍ଟାଣ୍ଡ ସ୍ଥାନ ଚୟନକୁ କଂଗ୍ରେସର ବିରୋଧ




ଭୁବନେଶ୍ୱର, ୧୪।୮ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ବସଷ୍ଟାଣ୍ଡ ସ୍ଥାନ ଚୟନକୁ ନେଇ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇ ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଖୋର୍ଦ୍ଧା ସହରର ବିକାଶ ପାଇଁ ଅଟଳ ବସଷ୍ଟାଣ୍ଡ ଏକ ଅତ୍ୟନ୍ତ ଆବଶ୍ୟକ ପ୍ରକଳ୍ପ। ଏହି ପ୍ରକଳ୍ପକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ କରୁଛି। କିନ୍ତୁ ଦଳର ମତ ହେଉଛି, ଏହା ପ୍ରସ୍ତାବିତ ସ୍ଥାନରେ ନୁହେଁ, ବରଂ ଯେଉଁଠାରେ ଅଧିକ ପରିମାଣର ସରକାରୀ ଜମି ଉପଲବ୍ଧ ଅଛି ଓ ଭବିଷ୍ୟତରେ ବିସ୍ତାରର ସୁବିଧା ରହିବ, ସେହି ସ୍ଥାନରେ ନିର୍ମାଣ କରାଯିବା ଉଚିତ। ବର୍ତ୍ତମାନର ଡିପିଆର ଓ ଲେଆଉଟ୍‌କୁ ପୁନଃସମୀକ୍ଷା କରାଯାଉ। ଯଦି ଆବଶ୍ୟକ ହୁଏ, ଡିପିଆରରେ ପରିବର୍ତ୍ତନ କରି ଅଧିକ ଜମି ଥିବା ସ୍ଥାନରେ ଏକ ଆଧୁନିକ, ସୁବିଧାସମ୍ପନ୍ନ ଓ ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବସଷ୍ଟାଣ୍ଡ ନିର୍ମାଣ କରାଯାଉ। ସମ୍ପ୍ରତି ଟେଣ୍ଡର ବାତିଲ ହୋଇଛି। ଏହି ସୁଯୋଗରେ ସରକାର ଜନମତ, ବିଶେଷଜ୍ଞଙ୍କ ମତାମତ ଓ ଯାତାୟାତର ଭବିଷ୍ୟତ ଚାହିଦାକୁ ବିଚାର କରି ଏକ ଉପଯୁକ୍ତ ସ୍ଥାନ ଚୟନ କରନ୍ତୁ। କଂଗ୍ରେସର ବିରୋଧ ବସଷ୍ଟାଣ୍ଡ ନିର୍ମାଣକୁ ନୁହେଁ, ବରଂ ଏହାର ସ୍ଥାନ ଚୟନକୁ ନେଇ ରହିଛି। ଏନେଇ ରାଜ୍ୟ ସରକାର ଖୋର୍ଦ୍ଧାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପର ଡିପିଆରକୁ ସଂଶୋଧନ କରନ୍ତୁ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ ମଧ୍ୟ ଉପସ୍ଥିତ ଥିଲେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମର କଡ଼ାକଡ଼ି ଅନୁପାଳନକୁ ଗୁରୁତ୍ୱ



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ରାଜ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ବୈଜ୍ଞାନିକ ଓ ଉତ୍ତରଦାୟୀ କରିବା ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି। ଉତ୍ସରୁ ବର୍ଜ୍ୟ ପୃଥକୀକରଣ, ବୈଜ୍ଞାନିକ ପ୍ରକ୍ରିୟାକରଣ, ନିୟାମକ ଅନୁପାଳନର କଡ଼ାକଡ଼ି ପ୍ରବର୍ତ୍ତନ, ବଲ୍କ ୱେଷ୍ଟ ଜେନେରେଟରମାନଙ୍କ ଉତ୍ତରଦାୟିତ୍ୱ ଏବଂ ଅଣଆନୁଷ୍ଠାନିକ ବର୍ଜ୍ୟ ସଂଗ୍ରହକାରୀଙ୍କୁ ଆନୁଷ୍ଠାନିକ ବ୍ୟବସ୍ଥାରେ ସାମିଲ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୨୬' ତଥା ଅନ୍ୟାନ୍ୟ ନିୟାମକ ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟାନ୍ୱୟନ ନେଇ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୨୬' ସହ ସମନ୍ୱୟ ରକ୍ଷା କରି ରାଜ୍ୟର ବିଦ୍ୟମାନ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନୀତି, ରଣନୀତି ଓ ବାଇ-ଲ'କୁ ସଂଶୋଧନ କରିବାକୁ ନିଷ୍ପତ୍ତି ହୋଇଛି। ଏହା ମାଧ୍ୟମରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକରେ ବର୍ଜ୍ୟ ପୃଥକୀକରଣ, ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଓ ନିୟମ ଅନୁପାଳନ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରାଯିବ।

ଉତ୍ସରୁ ବାଧ୍ୟତାମୂଳକ ଚାରି-ସ୍ତରୀୟ ବର୍ଜ୍ୟ ପୃଥକୀକରଣ ଓ ପୃଥକ ସଂଗ୍ରହ ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ୭୩ଟି ୟୁଏଲବିରେ ସାନିଟାରୀ ଏବଂ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ବର୍ଜ୍ୟ ପାଇଁ ପୃଥକ ସଂଗ୍ରହ ବ୍ୟବସ୍ଥା ସଂଯୋଜିତ ହୋଇଥିବା ବେଳେ ଅବଶିଷ୍ଟ ୟୁଏଲବିଗୁଡ଼ିକୁ ମଧ୍ୟ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରି ପୃଥକୀକୃତ ବର୍ଜ୍ୟର ଉପଯୁକ୍ତ ସଂଗ୍ରହ ଓ ପରିଚାଳନା ସୁନିଶ୍ଚିତ କରିବାକୁ କୁହାଯାଇଛି।

ବଲ୍କ ୱେଷ୍ଟ ଜେନେରେଟରମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ ଓ ଅନୁପାଳନ ଉପରେ ମଧ୍ୟ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପୋର୍ଟାଲରେ ବଲ୍କ ୱେଷ୍ଟ ଜେନେରେଟରମାନଙ୍କର ବ୍ୟବସ୍ଥିତ ଗଣନା, ବର୍ଗୀକରଣ ଓ ପଞ୍ଜୀକରଣ କରାଯିବ। ନିୟମ ଅନୁଯାୟୀ ସେମାନେ ନିଜ ସ୍ତରରେ ବର୍ଜ୍ୟ ପ୍ରକ୍ରିୟାକରଣ କରିବାକୁ ପଡ଼ିବ। ଯେଉଁମାନେ ନିଜ ସ୍ତରରେ ବର୍ଜ୍ୟ ପ୍ରକ୍ରିୟାକରଣ କରିବାରେ ଅସମର୍ଥ, ସେମାନଙ୍କୁ ସ୍ଥାନୀୟ ପ୍ରଶାସନକୁ ବର୍ଜ୍ୟ ହସ୍ତାନ୍ତର ପୂର୍ବରୁ ସମ୍ପୃକ୍ତ ୟୁଏଲବି ଠାରୁ 'ଏକ୍ସଟେଣ୍ଡେଡ୍ ବଲ୍କ ୱେଷ୍ଟ ଜେନେରେଟର୍ସ ରେସପନସିବିଲିଟି' ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ।

# ଖଣିଜ ରାଜସ୍ୱ ଅଧିକାର ନେଇ କେନ୍ଦ୍ରକୁ ନବୀନଙ୍କ ଟାର୍ଗେଟ୍



- ସର୍ବଦଳୀୟ ବୈଠକ ଓ ସ୍ୱତନ୍ତ୍ର ଅଧିବେଶନ ଦାବି
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ କରିବାକୁ ଦାବି

ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ସଂଶୋଧନ ବିଲ୍, ୨୦୨୬ ସଂସଦରେ ପାରିତ ହେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ସଂଶୋଧନ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତା ଓ ପ୍ରାକୃତିକ ସମ୍ପଦ ଉପରେ ସାମ୍ବିଧାନିକ ଅଧିକାର ପ୍ରତି ଗୁରୁତର ବିପଦ ବୋଲି ଦର୍ଶାଇ ଶ୍ରୀ ପଟ୍ଟନାୟକ ଏଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ରାଜ୍ୟସଭାରେ ବିଜେଡି ସାଂସଦମାନେ ଏହି ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ। ସଂଶୋଧନରେ ଥିବା ବ୍ୟବସ୍ଥା ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶା ଭଳି ରାଜ୍ୟଗୁଡ଼ିକୁ ଅସମାନ ଭାବେ ପ୍ରଭାବିତ କରିବ ଓ ଏହାଦ୍ୱାରା ରାଜ୍ୟର ବ୍ୟାପକ ରାଜସ୍ୱ କ୍ଷତି ହେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନବୀନଙ୍କ ଅଭିଯୋଗ ଅନୁଯାୟୀ, ସଂଶୋଧନ ଦ୍ୱାରା ମାଇନ୍ ନିୟନ୍ତ୍ରଣ ସହ 'ମିନେରାଲ ବିୟରିଂ ଲ୍ୟାଣ୍ଡ'କୁ ମଧ୍ୟ ଅନ୍ତର୍ଭୁକ୍ତ କରି କେନ୍ଦ୍ରର ନିୟନ୍ତ୍ରଣ ବଢ଼ାଯାଇଛି। ଏଥିସହ ଧାରା ୯-ଡି' ଅନୁଯାୟୀ ରାଜ୍ୟ ସରକାର ଖଣିଜ ଅଧିକାର କିମ୍ବା ଖଣିଜ ବହନ କରୁଥିବା ଜମି ଉପରେ ଟିକସ, ସେସ୍ କିମ୍ବା ଅନ୍ୟାନ୍ୟ ଶୁଳ୍କ ଲାଗୁ କରିବାରୁ ବାରଣ କରାଯାଇଛି। ଧାରା ୧୩ ମାଧ୍ୟମରେ ଖଣିଜ ଉପରେ ରାଜ୍ୟଗୁଡ଼ିକର ଟିକସ ଲାଗୁ କରିବାର କ୍ଷମତାକୁ ସୀମିତ କରିବା ପାଇଁ କେନ୍ଦ୍ରକୁ ଅଧିକାର ଦିଆଯାଇଥିବା ସେ ଦର୍ଶାଇଛନ୍ତି।

ଏହି ପରିପ୍ରେକ୍ଷୀରେ ନବୀନ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଓଡ଼ିଶାର ସଂଘୀୟ ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ପାଇଁ ଏକମତ ହେବାକୁ ଅନୁରୋଧ କରିଛନ୍ତି। ଏଥିସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂଶୋଧନ ଆଇନକୁ ବିରୋଧ କରି ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ସେ ଦାବି କରିଛନ୍ତି। ଏହା କେବଳ ଦଳୀୟ ରାଜନୀତିର ପ୍ରସଙ୍ଗ ନୁହେଁ; ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ବିକାଶ ସହ ଏହା ସିଧାସଳଖ ଜଡ଼ିତ। କେନ୍ଦ୍ର ଯଦି ଖଣିଜ ସମ୍ପଦ ଓ ଏହା ଉପରେ ସେସ୍ ଲାଗୁ କରିବାର ରାଜ୍ୟର ଅଧିକାର ହ୍ରାସ କରେ, ତେବେ ଖଣିଜ ସମ୍ପଦର ଲାଭ ଅନ୍ୟତ୍ର ଯାଇଥିବା ବେଳେ ପ୍ରଦୂଷଣ, ବିସ୍ଥାପନ ଓ ଖଣି ଖନନର ଭାର ଓଡ଼ିଶା ଉପରେ ରହିଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

# ଓଡ଼ିଶା ଅମଲା ସଂଘ ପକ୍ଷରୁ ସରକାରଙ୍କୁ ସାଧୁବାଦ

ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ପୁରୁଣା ଥଇଥାନ ନୀତି ଅନୁସାରେ ରାଜ୍ୟ ସରକାରୀ କର୍ମଚାରୀ ମୃତ୍ୟୁବରଣ କରୁଥିଲେ ସେମାନଙ୍କ ପରିବାରର ଲୋକ ଅତ୍ୟନ୍ତ ଦୁଃଖ ଓ କଷ୍ଟରେ କାଳାତିପାତ କରୁଥିଲେ। ସେମାନଙ୍କ ଥଇଥାନ ଓ ଏ ସଂକ୍ରାନ୍ତୀୟ ଦାବିକୁ ବିଚାର କରିବାକୁ ଓଡ଼ିଶା ଅମଲା ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାର ଉକ୍ତ ପ୍ରସ୍ତାବ ଗ୍ରହଣ କରିଥିବାରୁ ରାଜ୍ୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ସଭା ସାଂସଦ ସମସ୍ତ ମନ୍ତ୍ରିମଣ୍ଡଳ ଓ ମୁଖ୍ୟ ଶାସନ ସଚିବଙ୍କୁ ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଉକ୍ତ ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ, ମୃତ୍ୟୁବରଣ କରିଥିବା ସରକାରୀ କର୍ମଚାରୀଙ୍କ ପରିବାରର ଦୁଃଖ ଦୂର ହୋଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ସମସ୍ତ ସରକାରୀ କର୍ମଚାରୀଙ୍କ ପରିବାର ନିମନ୍ତେ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ରାଜ୍ୟ ସରକାର ଓଡିଶା ଅମଲା ସଂଘର ଅନ୍ୟାନ୍ୟ ଦାବି ପୂରଣ ନିମନ୍ତେ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲାସ୍ତରୀୟ ଅମଲାମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟକ ପଦବୀ ପରିବର୍ତ୍ତନ କରାଯାଇ ଲେଭୁଲ୍ ୯ ସହ ନୋସନାଲ ବେନିଫିଟ ପ୍ରଦାନ, ସମସ୍ତ ବର୍ଗର କର୍ମଚାରୀମାନଙ୍କ ଭଳି ଜିଲ୍ଲା ଅମଲାମାନଙ୍କ ନିମନ୍ତେ ଗୋଟିଏ କ୍ୟାଡର ଗଠନ, ପ୍ରମୋସନ ପୋଷ୍ଟ ବୃଦ୍ଧି, ସମସ୍ତ ସରକାରୀ କର୍ମଚାରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବୀମା ସୁବିଧା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି।

# ପ୍ୟାକ୍ସ ଓ ଲ୍ୟାମ୍ପସ ଅଧିକାରୀଙ୍କ ପ୍ରଶିକ୍ଷଣ ଆରମ୍ଭ



**ପ୍ରଶିକ୍ଷିତ ହେବେ ୨,୭୧୧ ପ୍ୟାକ୍ସ; ୫୪୨୨ ଲ୍ୟାମ୍ପସ୍ ଅଧିକାରୀ**

ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): ଓଡ଼ିଶାର ସମବାୟ କ୍ଷେତ୍ରକୁ ଅଧିକ ଆଧୁନିକ, ପ୍ରଯୁକ୍ତିନିର୍ଭର, ସ୍ୱଚ୍ଛ, ଦକ୍ଷ ଓ ଆତ୍ମନିର୍ଭର କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅଧିକାରୀଙ୍କ ପାଇଁ ଓଏସ୍‌ସିଆଇଟି ମାଧ୍ୟମରେ ଆଇଟି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଲୋକସେବା ଭବନସ୍ଥିତ ଷ୍ଟେଟ କନଭେନସନ ସେଣ୍ଟରରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ୟାକ୍ସ/ଲ୍ୟାମ୍ପସ୍ ଅଧିକାରୀମାନେ ନିଜ ନିଜ ଏଏଲ୍‌ସିରୁ ଭର୍ଚୁଆଲ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମବାୟ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ଦ୍ୱାରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। କାର୍ଯ୍ୟକ୍ରମରେ ରାଜ୍ୟର ୨,୭୧୧ଟି ପ୍ୟାକ୍ସ/ଲ୍ୟାମ୍ପସ୍‌ରୁ ୫,୪୨୨ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି। ପ୍ରତ୍ୟେକ ପ୍ୟାକ୍ସ/ଲ୍ୟାମ୍ପସ୍‌ରୁ ଦୁଇ ଜଣ ଅଧିକାରୀଙ୍କୁ ଏଥିରେ ସାମିଲ କରାଯାଉଛି। ପ୍ରଶିକ୍ଷଣ ପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି ଓ ଆଜିଠାରୁ ପ୍ରଶିକ୍ଷଣର ଔପଚାରିକ ଶୁଭାରମ୍ଭ ହୋଇଛି। ରାଜ୍ୟବ୍ୟାପୀ ୫୪୦ଟି ଓକେସିଏଲ୍ ଅଧିକୃତ ଶିକ୍ଷା କେନ୍ଦ୍ର (ଏଏଲ୍‌ସି) ମାଧ୍ୟମରେ ଏହି ପ୍ରଶିକ୍ଷଣ ଦିଆଯାଉଛି। ଏହା ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ପ୍ୟାକ୍ସ/ଲ୍ୟାମ୍ପସ୍ ଅଧିକାରୀମାନେ ନିଜ ଅଞ୍ଚଳ ନିକଟସ୍ଥ ଏଏଲ୍‌ସିରୁ ପ୍ରଶିକ୍ଷଣ ଗ୍ରହଣ କରିପାରିବେ। ବର୍ତ୍ତମାନ ସମବାୟ ବିଭାଗ ପକ୍ଷରୁ ପ୍ୟାକ୍ସର ନ୍ୟାସନାଲ୍ ଲେଭେଲ୍ ପ୍ୟାକ୍ସ ସଫ୍ଟୱାର୍ (ଏନ୍‌ଏଲ୍‌ପିଏସ୍)/ଇଆର୍‌ପି ଆଧାରିତ ଡିଜିଟାଲ୍ ରୂପାନ୍ତରଣ, ନିବନ୍ଧକ, ସମବାୟ ସମିତିଙ୍କ କାର୍ଯ୍ୟାଳୟର କମ୍ପ୍ୟୁଟରୀକରଣ ଓ ସମବାୟ କାର୍ଯ୍ୟାଳୟର ରେକର୍ଡ ଡିଜିଟାଇଜେସନ୍ ଭଳି ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଓଏସ୍‌ସିଆଇଟି ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅଧିକାରୀମାନଙ୍କୁ ମୌଳିକ କମ୍ପ୍ୟୁଟର ଜ୍ଞାନ, ଡିଜିଟାଲ୍ କାର୍ଯ୍ୟପ୍ରଣାଳୀ ଓ ଆଇଟି ଉପକରଣର ବ୍ୟବହାରରେ ଦକ୍ଷ କରିବା, ଯାହା ଫଳରେ ସମବାୟ ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଅଧିକ ଦ୍ରୁତ, ସ୍ୱଚ୍ଛ ଓ ଦକ୍ଷ ହୋଇପାରିବ। ୨,୭୧୧ଟି ପ୍ୟାକ୍ସ ଓ ୫,୪୨୨ ଜଣ ଲ୍ୟାମ୍ପସ୍ ଅଧିକାରୀଙ୍କୁ ନେଇ ଏପରି ବୃହତ୍ ପରିସରର ଡିଜିଟାଲ୍ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଭାରତରେ କୌଣସି ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରଥମ ପଦକ୍ଷେପ। ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଅନୁକରଣୀୟ ମଡେଲ୍ ହୋଇପାରିବ। ଏହି ଅବସରରେ କମିଶନର ତଥା ସଚିବ, ସମବାୟ ବିଭାଗ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ନିବନ୍ଧକ ମନୀଷ ଅଗ୍ରୱାଲ, ସମବାୟ ସମିତିର ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ ଉପସ୍ଥିତ ଥିଲେ।

# ଗରିମା ଯୋଜନାରେ ସାକାର ହେଲା ସ୍ୱପ୍ନ

## ସଂଘର୍ଷରୁ ସ୍ୱାଭିମାନ ଆଡ଼କୁ ରାଜ୍ୟର ପ୍ରଥମ ମହିଳା ଡିସ୍ଲଜର



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ): କିଛି ଯାତ୍ରା ସ୍ୱପ୍ନରୁ ଆରମ୍ଭ ହୋଇଥାଏ ତ ଆଉ କିଛି ପ୍ରତିକୂଳ ପରିସ୍ଥିତି ସହ ଜୀବନ ସଂଗ୍ରାମରୁ। ନିଜର ଶିଶୁପୁତ୍ରର ପ୍ରତିପୋଷଣ ଓ ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଦିନେ ଯେଉଁ ମା' ନର୍ସିଂହୋମରେ ପାଇଖାନା ସଫା କରୁଥିଲେ, ଆଜି ସେ ସାହସ, ସ୍ୱାଭିମାନ ଓ ଏକ ନୂତନ ଆରମ୍ଭର ପ୍ରତୀକ ସାଜିଛନ୍ତି। କଟକର ଝୁନୁଲତା ନାୟକ କଠିନ ଜୀବନ ସଂଗ୍ରାମର ପ୍ରକୃତ ମାନେ ବୁଝନ୍ତି। ସ୍ୱାମୀ ଛାଡ଼ିଯିବା ପରେ ନିଜର ୭ ବର୍ଷର ପୁଅ ପାଇଁ ସେ ଏକମାତ୍ର ସାହାରା ପାଲଟିଥିଲେ। ପରିବାର ପ୍ରତିପୋଷଣ ପାଇଁ ସେ ଏକ ନର୍ସିଂହୋମରେ ଶ୍ରମଭିତ୍ତିକ ସଫେଇ କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟ କଷ୍ଟଦାୟକ ଥିଲା ଓ ଏଥିରେ ନା ଥିଲା କାର୍ଯ୍ୟକ୍ଷେତ୍ରର ନିରାପତ୍ତା, ନା ଥିଲା କୌଣସି ନିୟମିତ ଆୟ କିମ୍ବା ପେସାଗତ ପରିଚୟ। ତଥାପି ସେ ହାର୍ ନ ମାନି ନିଜ ପୁଅର ଲାଳନପାଳନ ଓ ସଂସାର ଚଳାଇବାର ଦାୟିତ୍ୱ ନିଜ କାନ୍ଧରେ ନେଇଥିଲେ।

ତା'ପରେ ଆସିଲା ଏକ ଏପରି ସୁଯୋଗ, ଯାହା ତାଙ୍କ ଜୀବନର ମୋଡ଼ ବଦଳାଇଦେଲା। ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ଗରିମା' ଯୋଜନା ମାଧ୍ୟମରେ ଝୁନୁଲତା କଟକ ମହାନଗର ନିଗମ (କେଏମସି) ଦ୍ୱାରା ଅନସାଇଟ୍ ପରିମଳ ବ୍ୟବସ୍ଥାର ଡିସ୍ଲଜିଂ ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ଗ୍ରହଣ କଲେ। ମୁଖ୍ୟ ପରିମଳ କର୍ମଚାରୀମାନଙ୍କୁ ସୁରକ୍ଷିତ କାର୍ଯ୍ୟ ପରିବେଶ, ଆତ୍ମସମ୍ମାନ, ଦକ୍ଷତା ବିକାଶ, ସାମାଜିକ ସୁରକ୍ଷା ଓ ନୂତନ ପେସାଗତ ପରିଚୟ ପ୍ରଦାନ କରି ସେମାନଙ୍କ ଜୀବନରେ ସୁଧାର ଆଣିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଦୃଢ଼ ଇଚ୍ଛାଶକ୍ତି ଓ ସାହସ ବଳରେ ସେ ଡିସ୍ଲଜିଂ କ୍ଷେତ୍ରରେ ପାଦ ଥାପିଲେ ଏବଂ 'ଓଡ଼ିଶାର ପ୍ରଥମ ମହିଳା ଡିସ୍ଲଜର' ହେବାର ଗୌରବ ହାସଲ କଲେ। ତାଙ୍କ ପାଇଁ ଏହା କେବଳ ଗୋଟିଏ ନୂଆ ଜୀବିକା ନ ଥିଲା, ବରଂ ନୂତନ ଆଶାର ସୂର୍ଯ୍ୟୋଦୟ ଥିଲା। ପରିମଳ କର୍ମଚାରୀଙ୍କ ସୁରକ୍ଷା ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଗତ ଜାତୀୟ ଗରିମା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିପଦପୂର୍ଣ୍ଣ ପରିମଳ କାର୍ଯ୍ୟରେ ନିୟୋଜିତ ପ୍ରମୁଖ ପରିମଳ କର୍ମଚାରୀଙ୍କ ପାଇଁ ଜୀବନ ବୀମା ଏବଂ କାର୍ଯ୍ୟରତ ଅବସ୍ଥାରେ ଅପ୍ରତ୍ୟାଶିତ ମୃତ୍ୟୁ ଘଟିଲେ କ୍ଷତିପୂରଣ ସହାୟତା ଘୋଷଣା କରିସାରିଛନ୍ତି। ଏବେ ଏହି ଯାତ୍ରା ଏକ ବୃହତ୍ତର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଛି। ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ଗରିମା କନକ୍ଲେଭ୍-୨୦୨୬, ମିଶନ ଜିରୋ: ପରିମଳ କାର୍ଯ୍ୟରେ ମୃତ୍ୟୁର ସମ୍ପୂର୍ଣ୍ଣ ନିରାକରଣ ଭଳି ଥିମ୍ ଅଧୀନରେ ଏହି ପ୍ରତିବଦ୍ଧତାକୁ ଆଗକୁ ନେବ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ | ଶନିବାର ୧୫ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Saturday 15 August 2026, Bhubaneswar


# ଲାଲକିଲ୍ଲାରୁ ନୂଆ ଇତିହାସ



୨୦୨୬ ଭାରତର ସ୍ୱାଧୀନତା ଦିବସ ଉତ୍ସବ କେବଳ ଏକ ସାଧାରଣ ବାର୍ଷିକୀ ନୁହେଁ। ଏହା ଏକ ଐତିହାସିକ ମୁହୂର୍ତ୍ତ ହେବ, ଯେଉଁଥିରେ ଦିଲ୍ଲୀର ଲାଲକିଲ୍ଲାର ପ୍ରାଚୀରରୁ ପ୍ରଥମ ଥର ପାଇଁ ଜାତୀୟ ଗାନ 'ବନ୍ଦେ ମାତରମ୍' ଗାନ କରାଯିବ, ଏବଂ ତା'ପରେ ହିଁ ଜାତୀୟ ସଙ୍ଗୀତ 'ଜନ ଗଣ ମନ'। ଏହି ପରିବର୍ତ୍ତନ ଭାରତକୁ ଇତିହାସ ରଚନା କରିବାର ପଥରେ ଅଗ୍ରସର କରାଇଛି।

ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୮୭୫ ମସିହାରେ ରଚନା କରିଥିବା 'ବନ୍ଦେ ମାତରମ୍' କେବଳ ଏକ ଗୀତ ନୁହେଁ। ଏହା ସ୍ୱାଧୀନତା ସଂଗ୍ରାମର ଆତ୍ମା। ଅନନ୍ଦମଠ ଉପନ୍ୟାସରେ ସ୍ଥାନ ପାଇଥିବା ଏହି ଗୀତ ଶୀଘ୍ର ସମଗ୍ର ଦେଶରେ ଦେଶଭକ୍ତିର ପ୍ରତୀକ ପାଲଟିଗଲା। ୧୮୯୬ ମସିହାରେ ରବୀନ୍ଦ୍ରନାଥ ଠାକୁର ଏହାକୁ କଂଗ୍ରେସ ଅଧିବେଶନରେ ଗାଇଥିଲେ। ବ୍ରିଟିଶ ଶାସନ ଏହାକୁ ନିଷେଧ କରିଥିଲା, ତଥାପି ଏହା କାରାଗାର, ଗୋପନ ସଭା ଓ ଆନ୍ଦୋଳନରେ ଗୁଞ୍ଜରିତ ହୋଇଥିଲା। ଏହା ମାତୃଭୂମିକୁ ଦେବୀ ରୂପେ ବନ୍ଦନା କରି ଲକ୍ଷ ଲକ୍ଷ ଭାରତୀୟଙ୍କୁ ଉତ୍ସାହିତ କରିଥିଲା।

ସ୍ୱାଧୀନତା ପରେ ୧୯୫୦ ମସିହାରେ ସମ୍ବିଧାନ ସଭା ଜନ ଗଣ ମନକୁ ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରମକୁ ଜାତୀୟ ଗାନ ରୂପେ ସମାନ ସମ୍ମାନ ପ୍ରଦାନ କରିଥିଲା। ତଥାପି ଦୀର୍ଘ ଦିନ ଧରି ଲାଲକିଲ୍ଲାରେ କେବଳ ଜାତୀୟ ସଙ୍ଗୀତ ଗାନ କରାଯାଉଥିଲା। ୧୯୩୭ ମସିହାରେ କେତେକ ବିବାଦ କାରଣରୁ କେବଳ ପ୍ରଥମ ଦୁଇ ପଦ ବ୍ୟବହାର କରାଯାଉଥିଲା। କିନ୍ତୁ ୨୦୨୬ ମସିହାରେ ସରକାର ନୂତନ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁଠି ଦୁଇଟି ଗାନ ଗାନ କରାଯିବ, ସେଠାରେ ପ୍ରଥମେ ବନ୍ଦେ ମାତରମ୍ ଏବଂ ତା'ପରେ ଜନ ଗଣ ମନ। ଏହା ସହିତ ପୂର୍ଣ୍ଣ ଛଅ ପଦର ଗାନ ବାଧ୍ୟତାମୂଳକ କରାଯାଇଛି। ପ୍ରିଭେନ୍ସନ ଅଫ ଇନସଲ୍ଟସ ଟୁ ନ୍ୟାସନାଲ ହନର ଆଇନରେ ସଂଶୋଧନ କରି ବନ୍ଦେ ମାତରମକୁ ମଧ୍ୟ ସମାନ ଆଇନଗତ ସୁରକ୍ଷା ଦିଆଯାଇଛି।

ଏହି ପରିବର୍ତ୍ତନ କେବଳ ପ୍ରତୀକାତ୍ମକ ନୁହେଁ। ଏହା ସ୍ୱାଧୀନତା ସଂଗ୍ରାମର ମୂଳ ଆତ୍ମାକୁ ପୁନର୍ଜୀବିତ କରୁଛି। ୧୫୦ ବର୍ଷ ପୂର୍ଣ୍ଣ ହେଉଥିବା ଏହି ଗୀତକୁ ଲାଲକିଲ୍ଲାରେ ସ୍ଥାନ ଦେଇ ଭାରତ ନିଜ ଇତିହାସକୁ ସମ୍ମାନ ଜଣାଉଛି। ଯୁବ ଶକ୍ତି ଥିମରେ ଆୟୋଜିତ ଏହି ଉତ୍ସବରେ ନୂତନ ପିଢ଼ି ଏହି ଗୀତର ଅର୍ଥ ବୁଝିବେ ଏବଂ ଦେଶପ୍ରେମର ମନ୍ତ୍ର ଗ୍ରହଣ କରିବେ। ବନ୍ଦେ ମାତରମ୍ ମାତୃଭୂମିର ସୌନ୍ଦର୍ଯ୍ୟ, ଶକ୍ତି ଓ ସମୃଦ୍ଧିକୁ ବର୍ଣ୍ଣନା କରେ। ଏହା ସମସ୍ତ ଭାରତୀୟଙ୍କୁ ଏକତ୍ର କରେ। କେତେକେ ଏହାକୁ ରାଜନୈତିକ ପଦକ୍ଷେପ ବୋଲି କହିପାରନ୍ତି। କିନ୍ତୁ ସତ୍ୟ ହେଉଛି ଯେ, ଏହି ଗୀତ କୌଣସି ଧର୍ମ କିମ୍ବା ଦଳର ନୁହେଁ। ଏହା ଭାରତର। ଏହା ସେହି ସମୟର ସ୍ମୃତି ଯେତେବେଳେ ଦେଶ ଦାସତ୍ୱରୁ ମୁକ୍ତି ପାଇବା ପାଇଁ ସଂଘର୍ଷ କରୁଥିଲା। ଆଜି ଯେତେବେଳେ ଭାରତ ବିଶ୍ୱ ମଞ୍ଚରେ ଶକ୍ତିଶାଳୀ ହୋଇ ଉଠୁଛି, ସେତେବେଳେ ନିଜ ମୂଳକୁ ଫେରିବା ଆବଶ୍ୟକ। ଜାତୀୟ ଗାନ ଓ ଜାତୀୟ ସଙ୍ଗୀତ ଉଭୟ ସମାନ ସମ୍ମାନର ଅଧିକାରୀ। ସେମାନଙ୍କ କ୍ରମ ପରିବର୍ତ୍ତନ କେବଳ ଏକ ପ୍ରୋଟୋକଲ୍ ନୁହେଁ, ଏହା ଏକ ସାଂସ୍କୃତିକ ପୁନରୁତ୍ଥାନ।

ଏହି ଐତିହାସିକ ପଦକ୍ଷେପ ଭାରତୀୟଙ୍କୁ ମନେ ପକାଇ ଦେଉଛି ଯେ, ସ୍ୱାଧୀନତା କେବଳ ଏକ ଘଟଣା ନୁହେଁ, ଏହା ଏକ ଚିରନ୍ତନ ଦାୟିତ୍ୱ। ଲାଲକିଲ୍ଲାରୁ ବନ୍ଦେ ମାତରମ୍ ଗୁଞ୍ଜରିତ ହେବା ସମୟରେ ସମଗ୍ର ଦେଶ ଏକ ସ୍ୱରରେ ଯୋଗ ଦେବ। ଏହା ନୂତନ ପିଢ଼ିକୁ ଦେଶପ୍ରେମର ଶିକ୍ଷା ଦେବ ଏବଂ ପୁରୁଣା ପିଢ଼ିକୁ ସ୍ମୃତି ଫେରାଇ ଆଣିବ।

ଭାରତ ଏବେ ଇତିହାସ ରଚନା କରୁଛି। ବନ୍ଦେ ମାତରମର ସ୍ୱର ଜାତୀୟ ସଙ୍ଗୀତ ପୂର୍ବରୁ ଉଠିବା ସହିତ ଦେଶ ନିଜର ସାଂସ୍କୃତିକ ଶିକଡ଼କୁ ଆହୁରି ଦୃଢ଼ କରୁଛି। ଏହି ମୁହୂର୍ତ୍ତ ସମସ୍ତ ଭାରତୀୟଙ୍କ ପାଇଁ ଗର୍ବର ବିଷୟ। ମାତୃଭୂମିକୁ ବନ୍ଦନା କରି ଆମେ ଆଗକୁ ବଢ଼ିବା। ବନ୍ଦେ ମାତରମ୍!

# ସ୍ୱାଧୀନତା ସଂଗ୍ରାମରେ କଟକ ଓ 'ଗୁଣନିଧି ଭବନ'


ବିକ୍ରମ ମହାପାତ୍ର




କଟକ ନଗରୀର ପ୍ରତିଷ୍ଠାଠାରୁ ୧୯୪୭ର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ କଟକ ଏକ ଗୌରବ ଗାରିମାମୟ ଐତିହ୍ୟ ଓ ପରମ୍ପରାର ସ୍ୱାକ୍ଷର ବହନ କରି ଯୁଗେ ଯୁଗେ ଓଡ଼ିଶା ଇତିହାସକୁ ପରିପୁଷ୍ଟ କରି ଆସିଛି। ସ୍ୱାଧୀନତା ଆନ୍ଦୋଳନରେ କଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରରେ ଅନେକ ସଂଗ୍ରାମୀଙ୍କ ଭୂମିକା କ୍ରାନ୍ତିକାରୀପରି ଚିର ଦିନ ପାଇଁ ସ୍ମରଣୀୟ ହୋଇ ରହିବ। କିଏ ତାଙ୍କୁ ସଂଗ୍ରାମୀ କହନ୍ତି ତ ଆଉ କିଏ କୁହନ୍ତି ସତ୍ୟାଗ୍ରହୀ, ଭୂଦାନକର୍ମୀ। କିଏ କୁହେ ଘରଜଗୁଆ ତ କିଏ କୁହେ ମୁଖିଆ। କେତେବେଳେ ଗାନ୍ଧିଜୀଙ୍କ ଲବଣ ସତ୍ୟାଗ୍ରହରେ ତ କେବେ ପୁଣି ଆଚାର୍ଯ୍ୟ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ଆଉ ମା'ରମାଦେବୀଙ୍କ ନିଶା ନିବାରଣ ଅଭିଯାନରେ ସିଏ ଥିଲେ ସକ୍ରିୟ। ଦେଶମାତୃକା ପାଇଁ ସାରା ଜୀବନକୁ ଉତ୍ସର୍ଗ କରି ଦେଇଥିବା ଏହି ମହାନ ବ୍ୟକ୍ତି ଗୁଣନିଧି ମହାନ୍ତିଙ୍କ ତ୍ୟାଗର ଗାଥା ବହନ କରୁଛି ଥୋରିଆ ସାହିସ୍ଥିତ ଗୁଣନିଧି ଭବନ।

୪୨ ମୌଜା ଦେଉଳି ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ଗୁଣନିଧି ମହାନ୍ତିଙ୍କ ଜନ୍ମ। ଜନ୍ମ ତାରିଖ ବିଷୟରେ କିଛି ପ୍ରମାଣ ନଥିଲେ ମଧ୍ୟ ଗୁଣନିଧି ୧୮୮୫ ମସିହାରେ ଜନ୍ମ ହୋଇଥିବା ଜଣାଯାଏ। ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ସରକାରୀ ଚାକିରୀ ଛାଡ଼ି ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ ପାଇଁ ସ୍ୱାକ୍ଷର କରିଥିବା ୨୦ଜଣ ଓଡ଼ିଆଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ। ୧୯୩୪ ମସିହାରେ ବାଲେଶ୍ୱର ଇଞ୍ଚୁଡିରୁ ଆରମ୍ଭ ହୋଇଥିବା ଲବଣ ସତ୍ୟାଗ୍ରହରେ ଗାନ୍ଧିଜୀଙ୍କ କଥା ବୁଝିବାର ଦାୟିତ୍ୱ ତାଙ୍କ କାନ୍ଧରେ ଥିଲା। ସ୍ୱାଧୀନତା ସଂଗ୍ରାମ ସମୟରେ ଅନ୍ନପୂର୍ଣ୍ଣା ମହାରଣା, ମଙ୍ଗଳା ମାଉସୀଙ୍କ ସହିତ ମିଶି ଗୁଣନିଧି ବାବୁ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଚାନ୍ଦା ଆଦାୟକ କରି ସଂଗ୍ରାମୀଙ୍କ ଖାଦ୍ୟପେୟ କଥା ବୁଝୁଥିଲେ। ସ୍ୱାଧୀନତା ପରେ ୧୯୫୦ରେ ଆଚାର୍ଯ୍ୟ ବିନୋବା ଆରମ୍ଭ କରିଥିବା ଭୂଦାନ ଆନ୍ଦୋଳନରେ ସେ ସକ୍ରିୟ ହୋଇଥିଲେ। ୧୯୫୫ ମସିହାରେ ବାଲେଶ୍ୱରରୁ କୋରାପୁଟ ପର୍ଯ୍ୟନ୍ତ ଭୂଦାନ ପଦଯାତ୍ରାରେ ସଂଗ୍ରାମୀ ମହାନ୍ତିଙ୍କ ଉଲ୍ଲେଖନୀୟ ଭୂମିକା ଥିଲା। ଏହା ପୂର୍ବରୁ ବକ୍ସିବଜାର ଥୋରିଆସାହିସ୍ଥିତ ତାଙ୍କ ପୈତୃକ ସମ୍ପତ୍ତିକୁ ସର୍ବୋଦୟ କର୍ମୀଙ୍କ ପାଇଁ ଅର୍ପଣ କରିଥିଲେ। ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏହି ଜମିକୁ ଶ୍ରୀ ମହାନ୍ତି ଭୁବନାନନ୍ଦ ଦାସ, ସ୍ୱାମୀ ବିଚିତ୍ରାନନ୍ଦ ଦାସ, ଗୋପବନ୍ଧୁ ଦାସଙ୍କ ନାମରେ ଦାନ କରିଦେଇଥିଲେ।

ଗୁଣନିଧି ଭବନ ନାମରେ ପରିଚିତ ଏହି ଘର ଅନେକ ଦଶନ୍ଧି ଧରି ଜନସେବାର ପ୍ରାଣକେନ୍ଦ୍ର ଥିଲା। ଏଇଠି ଗୋପବନ୍ଧୁ ଚୌଧୁରୀଙ୍କ ପରିବାର ବହୁ ଦିନ ଧରି ରହିଥିଲେ। ଗୁଣନିଧିଙ୍କ କର୍ମମୟ ଜୀବନ ଏଇଠି ଅତିବାହିତ ହୋଇଥିଲା। ଗୁଣନିଧି କମ୍ ବୟସରୁ ବିପତ୍ନୀକ ହୋଇ ଯାଇଥିଲେ। ସେ ଦେଉଳିସ୍ଥିତ ପୈତୃକ ସମ୍ପତ୍ତିକୁ ଦୁଇ ପୁତୁରାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଶେଷରେ ଡିସେମ୍ବର ୧୭ ତାରିଖ ୧୯୬୧ ମସିହାରେ ଗୁଣନିଧିଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା। ଏବେ ତାଙ୍କ ପ୍ରଦତ୍ତ ଗୁଣନିଧି ଭବନ ଦିନ, ଦୁଃଖୀଙ୍କ ସହାୟତାର କେନ୍ଦ୍ର ପାଲଟିଛି। ଖାଲି ସେତିକି ନୁହେଁ ଏଠାରେ ଉତ୍କଳ ସେର୍ବାଦୟ ମଣ୍ଡଳ, ଉତ୍କଳ ଖଦୀ ମଣ୍ଡଳ, ସର୍ବୋଦୟ ରିଲିଫ୍ କମିଟି, ରମାଦେବୀ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଭଳି ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛି। ଗୁଣନିଧି ମହାନ୍ତିଙ୍କ ସମ୍ପର୍କରେ ସୁମିତ୍ରା ଚୌଧୁରୀ ସ୍ୱର୍ଗତଃ ମନମୋହନ ଚୌଧୁରୀଙ୍କ ପତ୍ନୀ କହନ୍ତି ଯେ ବରୀ ଛାଡ଼ିବା ପରେ ସେ ପରିବାର ସହ ଥୋରିଆସାହି ଗୁଣନିଧି ଭବନରେ ରହୁଥିଲେ। ସେଠାରେ ଗୁଣନିଧି ବାବୁ ମଧ୍ୟ ରହୁଥିଲେ। ଗୁଣନିଧି ବାବୁ ଥିଲେ ଅତ୍ୟନ୍ତ ମଜାଳିଆ ଲୋକ। ରମାଦେବୀ, ଆଚାର୍ଯ୍ୟ ମହାଶୟ, ଗୋପବନ୍ଧୁ ଚୌଧୁରୀ, ଭୁବନାନନ୍ଦ, ବିଚିତ୍ରାନନ୍ଦ ପ୍ରମୁଖ ଖୁବ୍ ଘନିଷ୍ଠ ଥିଲେ। ଗୁଣନିଧି ଖୁବ୍ ଖାଦ୍ୟ ପ୍ରିୟ ଥିଲେ। ବରା ତାଙ୍କର ପ୍ରିୟ ଖାଦ୍ୟ ଥିଲା। ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ଭଲ ପାଉଥିଲେ। ସର୍ବୋପରି ସେ ଜଣେ ମୂଲ୍ୟବୋଧସମ୍ପନ୍ନ ମଣିଷ ଥିଲେ ବୋଲି କହନ୍ତି ସୁମିତ୍ରା ଚୌଧୁରୀ। ଗୁଣନିଧି ମହାନ୍ତି ତାଙ୍କ ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି। ତାଙ୍କର ତ୍ୟାଗ ଓ ବହୁମୁଖୀ ପ୍ରତିଭା ପାଇଁ ଏବେ ବି ଝୁରୁଛି ଥୋରିଆ ସାହିଘର, କଟକ ମାଟି, ସର୍ବୋଦୟ ମଣ୍ଡଳ। ଆଜି ସ୍ୱାଧୀନତା ଦିବସ ଅବସରରେ କଟକ ନଗରୀର ଏହି ଗୁଣନିଧି ଭବନର ଗୌରବମୟ ଭୂମିକା ସମ୍ପର୍କରେ ଓଡ଼ିଶାବାସୀଙ୍କୁ ମନେପକାଇ ସ୍ୱାଧୀନତା ଦିବସର ଅଭିନନ୍ଦନ ସମସ୍ତଙ୍କୁ ଜଣାଉଛୁ।


ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋବାଇଲ୍:୯୪୩୭୦୨୧୬୧୫


# ବିକଶିତ ଭାରତ ଓ ବିକ୍ଷିପ୍ତ ଭାରତ


ଉମା ଶଙ୍କର ପ୍ରସାଦ




ସ୍ୱାଧୀନତାର ୭୫ ବର୍ଷ ପରେ ଭାରତ ଆଜି ଏକ ସଂଧିସ୍ଥଳରେ ଠିଆ ହୋଇଛି। ଗୋଟେ ପଟେ ଆମେ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅର୍ଥନୀତି, ଚନ୍ଦ୍ରରେ ପାଦ ରଖିଥିବା ଚତୁର୍ଥ ଦେଶ, ଡିଜିଟାଲ୍ କ୍ରାନ୍ତିର ନେତା। ଏଇଆ ହେଉଛି 'ବିକଶିତ ଭାରତ' ର ଚିତ୍ର। ଆଉ ଅନ୍ୟ ପଟେ ସମାଜରେ ବଢ଼ୁଥିବା ବିଭେଦ, ସଂସ୍କୃତିର କ୍ଷୟ, ମୂଲ୍ୟବୋଧର ଅବକ୍ଷୟ-ଏଇଆ ହେଉଛି 'ବିକ୍ଷିପ୍ତ ଭାରତ' ର ବାସ୍ତବତା। ବିକାଶ ଓ ବିକ୍ଷେପ, ଏଇ ଦୁଇଟି ସ୍ରୋତ ମଧ୍ୟରେ ଆଜି ଭାରତ ବହୁଛି। ବିକଶିତ ଭାରତଃ-- ସ୍ୱପ୍ନରୁ ସତ୍ୟ ଆଡ଼କୁ 'ବିକଶିତ ଭାରତ ଅ ୨୦୪୭' କେବଳ ଗୋଟେ ସ୍ଲୋଗାନ୍ ନୁହେଁ, ଏହା ୧୪୦ କୋଟି ଲୋକଙ୍କ ସାମୁହିକ ସଂକଳ୍ପ। ଏହାର ଅର୍ଥ ହେଉଛି ଏକ ଆତ୍ମନିର୍ଭର, ସମୃଦ୍ଧ ଓ ବିଶ୍ୱଗୁରୁ ଭାରତ। ଅର୍ଥନୈତିକ ଶକ୍ତିଃ- ଆଜି ଭାରତ ଦୁନିଆର ୫ମ ବୃହତ୍ତମ ଅର୍ଥନୀତି। ଟଚଓ ମାଧ୍ୟମରେ ଗାଁର ପନିପରିବା ବିକାଳୀ ବି ଡିଜିଟାଲ୍ ପେମେଣ୍ଟ ନେଉଛି। ଷ୍ଟାର୍ଟଅପ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଯୋଗୁଁ ଯୁବପିଢ଼ି ଚାକିରି ଖୋଜୁ ନାହାନ୍ତି, ଚାକିରି ସୃଷ୍ଟି କରୁଛନ୍ତି। ଭୁବନେଶ୍ୱର ଭଳି ଦ୍ୱିତୀୟ ସ୍ତର ସହର ରେ ବି ଆଇଟି କମ୍ପାନୀ ଖୋଲୁଛନ୍ତି। ବୈଜ୍ଞାନିକ ପ୍ରଗତିଃ ଓଝଜଙ ର ଚନ୍ଦ୍ରଯାନ-୩ ର ସଫଳତା ଦୁନିଆକୁ ଦେଖାଇଦେଲା ଯେ କମ୍ ଖର୍ଚ୍ଚରେ ବଡ଼ ସଫଳତା ମିଳିପାରେ। କୋଭିଡ୍ ଟିକା 'କୋଭାକ୍ସିନ୍' ଓ 'କୋଭିଶିଲ୍ଡ' ତିଆରି କରି ଆମେ ସାରା ଦୁନିଆକୁ ସାହାଯ୍ୟ କଲୁ। ସେମିକଣ୍ଡକ୍ଟର୍ ମିଶନ୍ ମାଧ୍ୟମରେ ଆମେ ଏବେ ଟେକ୍ନୋଲୋଜିର ଖେଳାଳି ହେବାକୁ ଚାହୁଁଛୁ, କେବଳ ଦର୍ଶକ ନୁହେଁ।ସାଂସ୍କୃତିକ ପୁନରୁତ୍ଥାନ-- ଦୀର୍ଘ ଦିନ ପରେ ଆମେ ଆମ ଗର୍ବକୁ ଫେରି ପାଇଛୁ। କୋଣାର୍କ, ଜଗନ୍ନାଥ, ଓଡ଼ିଶୀ, ଆମ ସଂସ୍କୃତି, ଯୋଗ-ଏସବୁ ଏବେ କେବଳ ପର୍ଯ୍ୟଟନ ନୁହେଁ, ଏହା ଆମ ସଫ୍ଟ ପାୱାର୍। ଏ-୨୦ ସମ୍ମେଳନରେ 'ବସୁଧୈବ କୁଟୁମ୍ବକମ୍' ର ମନ୍ତ୍ର ଦୁନିଆ ଶୁଣିଲା। ବିକଶିତ ଭାରତ ମାନେ କେବଳ କଂକ୍ରିଟ୍ ଜଙ୍ଗଲ ନୁହେଁ, ଏହା ମୂଳ ସହ ଯୋଡ଼ି ହୋଇଥିବା ଆଧୁନିକ ଭାରତ।

୨. ବିକ୍ଷିପ୍ତ ଭାରତ ଭିତରୁ ଛିଣ୍ଡୁଥିବା ଦର୍ପଣ। ବିକ୍ଷିପ୍ତ ଶବ୍ଦର ଅର୍ଥ ଛିଣ୍ଡି ହୋଇଯାଇଥିବା, ବିଭ୍ରାନ୍ତ ଓ ବିକାଶର ଏଇ ଦୌଡ଼ ମଧ୍ୟରେ ଆମ ସମାଜର କିଛି ଗୁରୁତ୍ୱପୂର୍ଣ୍ଣ ଅଂଶ ଛିଣ୍ଡି ଯାଉଛି।ମାନସିକ ଓ ବୈଚାରିକ ବିକ୍ଷେପ-ସୋସିଆଲ୍ ମିଡିଆ ଆମକୁ ଯୋଡ଼ିଲା କିନ୍ତୁ ମନକୁ ଭାଙ୍ଗିଦେଲା। ଆଜି ଆମେ ଧର୍ମ, ଜାତି, ରାଜନୀତି ନାଁରେ ଗୋଷ୍ଠୀରେ ବିଭକ୍ତ। ଗୋଟେ ଖବରକୁ ଦୁଇ ଗୋଷ୍ଠୀ ଦୁଇ ଭଳି ଦେଖନ୍ତି। ତର୍କ ନାହିଁ, କେବଳ ତର୍ଜନୀ। ଏଇ ବୈଚାରିକ ବିକ୍ଷେପ ହିଁ ସବୁଠାରୁ ବଡ଼ ବିପଦ।

ସାଂସ୍କୃତିକ ବିକ୍ଷେପଃ-- ବିଶ୍ୱାୟନର ନାଁରେ ଆମେ ନିଜ ମୂଳକୁ ଭୁଲିବାକୁ ବସିଲୁ। ଭୁବନେଶ୍ୱରର ପିଲା କୋରିଆନ୍ ସିରିଜ୍ ଦେଖୁଛି କିନ୍ତୁ ସାରଳା ଦାସଙ୍କ ମହାଭାରତ ପଢ଼ିନାହିଁ। ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦ ମିଶି ମିଶି ଏହାର ଶୁଦ୍ଧତା ହରାଉଛି। ହସ୍ତଶିଳ୍ପ, ଲୋକନୃତ୍ୟ, ଲୋକକଥା — ଏସବୁ କେବଳ ଯାତ୍ରା ଓ ମେଳାରେ ସୀମିତ ହୋଇଗଲାଣି। ଯେଉଁ ସଂସ୍କୃତି ଆମକୁ ଅନନ୍ୟ କରୁଥିଲା, ତାହା ଆଜି ବିଲୁପ୍ତ ହେବାର ପଥରେ।



ସାମାଜିକ ଓ ନୈତିକ ବିକ୍ଷେପଃ- ମିଳିତ ପରିବାର ଭାଙ୍ଗି ଏକକ ପରିବାର ହେଲା। ଏହା ଖରାପ ନୁହେଁ, କିନ୍ତୁ ସହ ସହ ବୟସ୍କଙ୍କ ପ୍ରତି ସମ୍ମାନ, ପଡ଼ୋଶୀ ସହ ସମ୍ପର୍କ କମିଗଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ଏବେ ବି ସମସ୍ତଙ୍କ ପାଖରେ ସମାନ ଭାବେ ପହଞ୍ଚି ପାରିନି। ସହର ଓ ଗାଁ, ଧନୀ ଓ ଗରିବ ମଧ୍ୟରେ ବିଭେଦ ବଢ଼ୁଛି। ଦୁର୍ନୀତି, ଅସମାନତା ଓ ସ୍ୱାର୍ଥପରତା ଆମ ନୈତିକ ମେରୁଦଣ୍ଡକୁ ଦୁର୍ବଳ କରୁଛି।

୩. ତେବେ କାହିଁକି ଏଇ ଭଳି ବିବାଦ? ଗୀତା ର ୨ ଅଧ୍ୟାୟ .୨୮ନମ୍ବର ଶ୍ଳୋକ ରେ କୃଷ୍ଣ କୁହନ୍ତି-ପ'ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ'ପା ଅର୍ଥାତ୍ ସବୁ ଜିନିଷ ଆରମ୍ଭରେ ଅଦୃଶ୍ୟ, ମଝିରେ ଦୃଶ୍ୟ, ଶେଷରେ ପୁଣି ଅଦୃଶ୍ୟ। ଜାତି ବି ସେଇ ନିୟମ ମାନେ। ଯଦି ଆମେ ଆମ ମୂଲ୍ୟବୋଧ, ଏକତା ଓ ସଂସ୍କୃତିକୁ ପୋଷଣ ନ କରିବା, ତେବେ ବିକାଶ ଥାଇ ବି ଆମେ ଭିତରୁ ଶେଷ ହୋଇଯିବୁ। ବିକଶିତ ଭାରତ ଯଦି ଶରୀର, ତେବେ ବିକ୍ଷିପ୍ତ ଭାରତ ହେଉଛି ସେଇ ଶରୀରର ରୋଗ। ଶରୀର ସୁସ୍ଥ ନ ହେଲେ ଶକ୍ତିର କିଛି ଲାଭ ନାହିଁ। ୪. ଏହାର ସମାଧାନର ପଥଃ-- ବିକାଶ ସହ ଏକତାକୁ ସାମିଲ କରି, ବିକଶିତ ଭାରତକୁ ସତ୍ୟ କରିବା ପାଇଁ ଆମକୁ ବିକ୍ଷେପକୁ ରୋକିବାକୁ ପଡ଼ିବ।

ପ୍ରଥମରେ, ଶିକ୍ଷାରେ ପରିବର୍ତ୍ତନଃ- ସ୍କୁଲରେ କେବଳ ଇଂଜିନିୟରିଂ ଓ ଡାକ୍ତରୀ ନୁହେଁ, ନୈତିକ ଶିକ୍ଷା, ସଂସ୍କୃତି ଓ ନାଗରିକ କର୍ତବ୍ୟ ବି ଶିଖାଇବାକୁ ପଡ଼ିବ। ପିଲାଙ୍କୁ ଗୀତା, ଉପନିଷଦ୍ କେବଳ ଧର୍ମ ବହି ଭାବେ ନୁହେଁ, ଜୀବନ ଦର୍ଶନ ଭାବେ ପଢ଼ାଇବାକୁ ପଡ଼ିବ। ଦ୍ୱିତୀୟ ରେ ସ୍ଥାନୀୟତାକୁ ଗୌରବଃ-- ଠକ୍ଷମବକ୍ଷ ଲକ୍ଷକ୍ଷ ଖକ୍ଷମବକ୍ଷ କୁ ଆମେ ଆପଣାଇବାକୁ ପଡ଼ିବ। ନିଜ ଭାଷାରେ କଥା ହେବା, ନିଜ ପର୍ବ ପାଳିବା, ନିଜ ଶିଳ୍ପୀଙ୍କୁ ସମର୍ଥନ କରିବା। ଗ୍ଲୋବାଲ୍ ହୁଅନ୍ତୁ, କିନ୍ତୁ ମୂଳକୁ ଛାଡ଼ନ୍ତୁ ନାହିଁ--

ତୃତୀୟ, ସଂଳାପ ଓ ସହିଷ୍ଣୁତାଃ- ଭିନ୍ନ ମତ ଥିଲେ ବି ଆମେ ଗୋଟେ ଟେବୁଲରେ ବସି କଥା ହେବାକୁ ଶିଖିବାକୁ ପଡ଼ିବ। ଘୃଣା ଭାଷଣ ବଦଳରେ ପରସ୍ପରକୁ ବୁଝିବାକୁ ପଡ଼ିବ ଏବଂ ନିଜ ବାଣୀରେ ସଞ୍ଜିବତା ଆଣିବାକୁ ପଡ଼ିବ। 'ବିବିଧତାରେ ଏକତା' କୁ ଆମେ ପ୍ରମାଣ କରିବାକୁ ପଡ଼ିବ। ଚତୁର୍ଥ, ନାଗରିକଙ୍କ ଦାୟିତ୍ୱଃ-- ସରକାର ରାସ୍ତା କରିଦେବେ, କିନ୍ତୁ ସେଇ ରାସ୍ତାରେ ଆବର୍ଜନା ନ ପକାଇବାର ଦାୟିତ୍ୱ ଆମର। ସରକାର ସ୍କୁଲ୍ ଖୋଲିବେ, କିନ୍ତୁ ପିଲାଙ୍କୁ ସେଇଠି ପଠାଇବାର ଦାୟିତ୍ୱ ଆମର।

ପରିଶେଷରେ କହିବି ଭାରତ ହେଉଛି ଗଙ୍ଗା ନଦୀ ପରି। ବିକଶିତ ଭାରତ ହେଉଛି ଗଙ୍ଗାର ମୁଖ୍ୟ ସ୍ରୋତ- ଶକ୍ତିଶାଳୀ, ପବିତ୍ର ଓ ଆଗକୁ ଯାଉଥିବା। ଆଉ ବିକ୍ଷିପ୍ତ ଭାରତ ହେଉଛି ସେଇ ନଦୀରୁ ବାହାରି ଯାଉଥିବା ଛୋଟ ଛୋଟ ଶାଖା-ଯଦି ସେଗୁଡ଼ିକ ମୁଖ୍ୟ ସ୍ରୋତ ସହ ନ ମିଶନ୍ତି ତେବେ ଶୁଖିଯିବେ।

୨୦୪୭ ମସିହାରେ ଯେତେବେଳେ ଆମେ ସ୍ୱାଧୀନତାର ୧୦୦ ବର୍ଷ ପାଳିବା, ସେଦିନ ଆମେ କେବଳ ଉଚ୍ଚ ବିଲ୍ଡିଂ ଓ ବଡ଼ ଅର୍ଥନୀତି ଦେଖିବାକୁ ଚାହୁଁନୁ। ଆମେ ଏକ ଏକତ୍ରିତ, ଆତ୍ମବିଶ୍ୱାସୀ, ସାଂସ୍କୃତିକ ଗର୍ବରେ ଭରା ଭାରତ ଦେଖିବାକୁ ଚାହୁଁ। ତେଣୁ ଆସନ୍ତୁ ଆମେ ସମସ୍ତେ ମିଶି ଗୋଟେ ଶପଥ ନେବା-ବିକାଶର ଗତିକୁ ରୋକିବା ନାହିଁ, କିନ୍ତୁ ବିକ୍ଷେପକୁ ମଧ୍ୟ ପ୍ରଶ୍ରୟ ଦେବା ନାହିଁ। କାରଣ ପ୍ରକୃତ ବିକଶିତ ଭାରତ ହେଉଛି ସେଇଆ ଯେଉଁଠି ବିକ୍ଷେପ ନାହିଁ, କେବଳ ବିକାଶ ଅଛି।

**ଜୟ ହିନ୍ଦ! ବନ୍ଦେ ଉତ୍କଳ ଜନନୀ!**


ସମ୍ପାଦକ, ମାର୍ଗଦର୍ଶୀ, ଖୋରଧା
ମୋବାଇଲ୍:୬୩୭୦୬୭୫୫୬୨


# ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଓ ଅଖଣ୍ଡ ଭାରତ-ବୋଧ


ଗୋପାଳ ମହାପାତ୍ର




ଶ୍ରୀ ଅରବିନ୍ଦ ୧୯୪୭ ମସିହା ଅଗଷ୍ଟ ୧୫କୁ ନେଇ ଲେଖିଥିଲେ "ଭାରତ ଏବେ ସ୍ୱାଧିନ, କିନ୍ତୁ ଏକତା ପ୍ରାପ୍ତ କରିନାହିଁ, କେବଳ ଏକ ଖଣ୍ଡିତ ସ୍ୱାଧିନତା ପ୍ରାପ୍ତ କରିଛି"। ୧୯୪୭ ମସିହା ଅଗଷ୍ଟ ୧୫ ସ୍ୱାଧନତାର ଦିନ ଥିଲା ଏବଂ ସେଦିନ ଥିଲା ଶ୍ରୀଅରବିନ୍ଦଙ୍କ ୭୫ ତମ ଜନ୍ମ ଦିବସ। ଏହି ଐତିହାସିକ ଅବସରରେ ସେ ତାଙ୍କର ସନ୍ଦେଶରେ ୫ଟି ସ୍ୱପ୍ନର କଥା ଉଲ୍ଲେଖ କରିଥିଲେ। ତାଙ୍କର ପ୍ରଥମ ସ୍ୱପ୍ନ ଥିଲା ଭାରତର ସ୍ୱାଧିନତା ଏବଂ ଏକତା। ଶ୍ରୀ ଅରବିନ୍ଦ ସ୍ୱାଧିନତାକୁ ସ୍ୱାଗତ କରିଥିଲେ କିନ୍ତୁ ବିଭାଜନକୁ ଭାରତର ଅନ୍ତିମ ନିୟତି ବା ଭାଗ୍ୟ ବୋଲି ମାନି ନଥିଲେ। ତାଙ୍କର ବିଶ୍ୱାସ ଥିଲା ଯେ ବିଭାଜନ ସମାପ୍ତ ହେବା ଉଚିତ୍ ଓ ଭାରତର ଏକତା ପୁନଃ ସ୍ଥାପିତ ହେବା ଆବଶ୍ୟକ। ଏଣୁ ବିଭାଜନ ବିଭିଷିକା ସ୍ମୃତି ଦିବସ କେବଳ ୧୯୪୭ର ବିଭିଷିକାର ସ୍ମରଣ ନୁହେଁ ବରଂ ଭାରତର ଏକତା ଉପରେ ପୁନଃବିଚାର କରିବାର ଅବସର ଅଟେ। ବିଭାଜନର ପୀଡାକୁ ବୁଝିବା ପାଇଁ ଶ୍ରୀ ଅରବିନ୍ଦଙ୍କ ରାଷ୍ଟ୍ର ବୋଧ ମହତ୍ୱପୁର୍ଣ୍ଣ ଅଟେ। ସେ ପଚାରୁଥିଲେ- ରାଷ୍ଟ୍ରକ'ଣ? ଆମ ଜନ୍ମଭୂମି କ'ଣ? ତାଙ୍କ ପାଇଁ ରାଷ୍ଟ୍ର ଭୂଖଣ୍ଡ, କୌଣସି ନାମ ଅଥବା ମନର କଳ୍ପନା ନୁହେଁ ବରଂ କୋଟି କୋଟି ଲୋକଙ୍କର ସମ୍ମିଳିତ ଜୀବନ୍ତ ଶକ୍ତି ଅଟେ ଯେଉଁଥିରେ ରାଷ୍ଟ୍ର ନିର୍ମିତ ହୋଇଥାଏ। ଏହି ଦୃଷ୍ଟିରୁ ୧୯୪୭ର ବିଭାଜନ କେବଳ ଭୂଖଣ୍ଡର ବଣ୍ଟନ ନୁହେଁ, ଭାରତର ସଭ୍ୟତାଗତ ଚେତନାକୁ ମଧ୍ୟ ଆଘାତ କରିଥିଲା। ଏଥିପାଇଁ ଅଖଣ୍ଡତାର ପ୍ରଶ୍ନ ଭୂଗୋଳ ସହ ଭାରତ- ବୋଧର ଅଖଣ୍ଡତା ମଧ୍ୟ ପ୍ରଶ୍ନ ଅଟେ।

ବିଭାଜନର କାହାଣୀ ୧୯୪୭ରେ ଆରମ୍ଭ ହୋଇ ନଥିଲା। ୧୯୪୨ରେ କ୍ରିପ୍ସ କମିଶନ ଏହାର ପ୍ରଥମ ପର୍ଯ୍ୟାୟ ଥିଲା। ୧୯୪୨ ମସିହା ମାର୍ଚ୍ଚ ୩୧ ତାରିଖରେ ଶ୍ରୀ ଅରବିନ୍ଦ ସାର ଷ୍ଟେଫର୍ଡଙ୍କୁ ସନ୍ଦେଶ ପଠାଇ ଭାରତର ଏକତା ପ୍ରସଙ୍ଗରେ ପରାମର୍ଶ ଦେଇଥିଲେ। ଶ୍ରୀ ଅରବିନ୍ଦ ମହାତ୍ମାଗାନ୍ଧୀ, ନେହେରୁ ଏବଂ ସି.ରାଜଗୋପାଳଚାରୀଙ୍କୁ ମଧ୍ୟ ତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀ ଅରବିନ୍ଦ ଭାରତର ସ୍ୱାଧିନତା ସହ ଏକତାକୁ ମଧ୍ୟ ଦେଖୁଥିଲେ। କ୍ରିପ୍ସ କମିଶନ ବିଫଳ ହୋଇଥିଲା। ଏଣୁ ଇତିହାସରେ ଏକ ପ୍ରଶ୍ନବାଚୀ ରହିଯାଇଛି ଯେ କ'ଣ ୧୯୪୨ରେ ଭାରତକୁ ଅବସର ବା ବିଭାଜନକୁ ଏଡ଼ାଇବା ପାଇଁ ସମ୍ଭାବନା ଥିଲା? ଏହାକୁ ନିଶ୍ଚିତ ନିଷ୍କର୍ଷ ବଦଳରେ ଗମ୍ଭୀର ଐତିହାସିକ ପ୍ରଶ୍ନ ଭାବରେ ଦେଖାଯିବା ଉଚିତ୍। ୧୯୪୬ର ନୂଆଖାଲି ଆସିବାକୁ ଥିବା ବିଭିଷିକାର ଭୟାବହ ଚେତାବନୀ ଥିଲା। ଏଣୁ ବିଭାଜନ ସ୍ମୃତିଦିବସର ଉଦେଶ୍ୟ କୌଣସି ସମୁଦାୟ ବିରୋଧରେ ଆକ୍ରୋଶ ଉତ୍ପନ୍ନ କରିବାର ଦିନ ନୁହେଁ ବରଂ ବିଭାଜନକାରୀ ମାନସିକତାକୁ ଚିହ୍ନିବା ଏବଂ ଅସ୍ୱୀକାର କରିବା ଯିଏ ଭାରତୀୟଙ୍କୁ ଭାରତୀୟଙ୍କ ବିରୁଦ୍ଧରେ ଲଢ଼େଇଥିଲା। ଡ଼କ୍ଟର ଭୀମ ରାଓ ଆମ୍ବେଦକର ପାକିସ୍ଥାନର ପ୍ରଶ୍ନକୁ ରାଜନୈତିକ ଯଥାର୍ଥର ଆଧାରରେ ବିଶ୍ଳେଷଣ କରିଥିଲେ। ତାଙ୍କର ପ୍ରଶ୍ନ ଥିଲା ଯେ ଯଦି ଧର୍ମ ଆଧାରରେ ଦେଶ ବିଭାଜନ ହେଉଛି ତେବେ ଦୁଇ ଭୂଖଣ୍ଡରେ ରହୁଥିବା ସଂଖ୍ୟାଲଘୁଙ୍କ ଭବିଷ୍ୟତ କ'ଣ ହେବ? ଆମ୍ବେଦକର ଜନସଂଖ୍ୟାର ହସ୍ତାନ୍ତରଣର ବିକଳ୍ପ ଉପରେ ଗମ୍ଭିର ଭାବେ ବିଚାର କରିଥିଲେ। ମହମ୍ମଦ ଅଲ୍ଲୀଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍ ଦୁଇ ରାଷ୍ଟ୍ର ସିଦ୍ଧାନ୍ତକୁ ପାକିସ୍ଥାନ ଦାବିର ରାନୈତିକ ଆଧାର କରିଥିଲା। ବିନାୟକ ଦାମୋଦର ସାବରକର ମଧ୍ୟ ଦୁଇରାଷ୍ଟ୍ର ବିଚାରର ପ୍ରଖର ସମର୍ଥକ ଥିଲେ। ହିନ୍ଦୁ ଏବଂ ମୁସଲମାନଙ୍କ ପାଇଁ ଅଲଗା ରାନୈତିକ ସାଂସ୍କୃତିକ ରାଷ୍ଟ୍ର କଥାକୁ ସେ ଗୁରୁତ୍ୱ ଦେଉଥିଲେ। କ'ଣ ପାକିସ୍ଥାନ ଗଠନ ପରେ ରାଷ୍ଟ୍ରୀୟ ପରିଚୟ ଏବଂ ସମ୍ପ୍ରଦାୟିକ ବିଭାଜନର ସମସ୍ୟା ଶେଷ ହୋଇ ଯାଇଛି?



ଶ୍ରୀ ଅରବିନ୍ଦ ହିନ୍ଦୁ ମୁସଲିମ ପ୍ରଶ୍ନକୁ କେବଳ ରାଜନୈତିକ ପ୍ରସଙ୍ଗ ବୋଲି ମାନୁନଥିଲେ। ତାଙ୍କ ମତରେ ବାସ୍ତବିକ ସମସ୍ୟା ଦୁଇଟି ଐତିହାସିକ ସଭ୍ୟତାର ସମ୍ବନ୍ଧର କଥାଥିଲା। ସେ ଏହାର ଦୁଇଟି ସମ୍ଭାବିତ ସମାଧାନର ପନ୍ଥା ମଧ୍ୟ ଦେଖିଥିଲେ। ପ୍ରଥମଟି ହେଉଛି ଉଚ୍ଚତର ଆଧ୍ୟାତ୍ମିକ ସିଦ୍ଧାନ୍ତ ଯାହା ଉଭୟଙ୍କ ମଧ୍ୟରେ ସମନ୍ୱୟ ସ୍ଥାପିତ କରିପାରିବ ଓ ଦ୍ୱିତୀୟ ହେଉଛି ଏଭଳି ରାଜନୈତିକ ଦେଶଭକ୍ତି ଯାହା ଧାର୍ମିକ ସଂଘର୍ଷରୁ ଉର୍ଦ୍ଧ୍ୱରେ ରହି ଉଭୟ ସମୁଦାୟକୁ ରାଷ୍ଟ୍ରୀୟ ଚେତନା ମଧ୍ୟରେ ବାନ୍ଧି ରଖି ପାରିବ। ଶ୍ରୀ ଅରବିନ୍ଦଙ୍କ ଏହି ବିଚାର ବିଭାଜନ ସ୍ମୃତି ଦିବସକୁ ବର୍ତ୍ତମାନ ସହ ଯୋଡିଦେଉଛି - ବିଭାଜନକୁ ମନେ ପକାଇବାର ଉଦେଶ୍ୟ ନୁହେଁ ପୁଣି ନୂଆ ବିଭାଜନ ସୃଷ୍ଟି କରିବା ବରଂ ସେଇ କାରଣକୁ ଖୋଜିବା ଯିଏ ଭାରତକୁ ବିଭାଜିତ କରିଥିଲା। ମଧ୍ୟକାଳୀନ ଇତିହାସକୁ ହିନ୍ଦୁ-ମୁସଲିମ ଦ୍ୱନ୍ଦ୍ୱରେ ବନ୍ଧାଯାଇ ପାରିବ ନାହିଁ। ମୁସଲିମ ସମାଜରେ ମଧ୍ୟ ସମନ୍ୱୟ ଏବଂ ପୃଥକତା ଭଳି ଦୁଇ ଧାରାଥିଲା। ମୁସଲିମ ସମାଜରେ ଆକବର ଏବଂ ଦାରା ସିକୋହଙ୍କ ଭଳି ବ୍ୟକ୍ତି ଥିଲେ ଏବଂ ଧାର୍ମିକ ପୃଥକତାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ମଧ୍ୟ ଥିଲେ। ଦାରା ସିକୋହ ଉପନିଷଦର ଅନୁବାଦ କରାଇଥିଲେ ଓ ମଜମା-ଉଲ- ବହରେନ- ଦୁଇ ସମୁଦ୍ରର ସଙ୍ଗମରେ ହିନ୍ଦୁ ଏବଂ ଇସଲାମି ଆଧ୍ୟାତ୍ମିକ ପରମ୍ପରା ମଧ୍ୟରେ ସମ୍ବନ୍ଧ ଖୋଜିଥିଲେ। ଏଣୁ ଦାରା ଭାରତୀୟ ସଭ୍ୟତାଗତ ସମନ୍ୱୟର ମହତ୍ୱପୁର୍ଣ୍ଣ ପ୍ରତୀକ ଅଟନ୍ତି। ଏହାର ବିପରୀତ ଆଉରଙ୍ଗଜେବଙ୍କ ସହ ଯୋଡିହୋଇଥିବା ସ୍ମୃତିକୁ ଗୋଟିଏ ପକ୍ଷ ଧାର୍ମିକ ରୁଢ଼ିବାଦର ଆଖ୍ୟାଦେଉଛନ୍ତି। ବିଭାଜନ ବିଭିଷିକା ସ୍ମୃତି ଦିବସ ପ୍ରତିଶୋଧର ନୁହେ, ସ୍ମୃତି, ଆତ୍ମମନ୍ଥନ ଏବଂ ରାଷ୍ଟ୍ରୀୟ ସଂକଳ୍ପର ଦିବସ ଅଟେ। ବିଭାଜନରୁ ଶିକ୍ଷା ମିଳୁଛି ଯେ ସାମ୍ପ୍ରଦାୟିକ ପୃଥକ୍‌ବାଦ, ଅବିଶ୍ୱାସ ଏବଂ ରାଜନୈତିକ ବିଖଣ୍ଡନର ମୂଲ୍ୟ ସାଧାରଣ ଜନତା ବା ଲୋକଙ୍କୁ ଦେବାକୁ ପଡୁଛି।

ଅଖଣ୍ଡ ଭାରତକୁ କେବଳ ଭୂଗୋଳର ପୁନଃ କଳ୍ପନା ବୁଝିବା ଉଚିତ୍ ନୁହେଁ। ପ୍ରଥମେ ଏହା ଅଖଣ୍ଡ ଭାରତ-ବୋଧର ପୁନଃ ସ୍ଥାପନା ଅଟେ- ଏଭଳି ଏକ ଚେତନା ଯେଉଁଥିରେ ବିବିଧତା ଥିବ କିନ୍ତୁ ବିଖଣ୍ଡନ ନଥିବ, ଧାର୍ମିକ ଆସ୍ଥା ଥିବ କିନ୍ତୁ ପୃଥକତାବାଦ ନଥିବ ଏବଂ ଇତିହାସର ସ୍ମୃତି ଥିବ କିନ୍ତୁ ପ୍ରତିଶୋଧ ନଥିବ। ସିଧା ଅର୍ଥରେ ଅଖଣ୍ଡ ଭାରତ-ବୋଧରେ ଦାରା ସିକୋହଙ୍କ ସମନ୍ୱୟ ଚେତନାର ପୁନଃ ଜାଗରଣ ଏବଂ ଆଉରଙ୍ଗଜେବୀ ଅସହିଷ୍ଣୁତାର ନିଷ୍କାସନ ଥିବ। ୧୯୪୭ ଅଗଷ୍ଟ ୧୫ ବିଭାଜନର ପୀଡା ମଧ୍ୟରେ ବି ଶ୍ରୀ ଅରବିନ୍ଦ ନିରାଶ ହୋଇନଥିଲେ ବରଂ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖାଇଥିଲେ- ସ୍ୱାଧୀନ ଏବଂ ପୁନଃ ଏକ ଭାରତର ସ୍ଥାପନାର। ଏଣୁ ବିଭାଜନକୁ ସ୍ମରଣ କରାଯିବା ଆବଶ୍ୟକ ଓ ଏଥିରୁ ଶିକ୍ଷାଲାଭ କରି ପୃଥକତାବାଦୀ ମାନସିକତାକୁ ଅସ୍ୱୀକାର କରିବା ଦିଗରେ ଯତ୍ନବାନ ହେବା ଉଚିତ୍। ବିଭାଜନ ଇତିହାସର ପୀଡା ଅଟେ। ଅଖଣ୍ଡ ଭାରତ ବୋଧ ଭବିଷ୍ୟତର ସଂକଳ୍ପ ହେବା ଉଚିତ୍।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

# ବିକଶିତ ଭାରତ ଗଠନର ପ୍ରେରଣା ହେବ ବିଭାଜନ ଦିବସ

## ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ରେ ପ୍ରଧାନମନ୍ତ୍ରୀଙ୍କ ଭାବପ୍ରବଣ ବାର୍ତ୍ତା





ନୂଆଦିଲ୍ଲୀ, ୧୪।୮: ୧୪ ଅଗଷ୍ଟ ଭାରତରେ ‘ବିଭାଜନ ବିଭୀଷିକାର ସ୍ମୃତି ଦିବସ’ ପାଳନ କରାଯାଉଛି। ୧୯୪୭ ବିଭାଜନ ସମୟରେ ଯେଉଁମାନେ ପ୍ରାଣ ହରାଇଥିଲେ ଓ ଅକଳ୍ପନୀୟ ଯନ୍ତ୍ରଣା ସହ୍ୟ କରିଥିଲେ ସେମାନଙ୍କୁ ଦେଶ ଶ୍ରଦ୍ଧାଞ୍ଜଳି ଜଣାଉଛି। ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା ସମୟରେ, ଦେଶର ବିସ୍ତୃତ ଅଞ୍ଚଳ ବିଭାଜନର ଯନ୍ତ୍ରଣା ସହ୍ୟ କରିଥିଲା। ବିଭାଜନ ରେଖା ଚିତ୍ରଣ ପରେ ଲକ୍ଷ ଲକ୍ଷ ଲୋକ ପଞ୍ଜାବ ଓ ବଙ୍ଗଳା (ପାକିସ୍ତାନ)ର ବିଭାଜିତ ଅଞ୍ଚଳରେ ସବୁକିଛି ଛାଡ଼ି ସ୍ୱାଧୀନ ଭାରତକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏହି ବ୍ୟକ୍ତିବିଶେଷଙ୍କ ଦୃଢ଼ତାକୁ ସଲାମ କରିଛନ୍ତି। ବିଭାଜନର ଭୟଙ୍କର ସ୍ମୃତି ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୪୭ ବିଭାଜନ ଦ୍ୱାରା ହୋଇଥିବା ଧ୍ୱଂସକୁ ମନେ ପକାଇଲେ। ସୋସିଆଲ ମିଡିଆ ‘ଏକ୍ସ’ରେ ପୋଷ୍ଟ କରି ସେ ଲେଖିଛନ୍ତି, ଆମେ ବିଭାଜନ ଦ୍ୱାରା ପ୍ରଭାବିତ ସମସ୍ତ ଲୋକଙ୍କ ସାହସକୁ ମନେ ପକାଉଛୁ। ଏହା ଇତିହାସର ଏକ ସମୟ ଥିଲା ଯାହା ଅଗଣିତ ଜୀବନକୁ ଭାଙ୍ଗି ଦେଇଥିଲା। ତଥାପି ଏହି ଚ୍ୟାଲେଞ୍ଜଗୁଡ଼ିକୁ ଅତିକ୍ରମ କରି ଲୋକମାନେ ନିଜ ଜୀବନକୁ ମୂଳରୁ ପୁନଃନିର୍ମାଣ କରିଥିଲେ।

ସେ ଆହୁରି କହିଥିଲେ ଯେ, ଏହି ଦିନ ପାରସ୍ପରିକ ସଦ୍ଭାବନା ଓ ଭ୍ରାତୃତ୍ୱକୁ ବଜାୟ ରଖିବା ପାଇଁ ଦେଶର ସଂକଳ୍ପକୁ ମଜଭୁତ କରିବ ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଏକାଠି କାମ କରିବାକୁ ପ୍ରେରଣା ଦେବ। ଅନ୍ୟ ଏକ ପୋଷ୍ଟରେ, ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ରେ, ମୁଁ ସେହି ସମସ୍ତ ସହ-ନାଗରିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି, ଯେଉଁମାନେ ସେହି ଭୟଙ୍କର ପର୍ଯ୍ୟାୟରୁ ବାହାରି ଦେଶର ପ୍ରଗତିରେ ଅମୂଲ୍ୟ ଅବଦାନ ଦେଇଥିଲେ। ସାହସ ଓ ସ୍ଥିରତା ମାଧ୍ୟମରେ ସେମାନେ ଦେଖାଇ ଦେଇଥିଲେ ଯେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଜଣେ କିପରି ନିଜ ସଂକଳ୍ପକୁ ସାକାର କରିପାରିବ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ମୋଦି ଦେଶର ସ୍ୱାଧୀନତା ସହିତ ବିଭାଜନର ଯନ୍ତ୍ରଣା ସହ୍ୟ କରିଥିବା ଲୋକଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୨୦୨୧ରୁ ଏହି ଦିନକୁ ‘ବିଭାଜନ ବିଭୀଷିକା ସ୍ମୃତି ଦିବସ’ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ଦିବସ ପାଳନ କରିବା ଦ୍ୱାରା ଯୁବପିଢ଼ି ବିଭାଜନର କଷ୍ଟ ସହିଥିବା ଲୋକଙ୍କ ଦୁଃଖକୁ ବୁଝି ପାରିବେ।

## ସ୍ୱାଧୀନତା ଦିବସରେ ବିଷ ଉଗାଳିଲେ ସରିଫ୍

# ସାର୍ବଭୌମତ୍ୱ କ୍ଷୁଣ୍ଣ ହେଲେ ପାକିସ୍ତାନ କଠୋର ଜବାବ ଦେବ



ଇସଲାମାବାଦ,୧୪।୮: ପାକିସ୍ତାନ ସ୍ୱାଧୀନତା ଦିବସରେ ଭାରତ ବିରୋଧରେ ବିଷ ଓଗାଳିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ। ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତର ‘ଅପରେଶନ ସିନ୍ଦୂର’ ଦ୍ୱାରା ଆରମ୍ଭ ହୋଇଥିବା ଆଘାତ ପାକିସ୍ତାନକୁ ଯନ୍ତ୍ରଣା ଦେଉଛି। ଫଳସ୍ୱରୂପ, ସ୍ୱାଧୀନତା ପାଳନ କରିବା ପରିବର୍ତ୍ତେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଭାରତ ବିରୋଧରେ ଯୁଦ୍ଧ କରିବାର ଖୋଲା ଧମକ ଦେଇଛନ୍ତି। ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଭାରତର ନିଷ୍ପତ୍ତିରେ ପାକିସ୍ତାନ ରାଗିଯାଇ ଯୁଦ୍ଧ ଧମକ ଦେଇଛି।

ପାକିସ୍ତାନ ସ୍ୱାଧୀନତାର ୮୦ତମ ବର୍ଷ ଆରମ୍ଭ ହେବା ପୂର୍ବରୁ ରାଜଧାନୀ ଇସଲାମାବାଦରେ ‘ୟାଦଗର-ଏ-ଫତାହ’ (ବିଜୟସ୍ମାରକୀ) ନାମକ ଏକ ସ୍ମାରକୀ ଉଦ୍‌ଘାଟିତ ହୋଇଛି। ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଓ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଦ୍ୱାରା ଏହି ସ୍ମାରକୀ ଉନ୍ମୋଚନ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଶକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଭାଷଣ ଆରମ୍ଭରୁ ଭାରତ ବରୋଧରେ ବୟାନବାଜି କରିଦେଇଥିଲେ। ସେ ଚେତାବନୀ ଦେଇଥିଲେ, ଯଦି କେହି ପାକିସ୍ତାନର ସାର୍ବଭୌମତ୍ୱ ଓ ସୁରକ୍ଷାକୁ ଚ୍ୟାଲେଞ୍ଜ କରନ୍ତି, ତେବେ ସେମାନଙ୍କୁ ମେ’ ୨୦୨୫ଠାରୁ ଆହୁରି କଠୋର ଜବାବ ଦିଆଯିବ। ‘ଅପରେଶନ ସିନ୍ଦୂର’ରେ ହୋଇଥିବା ପରାଜୟର ଦୁଃଖକୁ ପ୍ରକାଶ କରି ଶେହବାଜ ମଞ୍ଚରୁ କହିଥିଲେ ଯେ, ଭାରତ ଏକପାଖିଆ ଭାବରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଛି। ଆମ ପାଇଁ ପ୍ରତ୍ୟେକ ପାଣି ବୁନ୍ଦା ଏକ ଲାଲ ରେଖା। ଯଦି ଭାରତ ସଠିକ ରାସ୍ତାରେ ନ ଚାଲେ, ତେବେ ଆମେ ସିଧାସଳଖ ଜବାବ ଦେବୁ।

### ଟାଟା ସନ୍ସ ଅଧ୍ୟକ୍ଷ ଦୌଡ଼

## ଟିଭି ନରେନ୍ଦ୍ରନ୍ ଆଗରେ



ନୂଆଦିଲ୍ଲୀ, ୧୪।୮: ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନଙ୍କ ଇସ୍ତଫା ଘୋଷଣା ପରେ ନୂଆ ଉତ୍ତରାଧିକାରୀଙ୍କ ଖୋଜା ଆରମ୍ଭ ହୋଇଯାଇଛି। ସାର ଦୋରାବ୍‌ଜୀ ଟାଟା ଟ୍ରଷ୍ଟ ଆଜି ଏକ ପ୍ରସ୍ତାବ ପାସ୍ କରି ୫ ସଦସ୍ୟବିଶିଷ୍ଟ ଚୟନ କମିଟି ଗଠନ କରିବାର ପ୍ରକ୍ରିୟା ଆରମ୍ଭ କରିଛି। ଏହି ପଦ ଦୌଡ଼ରେ ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନଙ୍କ ନାଁ ସବୁଠୁ ଆଗରେ ରହିଛି। ନରେନ୍ଦ୍ରନ ୧୯୮୮ରୁ ଟାଟା ଗ୍ରୁପ୍ ସହ ଜଡ଼ିତ। ତାଙ୍କ ସମ୍ପୂର୍ଣ୍ଣ କ୍ୟାରିୟର ଟାଟା ଷ୍ଟିଲ୍‌ରେ କଟିଛି। ଚନ୍ଦ୍ରଶେଖରନ ଯଦିଓ ଇସ୍ତଫା ଦେଇଛନ୍ତି କିନ୍ତୁ ସେ ୨୦୨୭ ଫେବୃଆରୀ ପର୍ଯ୍ୟନ୍ତ ଟାଟା ସନ୍ସ ଅଧ୍ୟକ୍ଷ ପଦରେ ରହିବେ। ଅର୍ଥାତ ନିଜ କାର୍ଯ୍ୟକାଳ ଶେଷ କରିବେ। ତେଣୁ ଟାଟା ସନ୍ସ ପାଖରେ ନୂଆ ମୁଖ୍ୟ ଚୟନ ଏବଂ ତାଙ୍କ ସହଜ ଟ୍ରାଞ୍ଜିସନର ଯୋଜନା ବନାଇବା ପାଇଁ ପ୍ରାୟ ୬ ମାସର ସମୟ ରହିଛି।

## ଜେଲରେ ପର୍ଣ୍ଣ ଦେଖୁଥିଲେ ପ୍ରଜ୍ୱଳ

### ମୋବାଇଲରୁ ମିଳିଲା ୯୦ଟି ଅଶ୍ଳୀଳ ଭିଡିଓ



ବେଙ୍ଗାଲୁରୁ, ୧୪।୮: ବେଙ୍ଗାଲୁରୁ ସେଣ୍ଟ୍ରାଲ ଜେଲରେ ବନ୍ଦୀ ଥିବା ପୂର୍ବତନ ସାଂସଦ ପ୍ରଜ୍ୱଳ ରେବନ୍ନାଙ୍କ ମୋବାଇଲରୁ ୯୦ ପର୍ଣ୍ଣ (ଅଶ୍ଳୀଳ) ଭିଡିଓ ମିଳିଛି। ଜେଲରେ ରହି ସେ ଫୋନ ବ୍ୟବହାର କରୁଥିଲେ। ସଦ୍ୟ ଚଢ଼ଉ ବେଳେ ଏହା ଜବତ ହୋଇଥିଲା। ଫୋନର ଫୋରେନସିକ ଯାଞ୍ଚ ଜାରି ରହିଛି। ଘଟଣାରେ ଜେଲର ସହକାରୀ ଅଧୀକ୍ଷକଙ୍କୁ ନିଲମ୍ବନ କରାଯାଇଛି। କାରାଗାର ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଜନତା ଦଳ (ସେକୁଲାର) ବିଧାୟକ ଏଚ୍‌ଡି ରେବନ୍ନାଙ୍କ ପୁତ୍ର ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ନାତି ପ୍ରଜ୍ୱଳଙ୍କୁ ଦୁଷ୍କର୍ମ ମାମଲାରେ ଗିରଫ କରାଯାଇଛି। ପ୍ରଜ୍ୱଳଙ୍କ ପରିବାରର ଏକ ଫାର୍ମହାଉସରେ କାମ କରୁଥିବା ଜଣେ ୪୭ ବର୍ଷୀୟା ମହିଳା ୨୦୨୪ ଏପ୍ରିଲରେ ତାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ।

## ଯାତ୍ରୀବାହୀ ଟ୍ରେନ୍ ଲାଇନଚ୍ୟୁତ, ୧୧ ଆହତ



ଲଣ୍ଡନ, ୧୪।୮: ଗୁରୁବାର ଦକ୍ଷିଣ-ପୂର୍ବ ଇଂଲଣ୍ଡର ଲୁଇସ୍ ରେଳ ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହେବା ଫଳରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ଓ ୯ ଜଣ ଆହତ ହୋଇଛନ୍ତି। ବ୍ରିଟିଶ ପରିବହନ ପୁଲିସର ସୂଚନା ଅନୁଯାୟୀ, ସ୍ଥାନୀୟ ସମୟ ଅପରାହ୍ଣ ୩ଟା ୪୪ ମିନିଟରେ ଟ୍ରେନର ତିନୋଟି ବଗି ଲାଇନଚ୍ୟୁତ ହୋଇଥିଲା। ପୁଲିସ କହିଛି ଯେ, ପ୍ରଥମେ ଅନେକ ଯାତ୍ରୀ ଫସି ରହିଥିଲେ କିନ୍ତୁ ପରେ ସେମାନଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଛି। ସସେକ୍ସ ପୁଲିସ ଓ ସ୍ଥାନୀୟ ଅଗ୍ନିଶମ, ଉଦ୍ଧାରକାରୀ ଓ ଆମ୍ବୁଲାନ୍ସ ଦଳ ସମେତ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କ ମଧ୍ୟରୁ କେତେକଙ୍କୁ ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଅନ୍ୟମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା।

### କରୁର୍ ଦଳାଚକଟା ମାମଲା

## ଚାକିରି ବାତିଲ ନିର୍ଦ୍ଦେଶରେ ସ୍ଥଗିତାଦେଶ



ଚେନ୍ନାଇ, ୧୪।୮: ସେପ୍ଟେମ୍ବର ୨୦୨୫ ତାମିଲନାଡୁର କରୁରଠାରେ ଦଳାଚକଟାରେ ମୃତ୍ୟୁ ହୋଇଥିବା ୪୧ ଜଣଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ଭିତ୍ତିରେ ଚାକିରି ଦେବା ନେଇ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ବାତିଲ କରିବା ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତ ରଖିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ଏକ ଆବେଦନ ଉପରେ ବିଚାରପତି ଜେବି ପାରଦିୱାଲା ଓ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି, ନୋଟିସ ଜାରି କରନ୍ତୁ। ହାଇକୋର୍ଟ ଦେଇଥିବା ରାୟ ସ୍ଥଗିତ ରହିବ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ତାମିଲନାଡୁ ମୁଖ୍ୟ ସଚିବ ଓ ଅନ୍ୟମାନଙ୍କୁ ମଧ୍ୟ ନୋଟିସ ଜାରି କରିଛନ୍ତି।

## ସେପ୍ଟେମ୍ବରରେ ଭାରତ ଆସିବେ ଇରାନ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୪।୮: ଇରାନର ରାଷ୍ଟ୍ରପତି ମସୁଦ ପେଜେସକିଆନ ସେପ୍ଟେମ୍ବରରେ ନୂଆଦିଲ୍ଲୀ ଆସିବେ। ଆମେରିକା ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନର ଏକ ସରକାରୀ ସୂତ୍ର ଶୁକ୍ରବାର ଏହି ସୂଚନା ପ୍ରକାଶ କରିଛି। ସୂତ୍ରାନୁସାରେ, ରାଷ୍ଟ୍ରପତି ପେଜେସକିଆନ ଆଗାମୀ ବ୍ରିକ୍ସ ସମିଟିରେ ଯୋଗ ଦେବାକୁ ସେପ୍ଟେମ୍ବରରେ ନୂଆଦିଲ୍ଲୀ ଗସ୍ତରେ ଆସିବେ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବ। ଇରାନ ରାଷ୍ଟ୍ରପତିଙ୍କ ଏହି ଗସ୍ତ ବିଶ୍ୱ ଓ ଆଞ୍ଚଳିକ କୂଟନୀତି ଦୃଷ୍ଟିରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

## ନର୍ମଦା ନଦୀରେ ତ୍ରିରଙ୍ଗା ଯାତ୍ରା

### ଭାଗନେଲେ ୧୫୧ ଡଙ୍ଗା ଓ ୧୦୦ରୁ ଅଧିକ ସନ୍ତରଣକାରୀ



ଭୋପାଳ, ୧୪।୮: ସ୍ୱାଧୀନତା ଦିବସ ପୂର୍ବରୁ ମଧ୍ୟପ୍ରଦେଶର ନର୍ମଦା ନଦୀରେ ଦେଖିବାକୁ ମିଳିଛି ଦେଶପ୍ରେମର ଅନନ୍ୟ ଦୃଶ୍ୟ। ଜବଲପୁର ଓ ଓମକାରେଶ୍ୱରରେ ଆୟୋଜିତ ହୋଇଛି ଭବ୍ୟ ତ୍ରିରଙ୍ଗା ଯାତ୍ରା। ଓମକାରେଶ୍ୱରରେ ବ୍ରହ୍ମପୁରୀ ଘାଟରୁ ନଗର ଘାଟ ପର୍ଯ୍ୟନ୍ତ ୧୫୧ଟି ସଜ୍ଜିତ ଡଙ୍ଗାକୁ ନେଇ ତ୍ରିରଙ୍ଗା ଡଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଡଙ୍ଗାଗୁଡ଼ିକରେ ତ୍ରିରଙ୍ଗା ପତାକା ଲଗାଯାଇଥିବା ବେଳେ ନଦୀରେ ସୃଷ୍ଟି ହୋଇଥିଲା ଦେଶପ୍ରେମର ମନୋରମ ପରିବେଶ। ସେହିପରି ଜବଲପୁରର ଝିଲହରି ଘାଟରୁ ତିଲୱାରା ଘାଟ ପର୍ଯ୍ୟନ୍ତ ‘ଅଖଣ୍ଡ ଭାରତ ସଂକଳ୍ପ’ ତ୍ରିରଙ୍ଗା ସନ୍ତରଣ ଦୌଡ଼ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ବୟସର ୧୦୦ରୁ ଅଧିକ ସନ୍ତରଣକାରୀ ହାତରେ ତ୍ରିରଙ୍ଗା ଧରି ନର୍ମଦା ନଦୀରେ ସନ୍ତରଣ କରିଥିଲେ।‘ହର ଘର ତିରଙ୍ଗା’ ଅଭିଯାନ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନାଗରିକଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ଭାବନାକୁ ଆହୁରି ମଜବୁତ କରିବା।

### ନାଲ୍‌ସାର ମାମଲାରେ ବିସିଆଇକୁ ସିଜେଆଇଙ୍କ ଭର୍ତ୍ସନା

## ‘ମୁଁ ବି ଛାତ୍ରବେଳେ ପ୍ରତିବାଦ କରୁଥିଲି’



ନୂଆଦିଲ୍ଲୀ, ୧୪।୮: ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ହାଇଦ୍ରାବାଦର ନାଲସାର୍ ଲ’ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍ ଆଇନ ସ୍ନାତକଙ୍କୁ ଓକିଲ ଭାବେ ପଞ୍ଜୀକରଣ ନ କରିବାକୁ ସମସ୍ତ ରାଜ୍ୟ ବାର୍ ପରିଷଦକୁ ଦେଇଥିବା ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲେ ମଧ୍ୟ ବିବାଦ ଥମି ନାହିଁ। କକ୍ରୋଚ ଜନତା ପାର୍ଟି (ସିଜେପି) ସିଧାସଳଖ ବିସିଆଇର ଅଧ୍ୟକ୍ଷ ମନନ ମିଶ୍ରାଙ୍କୁ ଟାର୍ଗେଟ କରିବା ପରେ ସେ ବାଧ୍ୟ ହୋଇ ନିଜ ନିର୍ଦ୍ଦେଶ ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ଏହି ମାମଲାରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ମଧ୍ୟ ବିସିଆଇକୁ ତୀବ୍ର ସମାଲୋଚନା କରିଛନ୍ତି।

ଶୁକ୍ରବାର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ବିସିଆଇ ନିର୍ଦ୍ଦେଶକୁ କଡ଼ା ବିରୋଧ କରି ଏହାକୁ ସମ୍ପୂର୍ଣ୍ଣ ଅନାବଶ୍ୟକ ବୋଲି କହିଛନ୍ତି। ଏକ ଆବେଦନ ଶୁଣାଣି କରି ପ୍ରଧାନ ବିଚାରପତି କହିଛନ୍ତି, ଏହା ଛାତ୍ର ଓ ତାଙ୍କ ଭିତରର ପ୍ରସଙ୍ଗ। ବିସିଆଇ ଏଥିରେ ହସ୍ତକ୍ଷେପ କରିବାକୁ କିଏ ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ। ସେ ଯେତେବେଳେ ଛାତ୍ର ଥିଲେ ଏମିତି ପ୍ରତିବାଦରେ ସକ୍ରିୟ ଭୂମିକା ନେଉଥିଲେ। ସୂଚନାଯୋଗ୍ୟ ଯେ, ତେଲଙ୍ଗାନାରେ ନଲସାର ଆଇନ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସମାବର୍ତ୍ତନ ସମାରୋହରେ ସିଜେଆଇ ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବାକୁ ଛାତ୍ରମାନେ ବିରୋଧ କରିଥିଲେ।

### ବଢ଼ିବ ଟିଏମ୍‌ସି ବିଦ୍ରୋହୀଙ୍କ ସମସ୍ୟା!

## ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବେ ତୃଣମୂଳ ସୁପ୍ରିମୋ



କୋଲକାତା,୧୪।୮: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମସି) ୨୦ ଜଣ ବିଦ୍ରୋହୀ ଲୋକ ସଭା ସାଂସଦଙ୍କ ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି। ଏହି ସାଂସଦମାନେ ଟିଏମସି ଛାଡି ‘ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ ଇଣ୍ଡିଆ’ (ଏନସିପିଆଇ)ରେ ଯୋଗଦେବା ପ୍ରସଙ୍ଗରେ ଦଳ ଖୁବ ଶୀଘ୍ର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇପାରେ।

ଗୁରୁବାର ସୂତ୍ର ଅନୁଯାୟୀ, ସେମାନଙ୍କ ବିରୋଧରେ ଅଯୋଗ୍ୟତା ଆବେଦନ ଆସନ୍ତା ୭ ରୁ ୧୦ ଦିନ ମଧ୍ୟରେ ଦାଖଲ କରାଯିବ। ଟିଏମସି ନେତା ଅଭିଷେକ ବାନାର୍ଜୀ ବାଚସ୍ପତି ଓମ ବିର୍ଲାଙ୍କୁ ଭେଟିବା ପରେ ଏହି ପଦକ୍ଷେପ ନିଆଯାଇଛି। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଦାଖଲ ହୋଇଥିବା ପୃଥକ ଅଯୋଗ୍ୟତା ଆବେଦନ ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ ଅଭିଷେକ ବାନାର୍ଜୀ ଅନୁରୋଧ କରିଥିଲେ। ସେ ବୁଧବାର କହିଥିଲେ ଯେ ଯଦି ବାଚସ୍ପତି ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ଉପରେ ନିଷ୍ପତ୍ତି ନେବାରେ ବିଫଳ ହୁଅନ୍ତି, ତେବେ ଦଳକୁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାକୁ ପଡିବ ଏବଂ ହସ୍ତକ୍ଷେପ କରିବାକୁ ପଡିବ।

## ୨୬ ବର୍ଷରେ ୩,୫୯୪ ମୃତ୍ୟୁ, ୬,୯୦୪ ଆହତ



**ରେଳ ଦୁର୍ଘଟଣାର ଚାଞ୍ଚଲ୍ୟକର ତଥ୍ୟ**

ନୂଆଦିଲ୍ଲୀ, ୧୪।୮: ଭାରତୀୟ ରେଲୱ୍ୱେରେ ଗତ ଅଢ଼େଇ ଦଶକ ମଧ୍ୟରେ ଦୁର୍ଘଟଣାର ଗତି ଯଦିଓ ଥମିଛି, ହେଲେ ଯେବେ ବି ଟ୍ରାକରୁ ଟ୍ରେନ୍ ଖସିଛି, ସେତେବେଳେ ଅନେକ ଧନଜୀବନ ନଷ୍ଟ ହୋଇଛି। ଇଣ୍ଡିଆ ଟୁଡେ ଗ୍ରୁପ୍ ଦ୍ୱାରା ସୂଚନା ଅଧିକାର (ଆରଟିଆଇ) ଅନୁସାରେ ପ୍ରାପ୍ତ ତଥ୍ୟ ଅନୁସାରେ , ୨୦୦୦ମସିହାରୁ ନେଇ ଜୁଲାଇ ୨୦୨୬ ଯାଏ ଦେଶରେ ୪୦୦୩ ଟି ବଡ଼ ରେଳ ଦୁର୍ଘଟଣା ରେକର୍ଡ ହୋଇଛି। ଏହି ସବୁ ଦୁର୍ଘଟଣାରେ ଅତି କମରେ ୩,୫୯୪ଜଣ ଲୋକଙ୍କ ଜୀବନ ଯାଇ ଥିବା ବେଳେ ୬,୯୦୦ରୁ ଅଧିକ ଲୋକ ଗୁରୁତର ହୋଇଛନ୍ତି।

ତଥ୍ୟରେ ସବୁଠୁ ଚକିତ କରିବା ଭଳି ଦିଗ ଏହା ଯେ, ଦୁର୍ଘଟଣା ସଂଖ୍ୟା କମି ଥିବା ସତ୍ତ୍ୱେ ଭୟଙ୍କର ଦୁର୍ଘଟଣାରେ ମୃତାହତଙ୍କ ସଂଖ୍ୟା ଲଗାତାର ଚିନ୍ତାଜନକ ରହିଛି। ବାସ୍ତବରେ ମୃତ୍ୟୁ ଓ ଆହତଙ୍କ ସଂଖ୍ୟା ଏହା ଠାରୁ ଅଧିକ ହୋଇପାରେ, କାରଣ ରେଲୱ୍ୱେର କେନ୍ଦ୍ରୀୟ ଜନସୂଚନା ଅଧିକାରୀ (CPIO) ଙ୍କ ନିକଟରେ ପ୍ରାରମ୍ଭିକ ଚାରି ବର୍ଷର (୨୦୦୦-୦୧ ରୁ ୨୦୦୩-୦୪) ଧନଜୀବନ କ୍ଷତିର ତଥ୍ୟ ଉପଲବ୍ଧ ନାହିଁ। ଏହି ରିପୋର୍ଟ ଦୁଇଟି ବଡ଼ ନିଷ୍କର୍ଷ ଦର୍ଶାଉଛି ଯେ, ଗତ ୨୬ ବର୍ଷରେ ଟ୍ରେନ୍ ଦୁର୍ଘଟଣା ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି , କିନ୍ତୁ ଯେତେବେଳେ ବି କୌଣସି ବଡ଼ ଦୁର୍ଘଟଣା ଘଟିଛି, ସେଥିରେ ପ୍ରଚୁର କ୍ଷତି ହୋଇଛି। ତଥ୍ୟରୁ ଜଣାପଡୁଛି ଯେ, ଦୁର୍ଘଟଣା ସଂଖ୍ୟା କମିବାର ଅର୍ଥ ଏହା ନୁହେଁ ଯେ ମୃତାହତଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ କମିଛି। ସବୁଠାରୁ ଦୁଃଖଦାୟକ ବର୍ଷ୨୦୧୦-୧୧ ଥିଲା। ଉପଲବ୍ଧ ରେକର୍ଡ ମଧ୍ୟରେ ସବୁଠାରୁ ଅଧିକ ୩୮୧ ଜଣଙ୍କ ମୃତ୍ୟୁ ୨୦୧୦-୧୧ ମସିହାରେ ରେକର୍ଡ କରାଯାଇ ଥିଲା, ଯେତେବେଳେ କି ସେହି ବର୍ଷ ୧୪୧ଟି ବଡ଼ ଦୁର୍ଘଟଣା ଘଟି ଥିଲା।

## ବୀରେନ୍ଦ୍ର ବସୋୟାକୁ ଭାରତ ଅଣାଗଲା



ନୂଆଦିଲ୍ଲୀ, ୧୪।୮: ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)କୁ ବଡ଼ଧରଣ ସଫଳତା ମିଳିଛି। ଏନ୍‌ସିବି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ପଳାତକ ଡ୍ରଗ୍ସ କିଙ୍ଗପିନ୍ ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଭାରତ ଫେରାଇ ଆଣିଛି ବୋଲି ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋଷଣା କରିଛନ୍ତି। ବସୋୟାକୁ ଅଣାଯିବାକୁ ଭାରତ ସରକାରଙ୍କ ଡ୍ରଗ୍ସ ବିରୋଧରେ ‘ଶୂନ୍ୟ-ସହନଶୀଳତା’ ନୀତିରେ ଏକ ନୂତନ ମାଇଲଖୁଣ୍ଟ ଭାବରେ ବିବେଚନା କରାଯାଉଛି। କୁଖ୍ୟାତ ଡ୍ରଗ୍ ମାଫିଆ ବସୋୟା ବହୁ ବର୍ଷ ଧରି ୟୁଏଇରେ ଲୁଚି ରହିଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏନ୍‌ସିବି କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରି କହିଛନ୍ତି ଯେ, ମୋଦି ସରକାର ବିଦେଶରେ ଲୁଚି ରହିଥିବା ଡ୍ରଗ୍ସ ଚୋରା ଚାଲାଣକାରୀଙ୍କୁ ନିରନ୍ତର ଟ୍ରାକ୍ କରୁଛି ଓ ଏଜେନ୍ସିଗୁଡ଼ିକ ପ୍ରମାଣ କରିଛନ୍ତି ଯେ, ଅପରାଧୀମାନେ ଭାରତୀୟ ଆଇନ ବ୍ୟବସ୍ଥାରୁ ଖସି ପାରିବେ ନାହିଁ।

## ୪ ସେକେଣ୍ଡ ନିୟନ୍ତ୍ରଣରେ ନଥିଲା ଫୁକେଟ୍-ଦିଲ୍ଲୀ ବିମାନ



ନୂଆଦିଲ୍ଲୀ, ୧୪।୮: ଅଗଷ୍ଟ ୪ ତାରିଖରେ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନରେ ଥିବା ଯାତ୍ରୀଙ୍କ ପାଇଁ ବିମାନ ଯାତ୍ରା କୌଣସି ଭୟଙ୍କର ସ୍ୱପ୍ନଠାରୁ କିଛି କମ୍ ନଥିଲା। ବିମାନଟି ମଝି ଆକାଶରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ବିମାନ ଭିତରେ ଯାତ୍ରୀମାନଙ୍କ ଭିତରେ ହଠାତ୍ ଆତଙ୍କ ଖେଳି ଯାଇଥିଲା। ଏହି ଘଟଣାରେ ୨୪ ଯାତ୍ରୀ ଆହତ ହୋଇଥିଲେ। ଏହି ଘଟଣା ପରେ ପାଇଲଟଙ୍କୁ ନେଇ ଚକିତ କରିଦେବା ପରି ତଥ୍ୟ ସାମ୍ନାକୁ ଆସିଥିଲା। ଏୟାରବସ୍‌ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ଏକ ବଡ଼ ତଥ୍ୟ ପଦାକୁ ଆସିଛି। ରିପୋର୍ଟ ଅନୁଯାୟୀ ଏ-୩୨୦ ବିମାନ ପୂରା ୪ ସେକେଣ୍ଡ ପାଇଁ ପୂରାପୂରି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏୟାରବସ୍‌ର ଟେକ୍ନିକାଲ ରିପୋର୍ଟରୁ ଜଣାପଡ଼ିଛି ଯେ, ବିମାନର ତିନିଟି ହାଇଡ୍ରୋଲିକ୍ ସିଷ୍ଟମ୍‌ରେ ଏକାସାଙ୍ଗରେ ଖରାପ ହୋଇଯାଇଥିଲା। ୪ ସେକେଣ୍ଡ ପାଇଁ ବିମାନର ଏଲିଭେଟର୍ସ ଯାହା ବିମାନ ବିମାନକୁ ଉପର-ତଳ ନେବାରେ ସାହାଯ୍ୟ କରିଥାଏ ଓ ଆଇଲରନ୍ ଯାହା ବିମାନକୁ ବାମ ଓ ଡାହାଣକୁ ଯିବାରେ ସାହାଯ୍ୟ କରିଥାଏ ପୂରାପୂରି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା।

# ସ୍ୱାମୀଙ୍କୁ ହତ୍ୟା ମାମଲାରେ ମଧ୍ୟପ୍ରଦେଶ ଦ୍ୱିତୀୟ

## ୬ ମାସରେ ୩୬ ସ୍ୱାମୀଙ୍କୁ ହତ୍ୟା




ନୂଆଦିଲ୍ଲୀ, ୧୪।୮: ମଧ୍ୟପ୍ରଦେଶରେ ମାତ୍ର ୬ ମାସରେ ୩୬ ଜଣ ସ୍ୱାମୀଙ୍କ ହତ୍ୟା ମାମଲା ରେକର୍ଡ ହୋଇଛି। ଆଉ ନିଜ ବୈବାହିକ ଓ ପାରିବାରିକ ସମସ୍ୟା ନେଇ ୧୨,୫୭୭ ପୁରୁଷ ହେଲ୍ପଲାଇନରେ ସହାୟତା ମାଗିଛନ୍ତି। ମଧ୍ୟପ୍ରଦେଶରୁ ଆସିଥିବା ଏପରି କିଛି ପରିସଂଖ୍ୟାନକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ପୁରୁଷ ଅଧିକାର ସଂଗଠନଗୁଡ଼ିକର ଦାବି ଅନୁଯାୟୀ, ୨୦୨୬ ଜାନୁଆରୀରୁ ଜୁନ୍ ମଧ୍ୟରେ ମଧ୍ୟପ୍ରଦେଶରେ ୩୬ଟି ସ୍ୱାମୀହତ୍ୟା ମାମଲା ସାମ୍ନାକୁ ଆସିଛି। ଏହି ତାଲିକାରେ ୯୩ଟି ମାମଲା ସହ ଉତ୍ତରପ୍ରଦେଶ ଶୀର୍ଷରେ ଥିବା ଦାବି କରାଯାଉଛି। କେବଳ ହତ୍ୟା ମାମଲା ନୁହେଁ, ବୈବାହିକ ବିବାଦ ଓ ପାରିବାରିକ ସମସ୍ୟା ନେଇ ମଧ୍ୟ ଅନେକ ପୁରୁଷ ସହାୟତା ମାଗୁଥିବା ସଂଗଠନଗୁଡ଼ିକ କହିଛନ୍ତି। ଦାବି ଅନୁଯାୟୀ, ୨୦୨୫ରେ ମଧ୍ୟପ୍ରଦେଶରୁ ପୁରୁଷ ଅଧିକାର ହେଲ୍ପଲାଇନକୁ ୮,୧୦୮ଟି କଲ୍ ଆସିଥିଲା। ୨୦୨୬ ଜୁନ୍ ସୁଦ୍ଧା ଏହି ସଂଖ୍ୟା ୧୨,୫୭୭ରେ ପହଞ୍ଚିଥିବା ଦାବି ହୋଇଛି। ସଂଗଠନଗୁଡ଼ିକର କହିବା କଥା, ପରିବାରରେ ବଢୁଥିବା ବିବାଦ, ଆଇନଗତ ମାମଲା ଏବଂ ଦାମ୍ପତ୍ୟ ସମସ୍ୟା ଯୋଗୁଁ ଅନେକ ପୁରୁଷ ଆଇନଗତ ଓ ମାନସିକ ପରାମର୍ଶ ଖୋଜୁଛନ୍ତି।

ଏହି ପ୍ରସଙ୍ଗକୁ ନେଇ ଦେଶରେ ‘ଜାତୀୟ ପୁରୁଷ ଆୟୋଗ’ ଗଠନର ଦାବି ମଧ୍ୟ ଜୋର ଧରୁଛି। ୨୦୨୫ରେ ଏକ ନିର୍ଦ୍ଦିଷ୍ଟ ହେଲ୍ପଲାଇନକୁ ୫୮,୨୮୯ଟି କଲ୍ ଆସିଥିବା ବେଳେ, ୨୦୨୬ର ପ୍ରଥମ ୬ ମାସରେ ଏହା ୮୭,୯୬୯ରେ ପହଞ୍ଚିଥିବା ସଂଗଠନଗୁଡ଼ିକ ଦାବି କରିଛନ୍ତି।

## ତତଲା ତାୱାରେ ପିଟି ସ୍ୱାମୀକୁ ମାରିଲା ସ୍ତ୍ରୀ

ଲକ୍ଷ୍ନୌ, ୧୪।୮: ଜାନକୀପୁରମର ଆନନ୍ଦବିହାର କଲୋନୀରେ ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ମୁଣ୍ଡକୁ ଏକ ଲୁହା ତାୱାରେ ପିଟି ହତ୍ୟା କରିଛନ୍ତି। ଗୁରୁତର ଆହତ ସ୍ୱାମୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

ଜାନକୀପୁରମ ପୁଲିସ ଅଭିଯୁକ୍ତ ସ୍ତ୍ରୀଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ନାମ ଆଶିଷ ସୋନି ଓରଫ ଶାନି। ସେ ଜଣେ ଅଟୋ-ରିକ୍ସା ଡ୍ରାଇଭର ଭାବରେ କାମ କରୁଥିଲେ। ଆଶିଷ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ପାଞ୍ଚ ବର୍ଷ ଧରି ଘରୋଇ ବିବାଦ ଚାଲିଥିଲା। ଏହି ବିବାଦ ଯୋଗୁଁ ଦମ୍ପତି ବହୁତ ଦିନ ଧରି ଅଲଗା ରହୁଥିଲେ। ସ୍ତ୍ରୀ ଜାନକୀପୁରମର ଆନନ୍ଦ ବିହାର କଲୋନୀରେ ରହୁଥିଲେ। ଆଶିଷ ତାଙ୍କ ଅଟୋ-ରିକ୍ସା ନେଇ ଘରୁ ବାହାରିଥିଲେ ଓ କୌଣସି ଏକ ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇ ଏକ ସାଂଘାତିକ ସଂଘର୍ଷରେ ପରିଣତ ହୋଇଥିଲା।

ରିପୋର୍ଟ ଅନୁଯାୟୀ, ଯୁକ୍ତିତର୍କ ସମୟରେ କ୍ରୋଧର ବଶବର୍ତ୍ତୀ ହୋଇ ପତ୍ନୀ ଘରେ ରଖାଯାଇଥିବା ଏକ ଲୁହା ତାୱା ସାହାଯ୍ୟରେ ଆଶିଷଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ।



# ବାସଭବନରେ ତ୍ରିରଙ୍ଗା ଉତ୍ତୋଳନ କଲେ ଧର୍ମେନ୍ଦ୍ର

■ ଅଭିଯାନ ଜାତୀୟତାବୋଧର ଅନନ୍ୟ ଶିହରଣ ସୃଷ୍ଟି କରିଛି
■ ଦେଲେ ସ୍ୱାଧୀନତା ଦିବସର ଶୁଭେଚ୍ଛା

ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ)ଃ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନରେ ତାଙ୍କ ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ୮୦ତମ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି। ପତାକା ଉତ୍ତୋଳନ କରିବା ପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣାଦାୟୀ ନେତୃତ୍ୱରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆଜି ସମଗ୍ର ଦେଶରେ ଜାତୀୟତାବୋଧ, ଏକତା ଓ ଆତ୍ମସମ୍ମାନର ଏକ ଅନନ୍ୟ ଶିହରଣ ସୃଷ୍ଟି କରିଛି। ଏହି ଅଭିଯାନ ପ୍ରତ୍ୟେକ ଭାରତୀୟଙ୍କୁ ନିଜର ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ସଂଗ୍ରାମ ଓ ବଳିଦାନକୁ ମନେ ପକାଇବା ସହ ଦେଶସେବା ପାଇଁ ସଂକଳ୍ପବଦ୍ଧ ହେବାକୁ ପ୍ରେରଣା ଯୋଗାଉଛି। ଏହି ଅବସରରେ ଶ୍ରୀ ପ୍ରଧାନ ସମସ୍ତ ଓଡ଼ିଶାବାସୀ ତଥା ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ଆମେ ସମସ୍ତେ ଦେଶଭକ୍ତିର ଭାବନାରେ ଏହି ଅଭିଯାନରେ ସାମିଲ ହେବା ଓ ନିଜ ଘରେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରିବା ସହ ଜାତୀୟ ଏକତା, ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିବା।

# ବଙ୍ଗୋପସାଗରରେ ଅବପାତ
# ୩ ଦିନ ପ୍ରବଳ ବର୍ଷା



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ)ଃ ବଙ୍ଗୋପ ସାଗରର ପଶ୍ଚିମବଙ୍ଗ ଉପକୂଳରେ ଅବପାତ। ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଗାମୀ ୩ ଦିନ ଯାଏଁ ପ୍ରବଳ ବର୍ଷା ପାଇଁ ୱାର୍ଣ୍ଣିଂ ଜାରି କରାଯାଇଛି। ଭୀଷଣ ବର୍ଷା ପାଇଁ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୧୧ ଜିଲ୍ଲାକୁ ଅରେଞ୍ଜ ଓ ପ୍ରବଳ ବର୍ଷା ପାଇଁ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଜି ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଓ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ସମୁଦ୍ର ଅଶାନ୍ତ ରହିଥିବାରୁ ୧୫ ଯାଏଁ ମତ୍ସ୍ୟଜୀବୀଙ୍କୁ ବଙ୍ଗୋପ ସାଗରକୁ ବାରଣ କରାଯାଇଛି। ୯୦୦ ମିମି ଅତିକ୍ରମ କଲା ମୌସୁମୀ ବର୍ଷା। ଚଳିତ ବର୍ଷ ସ୍ୱାଭାବିକ ବୃଷ୍ଟିପାତ ୭୧୩.୩ ମିମି ତୁଳନାରେ ୨୬ ପ୍ରତିଶତ ଅଧିକ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ବିଶ୍ୱର ସର୍ବବୃହତ୍...

ଭିତ୍ତିଭୂମିରେ ପରିଣତ ହୋଇଛି। ଭାରତ ସମ୍ପ୍ରତି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ପ୍ରମୁଖ ଅର୍ଥନୀତି। ଆତ୍ମନିର୍ଭର ଭାରତ ଅଭିଯାନ ଦେଶର ଅର୍ଥନୈତିକ ପ୍ରଗତି ଓ ଜାତୀୟ ନିରାପତ୍ତାକୁ ସୁଦୃଢ଼ କରିଛି। ବହୁ ପ୍ରମୁଖ ଅର୍ଥନୈତିକ ସମୂହ ସହ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରି ଭାରତ ବିଶ୍ୱରେ ନିଜକୁ ଏକ ଅଗ୍ରଣୀ ଦେଶ ଭାବରେ ପରିଣତ କରିଛି। ୨୦୪୭ ସୁଦ୍ଧା ଭାରତକୁ 'ବିକଶିତ ଭାରତ' ନିର୍ମାଣ ଲକ୍ଷ୍ୟ ସହ ଆମେ ଆଗକୁ ବଢୁଛୁ। ଏ କ୍ଷେତ୍ରରେ ଦେଶର ପ୍ରତ୍ୟେକ ନାଗରିକ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଯୋଗଦାନ ଦେଉଛନ୍ତି। ପରୀକ୍ଷାରେ ସୁଧାର ପାଇଁ ସରକାର ବଡ଼ ପଦକ୍ଷେପ ନେଉଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଉନ୍ନତ କରାଯାଉଛି। ଆତଙ୍କବାଦକୁ ଆଶ୍ରୟ ଦେଉଥିବା ପାକ ସହ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ଜାତୀୟ ସ୍ୱାର୍ଥ, ବିଶେଷକରି କୃଷକମାନଙ୍କ ପାଇଁ ସରକାରଙ୍କର ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ମୁର୍ମୁ ତାଙ୍କ ଅଭିଭାଷଣ ଅବସରରେ ଦେଶବାସୀଙ୍କୁ ୧୯୪୭ ଅଗଷ୍ଟ ୧୫ ତାରିଖର ସେହି ମୁହୂର୍ତ୍ତକୁ ସ୍ମରଣ କରାଇ ଦେଇଛନ୍ତି, ଯେଉଁଦିନ ଭାରତମାତା ଦାସତ୍ୱର ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ଓ ନାଗରିକମାନେ ସ୍ୱାଧୀନ ଭାରତର 'ଭାଗ୍ୟର ନିର୍ମାତା' ସାଜିଥିଲେ।

### ଯୁବପିଢ଼ି ଜାଣିବେ...

ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼ ସ୍ଥାନାନ୍ତରଣ। ବିଭିନ୍ନ ସୂତ୍ରରୁ ମିଳିଥିବା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟି ଲୋକ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହୋଇଥିଲେ। ଏହି ସମୟରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ୫ ଲକ୍ଷରୁ ୨୦ ଲକ୍ଷ ନିରୀହ ଲୋକଙ୍କର ଜୀବନ ଯାଇଥିଲା ଏବଂ ୫୦ ହଜାରରୁ ଅଧିକ ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା ବୋଲି ଶ୍ରୀ ମାଝୀ କହିଛନ୍ତି। ପାକିସ୍ତାନରୁ ଆସୁଥିବା 'ବ୍ଲଡ଼ ଟ୍ରେନ୍' ଓ 'ଘୋଷ୍ଟ ଟ୍ରେନ୍'ଗୁଡ଼ିକରେ କେବଳ ମୃତଦେହ ଭରି ରହିଥିଲା, ଯାହାର ପ୍ରଭାବ ଆଜି ବି ସେମାନଙ୍କ ବଂଶଧରଙ୍କ ମନରେ ରହିଛି। ବ୍ରିଟିଶ ସରକାରଙ୍କ ବିଭାଜନ ନୀତି ଓ ତତ୍କାଳୀନ ରାଜନୈତିକ ନେତୃତ୍ୱଙ୍କ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥ ଓ କ୍ଷମତା ଲୋଭ ଯୋଗୁଁ ଏହି ବିଭାଜନ ଘଟିଥିଲା। ସେ ସମୟରେ ମୁସଲିମ ଲିଗ୍ ଓ କଂଗ୍ରେସର ନିଷ୍ପତ୍ତି ହିଁ ବିଭାଜନର ମୂଳ କାରଣ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ବି ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ନଗଣ୍ୟ ହୋଇଯାଇଥିବା ବେଳେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଛି। ଯେଉଁମାନେ ଏହି ବିଭୀଷିକାକୁ ସାଧାରଣ ଭାବେ ଦେଖୁଛନ୍ତି କିମ୍ବା ଶତ୍ରୁ ଭାବାପନ୍ନ ଦେଶ ସହ ବନ୍ଧୁତ୍ୱ ପାଇଁ ଆଗ୍ରହୀ, ସେମାନଙ୍କୁ ସ୍ୱାର୍ଥପର ଓ ଦେଶବିରୋଧୀ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି। ଏହି ଛପାଯାଇଥିବା ଇତିହାସକୁ ଆଜିର ଯୁବପିଢ଼ି ଆଗରେ ଉନ୍ମୋଚନ କରିବା ପାଇଁ ଏନସିଇଆରଟି ପାଠ୍ୟପୁସ୍ତକରେ ବିଭାଜନର ବିଭୀଷିକାକୁ ସ୍ଥାନିତ କରାଯାଉଛି, ଯାହାଦ୍ୱାରା ଯୁବଶକ୍ତି ଭାରତର ଅତୀତର ପ୍ରକୃତ ସତ୍ୟ ଜାଣିପାରିବେ। ଅପର ପକ୍ଷରେ, ଦେଶାନ୍ତର ହୋଇ ଆସିଥିବା ଶରଣାର୍ଥୀଙ୍କ ମଧ୍ୟରୁ ଲାଲକୃଷ୍ଣ ଆଡଭାନୀ, ସ୍ୱର୍ଗୀୟ ମନମୋହନ ସିଂହ ଓ ଫ୍ଲାଇଙ୍ଗ୍ ଶିଖ୍ ମିଲଖା ସିଂହ ନିଜର କଠିନ ପରିଶ୍ରମ ବଳରେ ଶୀର୍ଷରେ ପହଞ୍ଚିଥିବା ବେଳେ ପାକିସ୍ତାନ ଯାଇଥିବା ମୁସଲମାନମାନଙ୍କୁ ଆଜି ବି ସେଠାରେ 'ମୋହାଜିର୍' ଭାବେ ନିନ୍ଦିତ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୦୨୧ରୁ ଆରମ୍ଭ କରାଯାଇଥିବା ଏହି 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ ଆମକୁ ଘୃଣା ଓ ବିଦ୍ୱେଷର ପରିଣାମ ପ୍ରତି ସଚେତନ କରାଏ। ଆସନ୍ତାକାଲି ସ୍ୱାଧୀନତା ଦିବସ ଆନନ୍ଦର ସହ ପାଳନ କରିବା ସହ ଦେଶର ସାର୍ବଭୌମତ୍ୱ, ସୁରକ୍ଷା, ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିବା ଓ ଏହି କଳା ଇତିହାସର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବିଭାଜନର ଯନ୍ତ୍ରଣା, ବିଚ୍ଛେଦ ଓ ବଳିଦାନକୁ ମନେ ପକାଇ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ ଆଜିର ଦିନଟି କେବଳ ଏକ ସାଧାରଣ ଦିବସ ନୁହେଁ, ବରଂ ଏହା ଇତିହାସର ଏକ କଳା ଅଧ୍ୟାୟ ଯେଉଁଥିରେ ଅସଂଖ୍ୟ ନିରୀହ ଲୋକ ହିଂସାର ଶିକାର ହୋଇଥିଲେ। ଆମେ ଏହି ଇତିହାସକୁ କଦାପି ଭୁଲିବା ଉଚିତ ନୁହେଁ, କାରଣ ଇତିହାସକୁ ଭୁଲିଗଲେ ଆମେ ତାହା ପ୍ରଦାନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷାକୁ ବି ଭୁଲିଯିବା। ଆମ ସମସ୍ତଙ୍କର ଗୋଟିଏ ବଡ଼ ପରିଚୟ ହେଉଛି ଆମେ 'ଭାରତୀୟ' ଓ ଏକ ନୂତନ, ସମୃଦ୍ଧ ଭାରତ ଗଠନରେ ସେହି ନିରୀହ ବଳିଦାନୀଙ୍କ ଅବଦାନ ସଦାସ୍ମରଣୀୟ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଅର୍ଗାନାଇଜର ପତ୍ରିକାର ସମ୍ପାଦକ ପ୍ରଫୁଲ କେତ୍‌କର, ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ପ୍ରଜ୍ଞା ମହଲା, ଭାରତୀୟ ଇତିହାସ ସଂକଳନ ସମିତିର ଅଧ୍ୟକ୍ଷ ବିକ୍ରମ କେଶରୀ ମହାପାତ୍ର, ବହୁ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସଞ୍ଜୀବ ପଣ୍ଡା ଓ ସ୍ମିତାରାଣୀଙ୍କୁ...

ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, କମାଣ୍ଡୋ ସୁମନ ପୁନ, କମାଣ୍ଡୋ ସୁରେଶ ଚନ୍ଦ୍ର ପୁଟାଙ୍କୁ ସାହସିକତା ପଦକ ପ୍ରଦାନ କରାଯାଇଛି। ସାହସିକତା ପାଇଁ ୩୦୧ ଜଣଙ୍କ ମଧ୍ୟରୁ ୨୭୨ ପୁଲିସ କର୍ମଚାରୀଙ୍କୁ ଓ ୨୯ ଅଗ୍ନିଶମ ସେବା କର୍ମଚାରୀଙ୍କୁ ଦିଆଯାଇଛି। ଜୀବନ ଓ ସମ୍ପତ୍ତି ରକ୍ଷା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବାରେ ସାହସିକତାର ଏକ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସାହସିକତା ପଦକ ପ୍ରଦାନ କରାଯାଏ, ଯେଉଁଥିରେ ଅଧିକାରୀଙ୍କ କର୍ତ୍ତବ୍ୟ ଓ ନିଷ୍ଠାକୁ ଦୃଷ୍ଟିରେ ରଖି ବିପଦର ମୂଲ୍ୟାଙ୍କନ କରାଯାଏ। ଆଞ୍ଚଳିକ ଭାବରେ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ ୧୯୭ ଜଣ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରୁ, ୫୧ ଜଣ ଜମ୍ମୁ-କଶ୍ମୀରରୁ, ୧୨ ଜଣ ଉତ୍ତର-ପୂର୍ବରୁ ଓ ୪୧ ଜଣ ଅନ୍ୟାନ୍ୟ ଅଞ୍ଚଳରୁ ଆସିଛନ୍ତି। ଏକ ସ୍ୱତନ୍ତ୍ର ପ୍ରତିଷ୍ଠିତ ସେବା ରେକର୍ଡ ପାଇଁ ମୋଟ ୯୨ ଜଣ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯିବ। ଏହାଛଡ଼ା ପୃଥକ ଭାବେ ୬୭୪ ଜଣଙ୍କୁ ପ୍ରଶଂସନୀୟ ସେବା ପୁରସ୍କାର ମିଳିବ। ଅଗ୍ନିଶମ ସେବାରେ ଏଏସଓ ମଳୟ ମହାନ୍ତି ରାଷ୍ଟ୍ରପତି ପଦକ ପାଇବେ। ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାରେ ଜଣଙ୍କୁ ସାହସିକତା ପଦକ ମିଳିବ। ସଂସ୍କାରମୂଳକ ସେବା ପାଇଁ ୨ ଜଣଙ୍କୁ ସାହସିକତା ପଦକ ପ୍ରଦାନ କରାଯିବ।

### ବାଜି ରାଉତ ଦେଶପ୍ରେମ...

ରକ୍ଷା ପାଇଁ ସେ ଇଂରେଜଙ୍କଠାରୁ ଗୁଳି ଖାଇବାକୁ ଶ୍ରେୟସ୍କର ମଣିଥିଲେ। ତାଙ୍କର ଜନ୍ମସ୍ଥାନକୁ ଏକ ସାଧାରଣ ଭୌତିକ ସ୍ମରଣିକାରେ ସୀମିତ ନ ରଖି ଏହାକୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଯୋଗାଉଥିବା ଏକ ଅନନ୍ୟ 'ପ୍ରେରଣାର କେନ୍ଦ୍ର' ଭାବେ ଗଢ଼ି ତୋଳାଯିବ। ଏହି ସଂଗ୍ରାମୀ ମାଟିର ପରମ୍ପରାକୁ ସ୍ମରଣ କରି ସେ କହିଛନ୍ତି ଯେ ବିପ୍ଳବୀ ସାରଙ୍ଗଧର ଦାସ, ବୀର ବୈଷ୍ଣବ ଚରଣ ପଟ୍ଟନାୟକ, ମୃଷା ମଲ୍ଲିକ, ମହେଶ ଚନ୍ଦ୍ର ସୁବାହୁ ସିଂହ, ପବିତ୍ର ମୋହନ ପ୍ରଧାନଙ୍କ ଭଳି ମହାନୁଭବଙ୍କ ଅତୁଳନୀୟ ତ୍ୟାଗ ବଳରେ ଇଂରେଜ ଶାସନ ବିରୋଧରେ ଏହି ଅଞ୍ଚଳ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ କେନ୍ଦ୍ର ପାଲଟିଥିଲା। ସେତେବେଳେ ଦେଶ ପାଇଁ ବଳିଦାନ ଦେବାର ଆବଶ୍ୟକତା ଥିଲା, ମାତ୍ର ଆଜି ଦେଶ ପାଇଁ ବଞ୍ଚିବାର ଆବଶ୍ୟକତା ରହିଛି। ଟେକ୍ନୋଲୋଜିର ଉପଯୋଗ କରି ଲୋକଙ୍କ ଜୀବନଶୈଳୀ ବଦଳାଇବା ସହ ଆମ ଯୁବପିଢ଼ି ନିଶାରୁ ଦୂରେଇ, ସ୍ୱାବଲମ୍ବୀ, ଆତ୍ମବିଶ୍ୱାସୀ, କୁଶଳୀ, ବୈଜ୍ଞାନିକ ଓ ଚିକିତ୍ସକ ହୁଅନ୍ତୁ। ଏହି ଅଞ୍ଚଳର ଉତ୍ପାଦିତ ସାମଗ୍ରୀକୁ ଗ୍ଲୋବାଲ ସପ୍ଲାଏ ଚେନ୍‌ରେ ଯୋଡ଼ିପାରିଲେ ହିଁ ଏହି ମହାନ ବୀର ସଂଗ୍ରାମୀମାନଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଢେଙ୍କାନାଳ ସଂସ୍କୃତି, ଆଧ୍ୟାତ୍ମିକତା, ମହିମା ବିଚାରର ଭୂମି। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ତେଣୁ ବର୍ତ୍ତମାନ ସମୟରୁ 'ବିକଶିତ ଢେଙ୍କାନାଳ' ଓ 'ବିକଶିତ ଓଡ଼ିଶା' ଗଠନ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହି 'ତ୍ରିରଙ୍ଗା ପଦଯାତ୍ରା'ରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବସାଥୀ ଓ ଜନସାଧାରଣ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

### ଟଙ୍କା ଖର୍ଚ୍ଚ ନ କରି...

ମିଳୁଥିବା ଅର୍ଥକୁ ଠିକଣା ସମୟ ମଧ୍ୟରେ ଖର୍ଚ୍ଚ କରିବାକୁ ହୋଇଥାଏ। ହେଲେ ଡିପିଆର ମଞ୍ଜୁର ସତ୍ତ୍ୱେ ରେଭେନ୍ସା କର୍ତ୍ତୃପକ୍ଷ କିନ୍ତୁ ଠିକଣା ସମୟରେ ଅର୍ଥ ଖର୍ଚ୍ଚ କରିବାରେ ଅସମର୍ଥ ହୋଇଛନ୍ତି। ଆହୁରି ମଧ୍ୟ ଦେଖାଯାଇଛି ଯେ ଗତବର୍ଷ ନଭେମ୍ବରରେ ବିଶ୍ୱବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ପ୍ରାୟ ୨୦ କୋଟି ଟଙ୍କାର କାର୍ଯ୍ୟକୁ ପ୍ରଶାସନିକ ମଞ୍ଜୁରୀ ମିଳିଥିଲା। ବର୍ତ୍ତମାନ ସୁଦ୍ଧା ସେହି କାର୍ଯ୍ୟ ହୋଇପାରିନାହିଁ। ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ଯୋଜନା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି କେନ୍ଦ୍ର ସରକାର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ୍ ଜାରି ହେବା ସହ ପ୍ରକଳ୍ପ ମଞ୍ଜୁରୀ ସତ୍ତ୍ୱେ କାହିଁକି ଅର୍ଥ ଖର୍ଚ୍ଚ କରିପାରିନାହିଁ, ତାହା ଜଣାଇବାକୁ କୁହାଯାଇଛି। ଏଥିପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୬ ପ୍ରକାରର ତଥ୍ୟ ପ୍ରଦାନ ସହ ଆସନ୍ତା ୧୭ ତାରିଖ ସୁଦ୍ଧା ଉତ୍ତର ରଖିବାକୁ ସ୍ପଷ୍ଟ ଭାବେ କୁହାଯାଇଛି।

## ବନ୍ୟା ପାଣିରେ ବୁଡ଼ି ଦୁଇ ମୃତ

ବାରିପଦା, ୧୪।୮ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାରେ ଭୀଷଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟା ଜଳ ଆସିଛି। ଫଳରେ ବନ୍ୟା ପାଣିରେ ବୁଡ଼ି ଜିଲ୍ଲାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ବଡ଼ସାହି ବ୍ଲକ୍ ଅଞ୍ଚଳରେ ଜଣେ ଯୁବକ ମାଛ ଧରିବାକୁ ନିକଟସ୍ଥ ବନ୍ଧକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ବନ୍ଧପାଣିରେ ଭାସି ଯାଇ ମୃତ୍ୟୁବରଣ କରିଛନ୍ତି। ସେହିପରି ଶୁଳିଆପଦା ଥାନା ଅନ୍ତର୍ଗତ ଢେଙ୍କାନାଳିଆ ଗ୍ରାମର ଆମ୍ବଯୋଡ଼ି ନାଳରୁ ଜନୈକ ଅଚିହ୍ନା ଲୋକର ମୃତଦେହ ଉଦ୍ଧାର କରାଯାଇଛି। ଅନ୍ୟପକ୍ଷରେ ରାସଗୋବିନ୍ଦପୁର ବ୍ଲକର ସାନନଦୀ ପୋଲ ଉପରେ ଏକ ପିକଅପ ଭ୍ୟାନ ପାର୍ ହେଉଥିବା ସମୟରେ ହଠାତ ବନ୍ୟା ପାଣି ଆସିବା ଫଳରେ ଭ୍ୟାନ୍‌ଟି ପୋଲ ଉପରେ ଅଟକିଯାଇଥିଲା। ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର ଓ ହେଲପରଙ୍କୁ ସ୍ଥାନୀୟ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବା ଜଣାପଡ଼ିଛି।

# ୬ ଜିଲ୍ଲାରେ ବନ୍ୟା ତାଣ୍ଡବ



ଭୁବନେଶ୍ୱର, ୧୪।୮ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ଚଳିତ ବନ୍ୟାରେ ୬ ଜିଲ୍ଲାର ୫୨ ବ୍ଲକ ପ୍ରଭାବିତ ହୋଇଛି। ୧୭୦ ପଞ୍ଚାୟତର ୪୨୯ ଗାଁ ଜଳମଗ୍ନ ହୋଇଥିବା ବେଳେ ୨ ଲକ୍ଷ ୯ ହଜାର ୪୮୭ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିସହ ୩୩ଟି ଗାଁ ଏବେ ବି ପାଣି ଘେରରେ ରହିଛି। ୪୧ ହଜାର ଲୋକ ଉଦ୍ଧାର ହେଲେଣି ଓ ୩୮ ହଜାର ଲୋକ ବନ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି। ବନ୍ୟା ସ୍ଥିତି ଆହୁରି ଦୁଇ ଦିନ ଲାଗି ରହିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ମୟୂରଭଞ୍ଜର ୨୨ ବ୍ଲକ୍, ୫୦ ପଞ୍ଚାୟତ, ୧୦୨ଟି ଗାଁ, ବାରିପଦା ସଦର, ବେତନଟୀ ବିଶେଷ ଭାବେ ପ୍ରଭାବିତ ହୋଇଛି। ସେହିପରି ବାଲେଶ୍ୱରର ୫ ବ୍ଲକ ୮୭ ଗାଁ, ଭଦ୍ରକ ଜିଲ୍ଲାର ୨ଟି ବ୍ଲକ ୧୩ ପଞ୍ଚାୟତ, ୬୧ ଗାଁ, ଯାଜପୁର ଜିଲ୍ଲାର ୩ ବ୍ଲକ, ୧୪ ପଞ୍ଚାୟତର ୨୮ଟି ଗାଁ ପ୍ରଭାବିତ ହୋଇଛି। ବନ୍ୟା ମୁକାବିଲା ଓ ଉଦ୍ଧାର କାର୍ଯ୍ୟରେ ୩୯ଟି ଓଡ୍ରାଫ, ୭ଟି ଏନଡିଆରଏଫ, ୩୩ଟି ଅଗ୍ନିଶମ ବିଭାଗ ଟିମ୍ ମୁତୟନ ହୋଇଛନ୍ତି। ଇତିମଧ୍ୟରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୨୭୮୪ ଲୋକଙ୍କୁ ବନ୍ୟା ଜଳରୁ ଉଦ୍ଧାର କରାଯାଇ ୧୨୭ ସେଲଟରରେ ରଖାଯାଇଛି। ସବୁଠି ରିଲିଫ ବ୍ୟବସ୍ଥା କରାଯାଇଛି। ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଲୋକଙ୍କୁ ଯୋଗାଇ ଦିଆଯାଇଛି। ସେହିପରି ୨୯୬ ମେଟ୍ରିକ ଟନ୍ ପଶୁ ଖାଦ୍ୟ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ପଠାଯାଇଛି। ଅନ୍ୟ ଜିଲ୍ଲାକୁ ମଧ୍ୟ ଏହା ଖୁବ୍‌ଶୀଘ୍ର ପଠାଯିବ।

ସେହିପରି ବୈତରଣୀ ଯୋଗୁଁ ଭଦ୍ରକରେ ବନ୍ୟା ହୋଇଛି। ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି ଅଧିକ ପ୍ରଭାବିତ ହେବ। ଆସନ୍ତା କାଲି ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ୟା ସ୍ଥିତି ରହିବ, ଏହାପରେ ସ୍ଥିତି ସୁଧୁରିବ। ସୁବର୍ଣ୍ଣରେଖା ଜାମସେଦପୁରରେ ବିପଦ ସଂକେତ ଉପରେ ରହିଛି। ଆସନ୍ତାକାଲି ରାଜଘାଟରେ ଜଳସ୍ତର ବଢ଼ିବ। ସୁବର୍ଣ୍ଣରେଖା ଯୋଗୁଁ ବାଲିଆପାଳ ଓ ଭୋଗରାଇ ଅଞ୍ଚଳରେ ଛୋଟ ବନ୍ୟା ହେବ। ସାଳନ୍ଦୀରେ ବିପଦ ସଂକେତ ତଳେ ଜଳ ପ୍ରଭାବିତ ହେଉଥିବାରୁ ବନ୍ୟା ସ୍ଥିତି ସୁଧୁରୁଛି। ବୁଢ଼ାବଳଙ୍ଗରେ ଗୋବିନ୍ଦପୁରଠାରେ ବିପଦ ସଂକେତ ଉପରେ ଜଳସ୍ତର ରହିଛି। ଆସନ୍ତାକାଲି ୧୦ଟା ସୁଦ୍ଧା ଜଳସ୍ତର କମିବ ବୋଲି ଏସ୍ଆର୍‌ସି ସୂଚନା ଦେଇଥିବାରୁ ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

ବାଲେଶ୍ୱର ସଦର, ରେମୁଣା, ବାହାନଗା ନୀଳଗିରିରେ ବନ୍ୟା ସ୍ଥିତି ଏବେ ସୃଷ୍ଟି ହୋଇଛି। ଜଳକାରେ ବିପଦ ସଂକେତ ଉପରେ ରହିଛି ଜଳସ୍ତର। ଆଜି ସନ୍ଧ୍ୟାରୁ ସେଠାରେ ଜଳସ୍ତର କମିବା ଆରମ୍ଭ ହୋଇସାରିଲାଣି। ଆସନ୍ତା ୨ ଦିନ ବର୍ଷା ହେବା ନେଇ ଆକଳନ କରାଯାଉଛି। ଏହି ଆକଳନ ଅନୁସାରେ, ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର ଓ ସୁନ୍ଦରଗଡ଼ରେ ଅଧିକ ବର୍ଷା ହେବ। କେତେକ ସ୍ଥାନରେ ପ୍ରବଳ ବର୍ଷା ମଧ୍ୟ ହୋଇପାରେ ବୋଲି ଏସଆରସି ଶ୍ରୀ ପାଟିଲ୍ କହିଛନ୍ତି।

# କଂଗ୍ରେସ ନେତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

କଟକ, ୧୪।୮(ସଂଚାର ବ୍ୟୁରୋ)ଃ ଜଗତପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ୪୮ନଂ ୱାର୍ଡ କଂଗ୍ରେସ ସଭାପତି ରଶ୍ମିକାନ୍ତ ସାମଲଙ୍କ ବିୟୋଗରେ ଜଗତପୁର କଂଗ୍ରେସ ପକ୍ଷରୁ କମର୍ସ ନେତା ତଥା ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜଗତପୁର ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଶାନ୍ତ, ସରଳ, କର୍ମଠ, ନିଷ୍ଠାପର ଓ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ବହୁ ଅନୁଷ୍ଠାନ ସହିତ ଓତଃପୋତ ଭାବରେ ଜଡ଼ିତ ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ, କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ସଦର କଂଗ୍ରେସ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସମାଜସେବୀ କିଶୋର ନାୟକ ଧନ୍ୟବାଦ ଦେଇଥିଲେ।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିଲେ ଝାରସୁଗୁଡ଼ା ବିଧାୟକ



ନୂଆଦିଲ୍ଲୀ,୧୪।୮ଃ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଜି ନୂଆଦିଲ୍ଲୀ ଠାରେ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଶ୍ରୀ ଶାହ ବିଧାୟକଙ୍କ ଶ୍ରୀ ତ୍ରିପାଠୀଙ୍କ ସହ ପ୍ରାୟ ୩୦ ମିନିଟ୍ ଧରି ଓଡ଼ିଶାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା କାଳରେ ଶ୍ରୀ ତ୍ରିପାଠୀ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ସମେତ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସଂକ୍ରାନ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଶ୍ରୀ ତ୍ରିପାଠୀ ଅବଗତ କରାଇଥିଲେ। ଏଥିସହ ଦଳୀୟ ସଂଗଠନ ସଂକ୍ରାନ୍ତରେ ଶ୍ରୀ ତ୍ରିପାଠୀଙ୍କଠାରୁ ଶ୍ରୀ ଶାହ ଅବଗତ ହୋଇଥିବା ଜଣାଯାଇଛି।

● ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ସମ୍ପର୍କିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ

# ରାଜ୍ୟକୁ ଅଧିକ ପ୍ରକଳ୍ପ ମଞ୍ଜୁର ପାଇଁ ନାବାର୍ଡକୁ ପରାମର୍ଶ




ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ)ଃ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ୍) ସମ୍ପର୍କିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ପ୍ରଥମ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ନିରନ୍ତର ଉତ୍କୃଷ୍ଟ ପ୍ରଦର୍ଶନକୁ ବିଚାରକୁ ନେଇ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ଆରଆଇଡିଏଫ୍ ଅଧୀନରେ ଅଧିକ ସଂଖ୍ୟକ ପ୍ରକଳ୍ପ ମଞ୍ଜୁର କରିବାକୁ ନାବାର୍ଡକୁ ଅନୁରୋଧ କରାଯାଇଛି। ଆରଆଇଡିଏଫ୍ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ବ୍ୟୟ ପ୍ରତିପୂରଣ ଦାବି ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ବ୍ୟୟ ହେବା ପରେ ତୁରନ୍ତ ପ୍ରତିପୂରଣ ଦାବି ଦାଖଲ କରିବାକୁ ମଧ୍ୟ ସେମାନଙ୍କୁ ପରାମର୍ଶ ଦିଆଯାଇଛି, ଯାହାଦ୍ୱାରା ଆରଆଇଡିଏଫ୍ ପାଣ୍ଠିର ସମୟୋଚିତ ବଣ୍ଟନ ସୁନିଶ୍ଚିତ ହୋଇପାରିବ।

କମିଟି ଆରଆଇଡିଏଫ୍ ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ବ ବର୍ଷରୁ ଚାଲୁଥିବା ଓ ନୂତନ ପ୍ରକଳ୍ପଗୁଡ଼ିକ ପାଇଁ ଆର୍ଥିକ ଅନୁମୋଦନ କରିଛନ୍ତି। ଏଥିରେ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ସଡ଼କ ଓ ସେତୁ ଯୋଗାଯୋଗ ଏବଂ ଗୋଦାମ ଭିତ୍ତିଭୂମି ଭଳି କ୍ଷେତ୍ର ସାମିଲ ରହିଛି। ଏଥିସହ କମିଟି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧୀନରେ ମତ୍ସ୍ୟଚାଷ ଓ ଜଳଜୀବ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଛନ୍ତି।

ବେଦାନ୍ତର 'ପ୍ରୋଜେକ୍ଟ ପନ୍‌ଛି'

# ୧୮୦ ଯୁବତୀଙ୍କୁ ଶିଳ୍ପଭିତ୍ତିକ ଦକ୍ଷତା



ଭୁବନେଶ୍ୱର,୧୪।୮(ସଂଚାର ବ୍ୟୁରୋ)ଃ ଭାରତ ଏକ ବିଶ୍ୱସ୍ତରୀୟ ମାନୁଫାକ୍ଚରିଂ ଓ ନବସୃଜନ କେନ୍ଦ୍ର ହେବା ଦିଗରେ ଦ୍ରୁତଗତିରେ ଆଗେଇ ଚାଲିଥିବା ବେଳେ ଦେଶର ଶିଳ୍ପ ପ୍ରଗତିରେ ଅଧିକ ସଂଖ୍ୟକ ଯୁବତୀଙ୍କ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରିବା ଏକ ବଡ଼ ସୁଯୋଗ ସହ ଅନିବାର୍ଯ୍ୟତା। ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଦୂରଦୃଷ୍ଟିରେ ପରିଚାଳିତ 'ପ୍ରୋଜେକ୍ଟ ପନ୍‌ଛି' ଏକ ଅଭିନବ ପଦକ୍ଷେପ ଭାବେ ଆରମ୍ଭ ହୋଇଛି। ଗ୍ରାମୀଣ ଭାରତର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାରର ଯୁବତୀଙ୍କୁ ସଶକ୍ତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଉଚ୍ଚଶିକ୍ଷାରେ ସହାୟତା, ଶିଳ୍ପ କ୍ଷେତ୍ର ସହ ପରିଚିତ ହେବାର ସୁଯୋଗ ଓ ସମ୍ମାନଜନକ କ୍ୟାରିୟର ପାଇଁ ପଥ ସୃଷ୍ଟି କରି ଏହି ପଦକ୍ଷେପ ଯୁବତୀଙ୍କ ସ୍ୱପ୍ନକୁ ସଫଳତାରେ ପରିଣତ କରିବା ସହ ଭାରତର ମାନୁଫାକ୍ଚରିଂ, ଖଣି ଓ ଧାତୁ ଶିଳ୍ପ ପାଇଁ ଆଗାମୀ ପିଢ଼ିର ମହିଳା ପେସାଦାରଙ୍କୁ ପ୍ରସ୍ତୁତ କରୁଛି। କାର୍ଯ୍ୟକ୍ରମ ଅଧୀନରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, କମର୍ସ ଓ ବିଜ୍ଞାନ ବିଷୟରେ ଅଧ୍ୟୟନରତ ୧୮୦ରୁ ଅଧିକ ଯୁବତୀଙ୍କୁ ଓଡ଼ିଶା ଓ ଛତିଶଗଡ଼ରେ ଥିବା ବେଦାନ୍ତ ଆଲୁମିନିୟମ୍‌ର ବିଶ୍ୱସ୍ତରୀୟ କାର୍ଯ୍ୟକ୍ଷେତ୍ରରେ ଇଂଟର୍ନ ଭାବେ ନିୟୋଜିତ କରାଯାଇଥିଲା। ଏହା ମାଧ୍ୟମରେ ସେମାନେ ୩୦ରୁ ଅଧିକ ବ୍ୟାବସାୟିକ ବିଭାଗରେ ପ୍ରତ୍ୟକ୍ଷ ଶିଳ୍ପ ଅଭିଜ୍ଞତା, ଏଆଇ ଆଧାରିତ ଶିକ୍ଷା ଏବଂ ବ୍ୟବହାରିକ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ। ସୁବ୍ୟବସ୍ଥିତ ପ୍ରୋଜେକ୍ଟ, ବିଭିନ୍ନ ବିଭାଗ ସହ ସମନ୍ୱୟ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଆଧୁନିକ ମାନୁଫାକ୍ଚରିଂ ଓ ଖଣି ପ୍ରଣାଳୀ, ସ୍ଥାୟୀ ବିକାଶ, ଡିଜିଟାଲ୍ ରୂପାନ୍ତରଣ ଓ କର୍ପୋରେଟ୍ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମୂଲ୍ୟବାନ ଜ୍ଞାନ ହାସଲ କରିଥିଲେ। ଶ୍ରେଣୀଗୃହରେ ହାସଲ କରିଥିବା ଜ୍ଞାନକୁ ବାସ୍ତବ ବ୍ୟବସାୟିକ ସମସ୍ୟାର ସମାଧାନରେ ପ୍ରୟୋଗ କରିବାର ସୁଯୋଗ ଦେଇ ଏହି କାର୍ଯ୍ୟକ୍ରମ ଯୁବତୀଙ୍କୁ ଶିଳ୍ପ ସହ ସମ୍ପୃକ୍ତ ଦକ୍ଷତା, ପେସାଦାର ଅଭିଜ୍ଞତା ଓ କ୍ୟାରିୟର ପାଇଁ ପ୍ରସ୍ତୁତି ପ୍ରଦାନ କରୁଛି। ଏଥିସହ ଦ୍ରୁତଗତିରେ ବିକଶିତ ହେଉଥିବା ଭାରତୀୟ ମାନୁଫାକ୍ଚରିଂ ପରିବେଶ ପାଇଁ ଭବିଷ୍ୟତର ପ୍ରତିଭାବାନ ମାନବସମ୍ବଳ ଗଠନରେ ମଧ୍ୟ ଏହା ସହାୟକ ହେଉଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ଭାରତର ବିକାଶ ଯାତ୍ରା ଏହା ଉପରେ ନିର୍ଭର କରିବ ଯେ ସମାଜର ପ୍ରତ୍ୟେକ ବର୍ଗକୁ ଆମେ କେତେ ପ୍ରଭାବଶାଳୀ ଭାବେ ସୁଯୋଗ ଦେଇ ଆର୍ଥିକ ପ୍ରଗତିରେ ସାମିଲ କରିପାରୁଛୁ। ପ୍ରୋଜେକ୍ଟ ପନ୍‌ଛି ମାଧ୍ୟମରେ ଯୁବତୀମାନଙ୍କୁ ଆଗକୁ ଆସିବା, ନିଜ ସ୍ୱପ୍ନ ପୂରଣ କରିବା ଓ ଦେଶର ବିକାଶରେ ସକ୍ରିୟ ଯୋଗଦାନ କରିବାକୁ ଉତ୍ସାହିତ କରି ସମାବେଶୀ ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ଆମେ ଆହୁରି ସୁଦୃଢ଼ କରୁଛୁ। ଅଧିକ ବିବିଧ ଓ ସମାବେଶୀ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ଗଠନରେ ସହାୟକ ହେଉଥିବା ଏହି ପଦକ୍ଷେପକୁ ସମର୍ଥନ କରି ଆମେ ଗର୍ବିତ।

# ହର ଘର ତ୍ରିରଙ୍ଗା ଅଭିଯାନରେ ସାମୂହିକ ବନ୍ଦେ ମାତରମ୍ ଗାନ

କଟକ, ୧୪।୮ (ସଂଚାର ବ୍ୟୁରୋ)ଃ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ହର ଘର ତିରଙ୍ଗା' ଅଭିଯାନ ଦେଶବ୍ୟାପୀ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ସାମୂହିକ ବନ୍ଦେ ମାତରମ୍ ଗାନ ଗଡ଼ଗଡ଼ିଆ ଘାଟଠାରେ ଅୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ବନ୍ଦେ ମାତରମ ଗାନ କରିଥିଲେ। ଏହି ଅବସରରେ ସାମୁହିକ ବନ୍ଦେ ମାତରମ୍ ଗାନ ସହିତ ବୋଟିଂ ଓ ଜନସାଧାରଣଙ୍କୁ ଜାତୀୟ ପତାକା ବଣ୍ଟନ ଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଈପସିତା ପ୍ରିୟଦର୍ଶିନୀ ମିଶ୍ର ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ। କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣଦୀପ କୌର୍ ସହୋତା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖଙ୍କ ଉପସ୍ଥିତ ଥିଲେ।



# ଧାନ ବିହନ ଚାଷୀ, ପ୍ରାପ୍ୟ ପାଇବେ କେବେ ?



ଭୁବନେଶ୍ୱର,୧୪।୮ଃ ରାଜ୍ୟ ସରକାରଙ୍କୁ ଧାନ ବିହନ ବିକ୍ରି କରିଥିବା ଚାଷୀମାନେ ଏବେ ସଙ୍କଟରେ। ବିହନ ବିକ୍ରି କରିବାର ସାତ ମାସ ପରେ ବି ସେମାନେ ବହୁ ଚାଷୀ ଏ ବାବଦୀୟ ପ୍ରାପ୍ୟ ପାଇପାରୁନାହାନ୍ତି। ଏଥିଯୋଗୁଁ କାହାର ଋଣ ବୋଝ ବଢ଼ି ଚାଲିଛି ତ ଆଉ କାହାର ଚିକିତ୍ସା ବି ପ୍ରଭାବିତ ହେଲାଣି। ଧାନ ବିହନ ଚାଷୀମାନେ ରାଜ୍ୟ ସରକାରଙ୍କ ବିହନ ନିଗମକୁ ପ୍ରାମାଣିକ ଧାନ ବିହନ ବିକ୍ରି କରିଥାନ୍ତି। ଏଥିପାଇଁ ବିହନ ନିଗମ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବା ସହ ପିଣ୍ଡି ବିହନ ଯୋଗାଣ କରିଥାନ୍ତି। ଚାଷୀମାନେ ଏଥିରୁ ପ୍ରାମାଣିକ ବିହନ ଫଳାଇ ସରକାରଙ୍କୁ ଦେଇଥାନ୍ତି। ଏଥିପାଇଁ ଚାଷୀମାନେ ବିହନ ନିଗମ ସହ ଚୁକ୍ତି କରିଥାନ୍ତି।

ତେବେ ମିଳିଥିବା ସୂଚନାନୁଯାୟୀ, ଗତ ଡିସେମ୍ବରରୁ ଧାନ ବିହନ ଯୋଗାଣ କରିଥିବା ପଶ୍ଚିମ ଓଡ଼ିଶାର ଅଧିକାଂଶ ଚାଷୀ ସେମାନଙ୍କ ବିହନ ବାବଦ ପାଉଣା ପାଇପାରୁନାହାନ୍ତି। କୃଷି ବିଭାଗର ସଚିବଙ୍କଠାରୁ ଆରମ୍ଭ କରି ନିଗମର ବଡ଼ ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟିଲେ ମଧ୍ୟ ଫଳ କିଛି ମିଳୁନାହିଁ। ଏଥିଯୋଗୁଁ ବହୁ ଚାଷୀଙ୍କର ଋଣବୋଝ ବଢ଼ିବାରେ ଲାଗିଛି। ବିହନ ଚାଷୀ ଦେଇଥିବା ପ୍ରାମାଣିକ ବିହନ ସରକାରଙ୍କ ବାଟ ଦେଇ ଯାଇ ଚାଷୀଙ୍କ ବିଲରେ ଅଧା ଚାଷ ହୋଇ ସାରିଥିବାବେଳେ କିନ୍ତୁ ବିହନ ଚାଷୀ ତାହାର ପ୍ରାପ୍ୟ ପାଇପାରୁ ନାହିଁ। ଯେଉଁ ଚାଷୀମାନେ ସେମାନଙ୍କର ଧାନକୁ ମଣ୍ଡିରେ ଦେଉଛନ୍ତି ସେମାନେ ୪୮ ଘଣ୍ଟା ମଧ୍ୟରେ ପାଉଣା ପାଇଯାଉଥିବା ବେଳେ ବିହନ ଚାଷୀମାନେ କିନ୍ତୁ ନିଗମର ହାତ ଟେକାକୁ ଅପେକ୍ଷା କରି ବସିଛନ୍ତି।

ବିହନ ଚାଷୀମାନେ ଯେଭଳି ସୁରୁଖୁରୁରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ। ଲକ୍ଷ୍ୟ ଥିଲା ବିହନ ଚାଷୀମାନେ ଠିକଣା ସମୟରେ ଅର୍ଥ ପାଇଲେ ସେମାନେ ଅଧିକରୁ ଅଧିକ ପରିମାଣର ଉନ୍ନତ ଧାନ ବିହନ ଯୋଗାଇଦେବେ ଓ ଏହା ରାଜ୍ୟର ଧାନ ଉତ୍ପାଦନ କ୍ଷେତ୍ରରେ ବଡ଼ ସହାୟକ ହେବ। ହେଲେ କର୍ପସ ପାଣ୍ଠି ଥିବା ସତ୍ତ୍ୱେ କିନ୍ତୁ ବିହନ ଚାଷୀମାନେ ଏବେ ସାତ ମାସ ପରେ ସେମାନଙ୍କର ପ୍ରାପ୍ୟ ପାଇପାରୁନାହାନ୍ତି।

ମିଳିଥିବା ସୂଚନାନୁଯାୟୀ, ଖରିଫ ଋତୁରେ ବିହନ ନିଗମ ୧ ଲକ୍ଷ ୬୫ ହଜାର ମେଟ୍ରିକ ଟନ୍ ବିହନ ସଂଗ୍ରହ ପାଇଁ ଲକ୍ଷ୍ୟ ଥିବା ବେଳେ ଚାଷୀଙ୍କଠାରୁ ୧୦ ହଜାର ମେଟ୍ରିକ ଟନ୍ ଅଧିକ ବିହନ ସଂଗ୍ରହ ହୋଇଥିଲା। ଅଧିକ ବିହନ ସଂଗ୍ରହର ତଦନ୍ତ ପାଇଁ ଏବେ ବିହନ ଚାଷୀଙ୍କ ଅର୍ଥ ଦିଆଯାଇପାରୁ ନ ଥିବା ଜଣାଯାଇଛି। ଉଲ୍ଲେଖନୀୟ ଯେ ପୂର୍ବରୁ ବିହନ ନିଗମ ଜରିଆରେ ପ୍ରାୟ ୫ ଲକ୍ଷ ମେଟ୍ରିକ ଟନ୍ ପ୍ରାମାଣିକ ଧାନ ବିହନ ଚାଷୀମାନଙ୍କ ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ତାହା ୨ ଲକ୍ଷ ମେଟ୍ରିକ ଟନ୍ ତଳକୁ ଖସି ଆସିଛି। (ତଥ୍ୟ)

## ୨୧ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ




କୋରେଇ,୧୪।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଆକାଶ ଦାସନାୟକ ଆଜି ପାଣିକୋଇଲି ପଂଚାୟତରେ ଆୟୋଜିତ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହେବା ସହ ମା'ତାରିଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ବସୁନ୍ଧରା ଯୋଜନାରେ ଭୂମିହିନଙ୍କୁ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ପଂଚାୟତର ୨୧ ଜଣ ଭୂମିହୀନ ପରିବାରକୁ ସ୍ଥାୟୀ ବସବାସ ପାଇଁ ପଟ୍ଟା ପ୍ରଦାନ କରିଥିଲେ। ପାଣିକୋଇଲି ପଂଚାୟତର ସରପଂଚ ପଦ୍ମାବତୀ ପଣ୍ଡା, ବ୍ୟାସନଗର ଆଡିସିନାଲ ତହସିଲଦାର ପ୍ରଶାନ୍ତ ପୁହାଣ, ସଂଯୁକ୍ତା ସାହୁ, ଦିପ୍ତିମୟୀ କୁଅଁର'ଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ଓ ହଜାର ହଜାର ଜନସାଧାରଣ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅଂଚଳର ଭୂମିହୀନ ପରିବାରର ସଦସ୍ୟ ମାନେ ବସୁନ୍ଧରା ଯୋଜନା ପଟ୍ଟାପାଇବା ପରେ ବିଜେପି ସରକାରର ଓ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ କୋରେଇ ବିଧାୟକ ଶ୍ରୀ ଦାସନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ସମ୍‌ରେ ବିଶ୍ୱ ଅଙ୍ଗଦାନ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଗୁରୁବାର ବିଶ୍ୱ ଅଙ୍ଗଦାନ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ କ୍ରିଟିକାଲ୍ କେୟାର ମେଡିସିନ୍ (ଆଇଏସସିସିଏମ୍)ର ମିଳିତ ଆନୁକୂଲ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଙ୍ଗଦାନ ଏକ ପୂର୍ଣ୍ୟକାର୍ଯ୍ୟ ବୋଲି କହିବା ସହ ପ୍ରତ୍ୟେକ ବ୍ୟକ୍ତି ଅଙ୍ଗଦାନ ପାଇଁ ଆଗଭର ହେବା ଉଚିତ୍ ବୋଲି କହିଥିଲେ। ବର୍ତ୍ତମାନ ମଧ୍ୟ ଭାରତରେ ଲୋକମାନଙ୍କ ମଧ୍ୟରେ ଅଙ୍ଗଦାନ ନେଇ ସଚେତନତାର ଅଭାବ ରହିଛି। ଯାହା



ଫଳରେ ଲୋକମାନେ ଅଙ୍ଗଦାନ କରିବାରେ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଅଙ୍ଗଦାନକୁ ନେଇ ଲୋକମାନଙ୍କ ମନରେ ଯେଉଁ ଭ୍ରାନ୍ତ ଧାରଣା ରହିଛି ତାହାକୁ କିପରି ଦୂରେଇ ଦିଆଯାଇପାରିବ ସେ ନେଇ ପ୍ରଫେସର ମିଶ୍ର ଗୁରୁତ୍ୱାରୋପ କରିଥିଲେ।

ସୂଚନା ଯୋଗ୍ୟ ଯେ ଜଣେ ବ୍ରେନ୍‌ଡେଡ୍ ବ୍ୟକ୍ତି ନିଜର ସମସ୍ତ ଅଙ୍ଗଦାନ କରି ୮ ଜଣଙ୍କ ଜୀବନ ବଞ୍ଚାଇପାରିଥାଏ। ତେଣୁ ଅଙ୍ଗଦାନ'ର ପ୍ରକ୍ରିୟା, ଏହାର ମହତ୍ୱ ଏବଂ ପରିବାର ସମ୍ପର୍କୀୟ ଲୋକଙ୍କୁ ସଚେତନ କରାଇବା ସହ ସେମାନଙ୍କର ସାହାଯ୍ୟ ସହଯୋଗ ମାଧ୍ୟମରେ ଏହି ମହତ୍ କାର୍ଯ୍ୟ କରିବାକୁ ପ୍ରଫେସର (ଡାକ୍ତର) ମିଶ୍ର ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୧ର ଡେପୁଟି ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡାକ୍ତର ସୁଧାଂଶୁ ଶେଖର ଲେଙ୍କା ଉପସ୍ଥିତ ରହି ଅଙ୍ଗଦାନ ଦ୍ୱାରା ଜଣଙ୍କ ମୁହଁରେ ହସ ଫୁଟାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଏଭଳି ମହତ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ ହସ୍ପିଟାଲ୍ ନିଜର ପ୍ରୟାସ ଜାରି ରଖିଥିବା ସହ ଭବିଷ୍ୟତରେ ଏହି କାର୍ଯ୍ୟକୁ ବହୁମାତ୍ରାରେ ବୃଦ୍ଧି କରିବା ପାଇଁ ହସ୍ପିଟାଲ୍‌ର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ ଡାକ୍ତର ଲେଙ୍କା।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଗଂଦାନକାରୀଙ୍କ ପରିବାର ଏବଂ ସମ୍ପର୍କୀୟମାନେ ଉପସ୍ଥିତ ରହି ଅଙ୍ଗଦାନର ମହତ୍ୱ ବିଷୟରେ ନିଜର ଅନୁଭୂତି ବଖାଣିବା ସହ ଅନ୍ୟମାନଙ୍କୁ ଅଙ୍ଗଦାନ କରିବା ନିମନ୍ତେ ଉତ୍ସାହିତ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା।

## ଡିଜିପି ଡିସ୍କ ସମ୍ମାନରେ ସମ୍ମାନିତ ହେଲେ ପୁଲିସ ଏସଆଇ ସିଦ୍ଧାନ୍ତ ବେହେରା



ବୋରିଗୁମ୍ମା,୧୪।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଠାରୁ ବୋରିଗୁମ୍ମା ଥାନାରେ ନୂତନ ଭାବେ କାର୍ଯ୍ୟରତ ଦକ୍ଷ ପୁଲିସ ଅଧିକାରୀ ଏସଆଇ ସିଦ୍ଧାନ୍ତ କୁମାର ବେହେରା ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଡିଜିପି ଡିସ୍କ ପୁରସ୍କାର ଗ୍ରହଣ କରି ବୋରିଗୁମ୍ମା ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ସମଗ୍ର ରାଜ୍ୟର ମୋଟ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଏହି ପଦକ ପାଇବା ପାଇଁ ମନୋନୟନ ହୋଇଥିଲେ ଏବଂ ସେହି ୫୫ ଜଣଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାରୁ ଏକମାତ୍ର ଯୁବ ଦକ୍ଷ ପୁଲିସ ଅଧିକାରୀ (ଏସଆଇ) ଭାବେ ସିଦ୍ଧାନ୍ତ କୁମାର ବେହେରା ଏହି ସମ୍ମାନ ପାଇଛନ୍ତି। ବୋରିଗୁମ୍ମା ଥାନାରେ ନିଯୁକ୍ତି ହେବାର ଦୁଇ ମାସ ପୂର୍ବରୁ ଏହି ସମ୍ମାନ ପାଇ ତାଙ୍କ ନିଜେ ପ୍ରତିଷ୍ଠିତ ହେବା ସହ ବୋରିଗୁମ୍ମା ଓ ଜିଲ୍ଲା ପାଇଁ ଗର୍ବ ସେଥିପାଇଁ ଜିଲ୍ଲାର ପୁଲିସ ଅଧିକାରୀ ଠାରୁ ବିଭିନ୍ନ ମହଲରୁ ଏସଆଇ ସିଦ୍ଧାନ୍ତ ବେହେରାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ନବରଙ୍ଗପୁର ସରକାରୀ ଅଧିବକ୍ତା ସମ୍ମାନିତ



ନବରଙ୍ଗପୁର,୧୪।୮ (ସଂଚାର ବ୍ୟୁରୋ): ଆଇନସେବା କ୍ଷେତ୍ରରେ ତ୍ରୁଟିରହିତ ସେବା ସହ ଉଚିତ ନ୍ୟାୟ ଯୋଗାଇଥିବା ଯୋଗୁଁ ନବରଙ୍ଗପୁର ଜିଲ୍ଲା ର ପବ୍ଲିକ ପ୍ରୋସିକ୍ୟୁଟର ଶ୍ରୀ ମନୋଜ କୁମାର ଏକ୍କା ଙ୍କୁ ଓଡିଶା ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ସମ୍ବର୍ଦ୍ଧିତ କରିବା ସହ ପ୍ରଶଂସାପତ୍ର ଦେଇ ସମ୍ମାନିତ କରିଛନ୍ତି। ଭୁବନେଶ୍ୱର ର ପୋଲିସ ଭବନ ରେ ଆୟୋଜିତ ଏକ ମହତସମାରୋହ ରେ ନବରଙ୍ଗପୁର ଜିଲ୍ଲା ତରଫରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲା ରେ ସଫଳ ଦଣ୍ଡ ବିଧାନ କ୍ଷେତ୍ର ରେ ସଠିକ ମାମଲା ର ପରିଚାଳନା ଓ ଦୃଢ଼ ଆଇନଗତ ପ୍ରକ୍ରିୟା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଖବର ପ୍ରକାଶିତ ହେବାପରେ ଜନସାଧାରଣ ରେ ନ୍ୟାୟିକ ବ୍ୟବସ୍ଥା ଉପରେ ସନ୍ତୋଷ ପ୍ରକଟ କରିବା ସହ ନବରଙ୍ଗପୁର ଜିଲ୍ଲାବାସୀ ଙ୍କ ତରଫରୁ ସରକାରୀ ଓକିଲ ମନୋଜ କୁମାର ଏକ୍କାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ସିଆରସିସି ପରୀକ୍ଷାରେ ଅନିୟମିତତା ଅଭିଯୋଗ

କଳାହାଣ୍ଡି,୧୪।୮ (ସଂଚାର ବ୍ୟୁରୋ): ଗାଦୀ ମଡା କିରାଣୀ ବଦଳି ଘଟଣାରେ ଚର୍ଚ୍ଚାକୁ ଆସିଥିବା କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ଏବେ ପୁଣି ଥରେ ଚର୍ଚ୍ଚାକୁ ଆସିଛି । ଏବେ ଚାଲିଥିବା ସିଆରସିସି ପରୀକ୍ଷାକୁ ନେଇ ବିଭାଗୀୟ ସ୍ତରରେ ନାନା ଚର୍ଚ୍ଚା ହେଉଛି ।

ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ଖାଲିଥିବା ପ୍ରାୟ ୮୪ଟି ସିଆରସିସି ପଦ ପାଇଁ ଗତ ୬ ତାରିଖ ମାଣିକେଶ୍ୱରୀ ହାଇସ୍କୁଲରେ ପରୀକ୍ଷା ହେଇଥିଲା ।ପ୍ରାୟ ୮୪ଟି ପଦ ପାଇଁ ପ୍ରାୟ ୧୫୨ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷାରେ ଅନିୟମିତତା ହୋଇଥିବା ଜିଲ୍ଲା ସାରା ଚର୍ଚ୍ଚା ହେଉଛି । କେତେକ ପରୀକ୍ଷାର୍ଥୀ କୁଆଡେ ୫୦ଟି ପ୍ରଶ୍ନକୁ ମାତ୍ର ୧୫ରୁ ୩୦ ମିନିଟ ମଧ୍ୟରେ ସାରି ଦେଇଥିଲେ । କେହି କେହି ଦେଢ଼ ଘଣ୍ଟାର ପରୀକ୍ଷାକୁ ୨୦ରୁ ୩୦ ମିନିଟ ମଧ୍ୟରେ କୁଆଡେ ସାରି ଦେଇଥିଲେ ।




ତେବେ ସିସିଟିଭିରେ ଧରା ପଡ଼ିଯିବା ଭୟରେ ପିଲାଙ୍କୁ ଡେରିରେ ପରୀକ୍ଷା ହଲ୍ ବାହାରକୁ ଛଡାଯାଇଥିଲା, କିନ୍ତୁ କେଉଁ ପରୀକ୍ଷାର୍ଥୀ ପରୀକ୍ଷା ସମୟରେ ଯଥେଷ୍ଟ ପୂର୍ବରୁ ପରୀକ୍ଷା ଖାତା ପ୍ରଦାନ କରିଥିଲେ । ତାହାର ସମୟ ଓ ଭିଜୁଆଲ ସିସିଟିଭିରେ ରେକର୍ଡ ହୋଇଥିବା କୁହାଯାଉଛି । ଏପରିକି ନିର୍ଦ୍ଦିଷ୍ଟ କେତେକ ପରୀକ୍ଷାର୍ଥୀ ମୋଟ ୫୦ ମାର୍କ ଲିଖିତ ପରୀକ୍ଷା ମଧ୍ୟରୁ ୪୨ରୁ ୪୫ ମାର୍କ ପାଇଥିବା ଦାବି କରୁଛନ୍ତି।

ତେବେ କଳା ପାଠ୍ୟକ୍ରମ ପଢିଥିବା ପରୀକ୍ଷାର୍ଥୀ ବିଜ୍ଞାନ ପ୍ରଶ୍ନର ଉତ୍ତର କିପରି ଦେଲେ ଏବଂ ବିଜ୍ଞାନ ପାଠ୍ୟକ୍ରମରେ ପାସ କରିଥିବା ପରୀକ୍ଷାର୍ଥୀ କଳା ପାଠ୍ୟକ୍ରମର ସଠିକ୍ ଉତ୍ତର କିପରି ଦେଲେ ବୋଲି ପ୍ରଶ୍ନ ଉଠିଛି। ଏପରିକି କେତେକ ଅନଭିଜ୍ଞ ଏକ୍ସ୍ କ୍ୟାଡ଼ର ଶିକ୍ଷକ ସିଆରସିସି ହେବା ନେଇ ଦୃଢ଼ ଆଶାବାଦୀ ଥିବା ବିଭାଗୀୟ ମହଲରେ ଚର୍ଚ୍ଚା ହେଉଛି। ତେବେ ୫ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ କାର୍ଯ୍ୟକ୍ରମ ସଂଯୋଜିକାଙ୍କ ଦ୍ୱାରା ଏହି ପ୍ରଶ୍ନ ପତ୍ର ଜେରକ୍ସ ହେଇଥିବା ଚର୍ଚ୍ଚା ହେଉଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସାଇବର୍ ସୁରକ୍ଷା ଅଭିଯାନ




ଖୋର୍ଦ୍ଧା,୧୪।୮ (ସଂଚାର ବ୍ୟୁରୋ): ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ସାଇବର୍ ସୁରକ୍ଷା ଅଭିଯାନ ଓଡ଼ିଶା ସରକାର ଏବଂ ସଞ୍ଚୟ ଓ ଆର୍ଥିକ ସେବା ସଂଗଠନ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧା ଆନୁକୂଲ୍ୟରେ ସାଇବର୍ ସୁରକ୍ଷା ଓ ସଚେତନତା ସହିତ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଆର୍ଥିକ ସରକାରୀ ନିର୍ଦ୍ଦେଶିକା ଶ୍ରୀମତୀ ମମତା ନାୟକ ପରିଚୟ ପ୍ରଦାନ ସହିତ ଆର୍ଥିକ ସଞ୍ଚୟ ଉପରେ ବିଦ୍ୟାଳୟ ପିଲା ମାନଙ୍କୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ଅଧିକାରୀ ଅଭିଷିକ୍ତ ପରିଡ଼ା ଭାରତ ସରକାର ଙ୍କ ବିଭିନ୍ନ ପ୍ରକାର ବୀମା ଯୋଜନା ଉପରେ ପିଲା ମାନଙ୍କୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବୁଝାଇଥିଲେ। ବିଶିଷ୍ଟ ଅତିଥି ଭାବେ ସାଇବର୍ ସୁରକ୍ଷା ଅଭିଯାନ ର ଇନ୍ସପେକ୍ଟର ଶ୍ରୀମତୀ ଭାଗ୍ୟଶ୍ରୀ ବେହେରା ଯୋଗ ଦେଇ କିଭଳି ଭାବରେ ସାଇବର୍ ଠକେଇ ହେଇଥାଏ ଏବଂ ଏହି ଠକାମି ର ଶିକାର ରୁ ବର୍ତ୍ତିବା ପାଇଁ ସଚେତନତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ କୁମାର ମହାପାତ୍ର, ଶାଶ୍ୱତୀ ରାଉତରାୟ, ମମତା ସାହୁ, ସାଗରିକା ଦାସ, ବିଶ୍ୱଜିତ୍ ସାହୁ , ଦିପ୍ତିମୟୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ଶେଷରେ ବିଷ୍ଣୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩୦ ଲିଟର ଦେଶୀ ମଦ ଜବତ, ମହିଳାଙ୍କ ସମେତ ୩ ଗିରଫ



ଫୁଲବାଣୀ,୧୪।୮ (ସଂଚାର ବ୍ୟୁରୋ): ଅବକାରୀ ବିଭାଗ ଓ ପୁଲିସର ମିଳିତ ଚଢ଼ାଉରେ ୧୩୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୩୫୦୦ ଲିଟର ପୋଚ ନଷ୍ଟ କରିବା ସହ ଦେଶୀ ମଦ ପ୍ରସ୍ତୁତିରେ ସମ୍ପୃକ୍ତ ଥିବା ଜଣେ ମହିଳା ସମେତ ୩ ଜଣକୁ ଫୁଲବାଣୀ ମୋବାଇଲ ଅବକାରୀ ବିଭାଗ ଗିରଫ କରିଥିବା ସୂଚନା ମିଳିଛି।

ସୂଚନା ମୁତାବକ ଫୁଲବାଣୀ ଅବକାରୀ ବିଭାଗ ଅଧିକାରୀ ମୋବାଇଲ ଟିମ ତୁମୁଡିବନ୍ଧ ପୁଲିସ ସହାୟତାରେ ତୁମୁଡିବନ୍ଧ ଥାନା ଅଧୀନ ବୁଡାପଡା ଗାଁରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ବୁଢ଼ାପଡା ଗାଁ ନିକଟରେ ଥିବା ନାଳ ପାଖରେ ଚଢ଼ାଉ କରିଥିଲେ ଏହି ସମୟରେ ଦେଶୀ ମଦ ପ୍ରସ୍ତୁତ ଚାଲିଥିଲା ଘଟଣା ସ୍ଥଳରୁ ୩୦୦ ଲିଟର ପୋଚ ନଷ୍ଟ କରିଥିଲେ। ସେହିଭଳି ବୁଢୁ ପଡା ଗାଁରେ ଅନ୍ୟ ଏକ ସ୍ଥାନରେ ଚଢ଼ାଉ କରି ୨୦ଲିଟର ଦେଶୀ ମଦ ଜବତ କରିଥିଲେ। ଅନୁରୂପ ଭାବରେ ବୁଢୁ ପଡା ଗାଁର ଅନ୍ୟ ଏକ ସ୍ଥାନରେ ଚଢ଼ାଉ କରି ୩୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିଭଳି ଅନ୍ୟ ଏକ ସ୍ଥାନରେ ଚଢ଼ାଉ କରି ୮୦ ଲିଟର ଜବତ କରିଥିଲେ।

ଏନେଇ ତିନୋଟି ପୃଥକ ମାମଲା ରୁଜୁ କରାଯାଇଥିବା ବେଳେ ବୁଢୁ ପଡା ଗାଁର ନିର୍ମଳ ବଲିୟାରସିଂ, ଉମିତ୍ରା ନାୟକ ଓ ଲବ ବଡ଼ ସେଠକୁ ଗିରଫ କରିଥିବା ଅବକାରୀ ଇନିସ୍ପେକଟର ରଙ୍କ ନିଧି ମଲିକ ସୂଚନା ଦେଇଛନ୍ତି । ଅନ୍ୟପଟେ ଏହି ଚଢ଼ାଉ ରେ ଅବକାରୀ ସୁପରିଟେଣ୍ଟ ସୁଶାନ୍ତ କୁମାର ପାଢ଼ୀ, ଡେପୁଟି ସୁପାରିଟେଣ୍ଟ ପବିତ୍ର ମୋହନ ମାଝୀ, ଅବକାରୀ ଇନିସ୍ପେକ୍ଟର ରଙ୍କ ନିଧି ମଲିକ, ଜଗନ୍ନାଥ ପାଢ଼ୀ ଙ୍କ ସହ ପୋଲିସ ଅଧିକାରୀ ସାମିଲ ଥିଲେ ।

## ନୀଳଗିରି ବସଷ୍ଟାଣ୍ଡ ସ୍ଥାନାନ୍ତରଣକୁ ନେଇ ଆନ୍ଦୋଳନ ଦାନା ବାନ୍ଧିଲା

ନୀଳଗିରି,୧୪।୮ (ସଂଚାର ବ୍ୟୁରୋ): ନୀଳଗିରି ବସଷ୍ଟାଣ୍ଡ ସ୍ଥାନାନ୍ତରଣ କୁ ନେଇ ଆନ୍ଦୋଳନର ଦାନା ବାନ୍ଧିବାରେ ଲାଗିଥିବା ବେଳେ ବସଷ୍ଟାଣ୍ଡ ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରତିବାଦରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ନ ୪ ଘଟିକା ସମୟରର କଂଗ୍ରେସ ଯୁବନେତା ଅଶ୍ୱିନ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ବୈଠକ ନୀଳଗିରି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସବୁ ବିରୋଧୀ ଦଳର ପ୍ରମୁଖ ନେତା ଓ କର୍ମୀ ପୂର୍ବତନ ବିଧାୟକ ଏବଂ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ଉପସ୍ଥିତ ସଦସ୍ୟ ଙ୍କୁନେଇ ଏକ କମିଟି ଗଠନ କରାଯାଇ ଅଛି। ବାଲିରଗାହେରି ସ୍ଥିତ ଥିବା ବସଷ୍ଟାଣ୍ଡଟି ସବୁଦୃଷ୍ଟି କୋଣରୁ ନିରାପଦ ଏବଂ ସମସ୍ତ ସରକାରୀ ଅଫିସ, ସ୍କୁଲ, କଲେଜକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣସୁବିଧା ରହିଛି । ଏଣୁପୁରୁଣା ବସଷ୍ଟାଣ୍ଡକୁ ଅତ୍ୟାଧୁନିକ ବ୍ୟବସ୍ଥା ସହିତ ନବୀକରଣ କରିବାପାଇଁ ମତ ପ୍ରକାଶପାଇଥିବାବେଳେ ବସ ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ରଦ୍ଦ କରାଯାଉ ବୋଲି ଉକ୍ତ ବୈଠକ ରେ ବହୁ ମତପ୍ରକାଶ ପାଇଛି। ଯଦିବସ ଷ୍ଟାଣ୍ଡ ଅନ୍ୟତ୍ର ସ୍ଥାନାନ୍ତର ପ୍ରକ୍ରିୟାକୁ ସ୍ଥଗିତ କରାନଯାଏ ତାହେଲେ ଆଗାମୀ ଦିନରେ ନୀଳଗିରି ବନ୍ଦ ସହିତ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଗଠିତ କମିଟି ଦ୍ୱାରା ସ୍ଥିର କରାଯାଇଥିଲା ।



## ପ୍ରଶାସନ ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ



ବାଲିଆପାଳ,୧୪।୮ (ସଂଚାର ବ୍ୟୁରୋ): ଆସନ୍ତା ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଜିପିଡିଓ ପ୍ରିୟବ୍ରତ ଗିରି, ଏବିଡିଓ ଶରତ କୁମାର ମୁଦୁଲି, ମଙ୍ଗଳ ଅଧିକାରୀ ଉଦିତ କୁମାର ମହାପାତ୍ର ଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ଏମବିକେ, ସିଆରପି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

ଏହି ଅବସରରେ ସମସ୍ତେ ହାତରେ ଜାତୀୟ ପତାକା ଧରି ବ୍ଲକ ପରିସରରୁ ଏକ ତ୍ରିରଙ୍ଗା ରାଲିରେ ବାହାରି ପୂର୍ତ୍ତ ବିଭାଗର ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ରାଲି ମାଧ୍ୟମରେ ଜନସାଧାରଣଙ୍କ ମନରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ସହ ଜାତୀୟ ପତାକା ପ୍ରତି ସମ୍ମାନ ସୃଷ୍ଟି କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ୱାଧୀନତା ଦିବସର ମହତ୍ତ୍ୱକୁ ଘରେ ଘରେ ପହଞ୍ଚାଇବା ଏବଂ ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା 'ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସ୍ଥାନୀୟ ଯୁବକ ଓ ସମାଜସେବୀଙ୍କ ଦ୍ୱାରା ରାସ୍ତା ମରାମତି



ନୀଳଗିରି,୧୪।୮ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଠୁଁ ବଉଳଗଡିଆକୁ ସଂଯୋଗ କରୁଥିବାମୁଖ୍ୟରାସ୍ତାଟି ମରଣ ଯନ୍ତା ପାଲଟିଛି। ଯାହାଦ୍ୱାର ଦୈନନ୍ଦିନ ଜନ ସାଧାରଣ ଛୋଟ ବଡ଼ ଦୁର୍ଘଟଣା ରେ ସମ୍ମୁଖୀନ ହେଉଛନ୍ତି। ଏନେଇ ସର୍ବଦଳୀୟ ପକ୍ଷରୁ ୨୪ମାସରେ ୨୫ଥର ଆନ୍ଦୋଳନ, ଧାରଣା, ରାସ୍ତା ଅବରୋଧ ହୋଇଥିଲେ ସୁଦ୍ଧା ଖାଲି ପ୍ରତିଶ୍ରୁତି ଶେଷ ଧାରଣାରେ ଲିଖିତ ପ୍ରତିଶୃତି ମିଳିଛି। ସେସବୁକୁ ଦୃଷ୍ଟିରେ ରଖି ଶ୍ୟାମସୁନ୍ଦରପୁର ପଂଚାୟତର କିଛି ସମାଜସେବୀ ସ୍ୱାଧୀନତା ଦିବସ ଉପଲକ୍ଷେ ସନ୍ତରାଗଡିଆ ବଜାରରେ ସମାଜସେବୀ ମହାଜିତେଶ୍ୱର ଜେନା, ବଳରାମ ରାଉତ, ରାମନାଥ ମହାରଣା, ଦୟାନିଧି ସେନାପତି, ସମେତ ଅଂଚଳର ୧୫ଜଣରୁ ଉର୍ଦ୍ଧ୍ୱ ଯୁବଗୋଷ୍ଠୀ ଏକତ୍ରିତ ହୋଇ ରାସ୍ତା ର ଗାତ ଖାଲ ଗୁଡିକ ପଥର ଗୁଣ୍ଡ ପକାଇ ସମତଳ କରିଛନ୍ତି। ତେଣୁ ଯୁବକ ମାନଙ୍କ ଏହିପରି କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

## ମହିଳାଙ୍କ ଶବ ସଂସ୍କାର କଲେ ଟିମ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼,୧୪।୮ (ସଂଚାର ବ୍ୟୁରୋ): ଦେଶ ସ୍ୱାଧୀନତାର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି, କିନ୍ତୁ ଆଜି ମଧ୍ୟ ସୁନ୍ଦରଗଡ ଜିଲ୍ଲାରେ ଜାତି ବାସନ୍ଦ ଅନ୍ଧ ବିଶ୍ୱାସ ରହିଛି। ଏକ ଘଟଣାକ୍ରମରେ ଗୁରୁବାର ସୁନ୍ଦରଗଡ ଜିଲ୍ଲା କିଞ୍ଜିରକେଲା ଥାନା ଅନ୍ତର୍ଗତ ରଷ୍ଟି ଗ୍ରାମରେ ଘଟିଯାଇଥିବା ଏକ ମହିଳାଙ୍କର ଆତ୍ମହତ୍ୟା ପରେ ପରିବାର ଓ ଜାତି ସମାଜ ଶବକୁ ବାସନ୍ଦ କରିଥିବା ଏକ ଘଟଣା ସାମ୍ନାକୁ ଆସିଛି। ପରେ ପ୍ରବଳ ବର୍ଷା ସତ୍ତ୍ୱେ ସୁନ୍ଦରଗଡର ସାମାଜିକ ସଂଗଠନ ଟିମ ଶ୍ମଶାନ ବନ୍ଧୁର ସହଯୋଗରେ ମହିଳାଙ୍କର ଶେଷକୃତ ସମ୍ପନ୍ନ କରାଯାଇ ଥିଲା।

କିଞ୍ଜିରକେଲା ଥାନା ଅନ୍ତର୍ଗତ ରଷ୍ଟି ଗ୍ରାମର ୩୨ ବର୍ଷର ଯୁବକ ତେଜରାଜ ମାଝି



ପାଞ୍ଚ ବର୍ଷ ପୁର୍ବେ ହେମଗିର ଥାନା ଅନ୍ତର୍ଗତ କେନ୍ଦୁଡିହି ଗ୍ରାମର ୩୦ ବର୍ଷୀୟ ଯୁବତୀ କିଆ କଷାନଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କ ପରିବାର ଓ ଜାତି ଭାଇ ସେ ସମୟରେ ପ୍ରବଳ ବିରୋଧ କରିବାରୁ ଉଭୟ ବିବାହ ନ କରି ସ୍ୱାମୀ ସ୍ତ୍ରୀ ଭାବରେ ରହି ଆସୁଥିଲେ। ଗତକାଲି କୌଣସି କାରଣକୁ ନେଇ ତେଜରାଜ ଓ କିଆଙ୍କ ମଧ୍ୟରେ ବଚସା ହେବାରୁ କିଆ ନିଜର ଶୋଇବା ଘରେ ଫାସି ଲଗାଇ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରେ ପଞ୍ଚନାମା ଓ ଶବ ବ୍ୟବଚ୍ଛେଦ କରାଯାଇଥିଲା। କିନ୍ତୁ ଉଭୟଙ୍କ ଜାତିଭାଇ ଓ ପରିବାର ଶବ ଛୁଇଁବାକୁ ବି ସ୍ପଷ୍ଟ ମନା କରି ଦେଇଥିଲେ । ଏକୁଟିଆ ତେଜରାଜ ପକ୍ଷରେ ଶବସଂସ୍କାର ସମ୍ଭବପର ନ ହେବାରୁ ଟିମ ଶ୍ମଶାନ ବନ୍ଧୁର ସହଯୋଗ ଲୋଡିଥିଲେ। ପ୍ରବଳ ବୃଷ୍ଟିପାତ ଓ ଘଡଘଡି ବିଜୁଳି ସତ୍ତ୍ୱେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଚିଣ୍ଟୁ ରକ୍ସା ମହିଳାଙ୍କର ଶବସଂସ୍କାର ସମ୍ମାନର ସହିତ ସମ୍ପନ୍ନ କରିଥିଲେ।

## କଲେଜ ଛାତ୍ରୀ ନିଖୋଜ, ଥାନାରେ ଏତଲା

ବାଲିଅନ୍ତା,୧୪।୮ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ବଳଭଦ୍ରପୁର (ରଏଡ଼ପଡା )ଅଞ୍ଚଳରୁ ଜଣେ ୨୦ ବର୍ଷୀୟା ଯୁବତୀ ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତକାଲି ସକାଳୁ କ୍ଲାସ ପାଇଁ ଘରୁ ବାହାରିଥିବା ଯୁବତୀ ଆଉ ଘରକୁ ଫେରି ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିଖୋଜ ଯୁବତୀ ଜଣକ ତାଙ୍କର ଦିନର ନିୟମିତ ରୁଟିନ୍ ଅନୁସାରେ, ସେ ପ୍ରତିଦିନ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ କମ୍ପ୍ୟୁଟର କ୍ଲାସ କରିଥାନ୍ତି ଏବଂ ପରେ କଲେଜ ଯାଇ ଅପରାହ୍ନ ୩ଟା ସୁଦ୍ଧା ଘରକୁ ଫେରିଥାନ୍ତି। ତେବେ ଗତକାଲି ସକାଳେ ପ୍ରାୟ ୦୭: ୩୦ ମିନିଟ୍‌ରେ ସେ ସବୁଦିନ ପରି କ୍ଲାସ କରିବାକୁ ବାହାରିଥିଲେ। ମାତ୍ର ସନ୍ଧ୍ୟା ଗଡ଼ିଯିବା ସତ୍ତ୍ୱେ ସେ ଘରକୁ ଫେରି ନଥିଲେ। ପରିବାରବର୍ଗ ଓ ସମ୍ପର୍କୀୟମାନେ ବିଭିନ୍ନ ସ୍ଥାନରେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ଯୁବତୀ ଜଣକ ଘରୁ ବାହାରିବା ସମୟରେ ଗୋଲାପୀ ରଙ୍ଗର ଡ୍ରେସ ପିନ୍ଧିଥିଲେ। ଏନେଇ ଯୁବତୀଙ୍କ ବାପା ବାଲିଅନ୍ତା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# 'ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ'ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

କାକଟପୁର/ଅସ୍ତରଙ୍ଗ,୧୪।୮ (ସଂଚାର ବ୍ୟୁରୋ): ସମାଜରେ ଏମିତି କିଛି ବ୍ୟକ୍ତିତ୍ୱ ଥାଆନ୍ତି ଯେଉଁମାନେ ନିଜର ସ୍ୱାର୍ଥ ଠାରୁ ଉପରେ ଉଠି ପର ସେବାକୁ ଜୀବନର ବ୍ରତ କରିନିଅନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ଅଂଚଳର ମାଟିର ଉଜ୍ଜ୍ୱଳ ନାମ ହେଲେ ରାକେଶ ବିଶ୍ୱାଳ, ସମସ୍ତଙ୍କ ପ୍ରିୟ "ରିଙ୍କୁ"।

"ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ"ର କାର୍ଯ୍ୟକାରୀ ସଭାପତି ଭାବେ ସେ ଶୁକ୍ରବାର ଯେଉଁ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସାର ଯୋଗ୍ୟ। ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ଅଧୀନ ଉକୁଳେଇ ଛକ ଅନତି ଦୂରରେ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ସହ ବାର୍ଷିକ ଉତ୍ସବ ଓ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶାଢ଼ୀ-ଛତା ବଣ୍ଟନ କାର୍ଯ୍ୟକ୍ରମରେ ତାଙ୍କର ସଂଗଠନ



ଦକ୍ଷତା ଓ ମାନବିକତା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା।

ଏହି ଉତ୍ସବରେ ଟ୍ରଷ୍ଟ ସଭାପତି ସତ୍ୟପ୍ରିୟ ବେହେରା, ସମ୍ପାଦିକା ଆଲବମ୍ କୁଇନ୍ ବିଦୁସ୍ମିତା, ଅଭିନେତ୍ରୀ ଜିନା, ଐଶ୍ୱର୍ଯ୍ୟା ଏବଂ ହାସ୍ୟ ଅଭିନେତା ମିଷ୍ଟର ଗୁଲୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୋଭା ବୃଦ୍ଧି କରିଥିଲେ। ଏଥିସହ ଅବସରପ୍ରାପ୍ତ ଶିକ୍ଷକ, ପ୍ରାକ୍ତନ ସେନା କର୍ମଚାରୀ, ବୁଣାକାର, ଘୋଡାନାଚ କଳାକାର, ସମାଜସେବୀ, ପରିବେଶବିତ୍, ପାଲା ଗାୟକ ଓ କୃତି ଛାତ୍ରଛାତ୍ରୀଙ୍କୁ କୋଣାର୍କ ଚକ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପ୍ରସଙ୍ଗରେ ରାକେଶ ବିଶ୍ୱାଳ କହିଛନ୍ତି, "ଆମେ ଯାହା କରୁଛୁ ତାହା କେବଳ ସେବା ନୁହେଁ, ଏହା ଆମର ଦାୟିତ୍ୱ। ଜୀବନର ସନ୍ଧ୍ୟା ବେଳେ ଯେଉଁ ବୃଦ୍ଧ ମାଆ-ବାପା ନିଃସହାୟ ଭାବେ ଦିନ କାଟୁଛନ୍ତି, ସେମାନଙ୍କ ମୁହଁରେ ଟିକେ ହସ ଆଣିବା ପାଇଁ ହିଁ ଆମର ଏହି କ୍ଷୁଦ୍ର ପ୍ରୟାସ। 'ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ' ପକ୍ଷରୁ ଆମେ ସଂକଳ୍ପ ନେଇଛୁ କାକଟପୁର ନିର୍ବାଚନ ମଣ୍ଡଳୀର ଦୁଇ ହଜାରରୁ ଉର୍ଦ୍ଧ ଗରିବ ଓ ଅସହାୟଙ୍କ ପାଖରେ ସହାୟତା ପହଞ୍ଚିବାକୁ। ମାନବ ସେବା ହିଁ ମାଧବ ସେବା - ଏହା ହିଁ ଆମର ମନ୍ତ୍ର। ସମସ୍ତଙ୍କ ସହଯୋଗ ଥିଲେ ଆମେ ଆହୁରି ବଡ଼ କାମ କରିପାରିବା।"

## ଦୁଇ ଦିନ ହେଲା ପାଣି ଘେରରେ ଗ୍ରାମବାସୀ

### ଶୁଣୁନାହିଁ ପ୍ରଶାସନ

ବାଲିଆପାଳ,୧୪।୮ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମ ପଂଚାୟତ ନଇଘାଟି ଗ୍ରାମର ଗ୍ରାମବାସୀ ଚଳିତ ଲଗାଣ ବର୍ଷା ରେ ଗ୍ରାମର ଅନେକ ଘରେ ପାଣି ପଶିଯାଇଛି ଗ୍ରାମର ଦାଶରଥି ଦାସ ଓ ଭାଗିରଥି ଦାସଙ୍କ ଘରେ ଜଳ ପ୍ରବେଶ



କରିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆ କରି ତିଆରି ହୋଇଥିବା ଆର୍‌ଡି ରୋଡ଼ ପାର୍ଶ୍ୱରେ ଡ୍ରେନେଜ ସୁବିଧା ନ ଥିବାରୁ ଏହି ଅସୁବିଧା ସୃଷ୍ଟି ହୋଇଛି। ଫଳରେ ଦୁଇ ପରିବାର ଏବେ ଛୋଟ ଛୋଟ ପିଲା ମାନଙ୍କୁ ନେଇ ବହୁତ ହଇରାଣ ହେଉଛନ୍ତି। ତହସିଲଦାର ସସ୍ମିତା ମୁର୍ମୁଙ୍କୁ ଲିଖିତ ଦରଖାସ୍ତ ଦେଇଛନ୍ତି। ସରଜମୀନ ତଦନ୍ତ କରି ଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ପାଇଁ ଭାଗିରଥି ଦାସ, ସରୋଜ ଦାସ, ମିଳନ ଦାସ, ଅନନ୍ତ ପିଲା, ଚନ୍ଦନ ଦାସ, ଅଞ୍ଜନ ଦାସ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

ବିମଳ ମିଶ୍ରଙ୍କ ସ୍ମୃତିରେ ପାଠାଗାର ଓ ମାର୍ଗ ଲୋକାର୍ପିତ

# ଗାଁ ବିକାଶ ପାଇଁ ନିଜକୁ ନିୟୋଜିତ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ



ଢେଙ୍କାନାଳ,୧୪।୮ (ସଂଚାର ବ୍ୟୁରୋ): ନିଜର ପଦ, ପଦବୀ ଓ ସଫଳତା ସତ୍ତ୍ୱେ ଜନ୍ମମାଟିର ସଂସ୍କାରକୁ କେବେ ଭୁଲିବା ଉଚିତ୍ ନୁହେଁ। ନିଜ ଗାଁ ଓ ଅଞ୍ଚଳର ନିରନ୍ତର ବିକାଶ ପାଇଁ ସଦାସର୍ବଦା ନିଜକୁ ଉତ୍ସର୍ଗ କରିବା ହିଁ ମାତୃଭୂମି ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ଢେଙ୍କାନାଳ ଜିଲ୍ଲା ଡାଣ୍ଡିମାଳ-ସାଇଁବିରିଠାରେ ନିର୍ମିତ 'ବିମଳ ମିଶ୍ର ଗ୍ରାମ୍ୟ ପାଠାଗାର' ଓ 'ବିମଳ ମିଶ୍ର ମାର୍ଗ'ର ଲୋକାର୍ପଣ ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱର୍ଗତଃ ବିମଳ ମିଶ୍ର ନିଜର ଉଚ୍ଚ ପଦପଦବୀ ଓ ସଫଳତା ସତ୍ତ୍ୱେ ଜନ୍ମମାଟିକୁ କେବେ ଭୁଲି ନ ଥିଲେ। ଡାଣ୍ଡିମାଳ ଓ ସାଇଁବିରି ଅଞ୍ଚଳର ବିକାଶ ପାଇଁ ସେ ସଦାସର୍ବଦା ଚିନ୍ତା କରିବା ସହ ଅନେକ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ। ତାଙ୍କ ଦାୟାଦମାନେ ତାଙ୍କର ଏହି ମହାନ ଦୂରଦୃଷ୍ଟିକୁ ଆଗକୁ ନେବା ସହ ସ୍ୱର୍ଗତଃ ମିଶ୍ରଙ୍କ ସ୍ମୃତିରେ ଏପରି ଜନକଲ୍ୟାଣକାରୀ ବ୍ୟବସ୍ଥା କରିଥିବାରୁ ଶ୍ରୀ ପ୍ରଧାନ ତାଙ୍କ ପରିବାରବର୍ଗଙ୍କୁ ସାଧୁବାଦ ଜଣାଇଛନ୍ତି।

ଉଦ୍‌ଘାଟିତ ପାଠାଗାରରେ ସଂଗୃହୀତ ଜ୍ଞାନବର୍ଦ୍ଧକ, ଧାର୍ମିକ, ସାହିତ୍ୟିକ, ବିଜ୍ଞାନ ଓ ପ୍ରତିଯୋଗିତାମୂଳକ ପୁସ୍ତକାବଳୀ କୋମଳମତି ଶିଶୁମାନଙ୍କ ସମେତ ପ୍ରତ୍ୟେକ ବର୍ଗ ଓ ବୟସର ଲୋକଙ୍କ ଆଧ୍ୟାତ୍ମିକ ତଥା ବୌଦ୍ଧିକ ବିକାଶରେ ସହାୟକ ହେବ। ସେହିପରି 'ବିମଳ ମିଶ୍ର ମାର୍ଗ' ଦ୍ୱାରା ଗ୍ରାମବାସୀ ସିଧାସଳଖ ଜାତୀୟ ରାଜପଥ ସହ ଯୋଡ଼ିହୋଇପାରିବେ, ଯାହା ଅଞ୍ଚଳର ଗମନାଗମନ, ବ୍ୟବସାୟ-ବାଣିଜ୍ୟ ଏବଂ ଚିକିତ୍ସା ସେବା କ୍ଷେତ୍ରରେ ଏକ ବଡ଼ କ୍ରାନ୍ତି ଆଣିଦେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

**ନୂତନ ପାଠାଗାର ବୌଦ୍ଧିକ ବିକାଶରେ ସହାୟକ ହେବ**

ଏହି ଅବସରରେ ଶ୍ରୀ ପ୍ରଧାନ ଆହ୍ୱାନ ଦେଇ କହିଛନ୍ତି ଯେ ସ୍ୱାଧୀନତା ଦିବସର ଏହି ପବିତ୍ର ପୂର୍ବ ସନ୍ଧ୍ୟାରେ, ଆସନ୍ତୁ ସମସ୍ତେ ଏହି ମାଟିର ବିକାଶ ପାଇଁ ଏକ ନୂଆ ସଂକଳ୍ପ ନେବା। ସ୍ଥାନୀୟ ଯୁବପିଢ଼ିଙ୍କ ସ୍ୱପ୍ନ ଓ ଆଶାକୁ ପୂରଣ କରିବା ପାଇଁ ଏକ ସୁଚିନ୍ତିତ ବିକାଶ ଯୋଜନା ନେଇ ଆଗକୁ ବଢ଼ିବା। କାନ୍ଧରେ କାନ୍ଧ ମିଳାଇ ସାଇଁବିରି ସମେତ ସମ୍ପୂର୍ଣ୍ଣ ଢେଙ୍କାନାଳକୁ ଏକ ସମୃଦ୍ଧ, ସ୍ୱାଭିମାନୀ ଓ ସମ୍ପୂର୍ଣ୍ଣ ବିକଶିତ ଅଞ୍ଚଳ ଭାବେ ଗଢ଼ିତୋଳିବା। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ଓ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସରକାରୀ ଜମିରେ ଗଞ୍ଜେଇ ଚାଷ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



- ୬ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ
- ମାଫିଆଙ୍କୁ ସହଯୋଗ କରୁଥିବା ଅଧିକାରୀଙ୍କୁ ନାଲି ଆଖି

ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ରାଜ୍ୟରେ ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କ୍ଷେତ୍ର ସ୍ତରରେ ନିରନ୍ତର ଓ ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ଏ ସଂକ୍ରାନ୍ତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାର କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କୁ ସଜାଗ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୫-୨୬ ଫସଲ ଋତୁରେ ଚାଲିଥିବା ଗଞ୍ଜେଇ ନଷ୍ଟ ଅଭିଯାନ ସମୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ଉପରୋକ୍ତ ୬ଟି ଚିହ୍ନଟ ଜିଲ୍ଲାର ୪୧ଟି ଥାନା ଅଧୀନରେ ମୋଟ ୩୬,୫୦୮.୭୯୨ ଏକର ଅଞ୍ଚଳରେ ଥିବା ୧,୬୩୧ଟି ଜିପିଏସ-ମ୍ୟାପ୍‌ଡ୍ ଜମି ଖଣ୍ଡରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏଥିମଧ୍ୟରୁ ୬,୬୩୨.୧୯୭ ଏକର ଜମି ସରକାରୀ ରାଜସ୍ୱ ଜମି ବୋଲି ଚିହ୍ନଟ ହୋଇଛି।

ପୂର୍ବ ଫସଲ ଋତୁରେ ଅର୍ଥାତ୍ ୨୦୨୫ ନଭେମ୍ବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଯେଉଁ ସ୍ଥାନଗୁଡ଼ିକରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା, ସେସବୁ ସ୍ଥାନର ଜିପିଏସ କୋ-ଅର୍ଡିନେଟ୍ ମଧ୍ୟ ପୁଲିସ୍ ବିଭାଗ ପକ୍ଷରୁ ଉପଲବ୍ଧ କରାଯାଇଛି। ଏହି ତଥ୍ୟକୁ ଆଧାର କରି ସମ୍ପୃକ୍ତ ଜମିଗୁଡ଼ିକ ଉପରେ ବ୍ୟବସ୍ଥିତ ଓ ନିରନ୍ତର ନିରୀକ୍ଷଣ କରାଯିବ। ବିଶେଷକରି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଅବୈଧ ଗଞ୍ଜେଇ ଚାଷରେ ଜଡ଼ିତ ବ୍ୟକ୍ତିମାନେ ପ୍ରତିବର୍ଷ ସମାନ ସରକାରୀ ରାଜସ୍ୱ ଜମିକୁ ପୁନର୍ବାର ଚାଷ ପାଇଁ ବ୍ୟବହାର କରିବାର ପ୍ରବଣତା ରହିଥିବାରୁ ଏଥିପ୍ରତି ସଜାଗ ରହିବାକୁ ରାଜସ୍ୱ ସଚିବ ଡ. ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ଫସଲ ଋତୁ ଆରମ୍ଭ ହୋଇଥିବାରୁ ପୂର୍ବରୁ ଚାଷ ନଷ୍ଟ କରାଯାଇଥିବା ଜମିରେ ପୁନର୍ବାର ଗଞ୍ଜେଇ ଚାଷ ହେବାର ଆଶଙ୍କା ରହିଥିବାରୁ ଏହି ଅଞ୍ଚଳଗୁଡ଼ିକରେ ବିଶେଷ ନଜର ରଖିବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ରାଜସ୍ୱ ସୁପରଭାଇଜରମାନଙ୍କୁ ସମନ୍ୱିତ ପଦକ୍ଷେପ ନେବାକୁ କୁହାଯାଇଛି। ସେହିପରି ଗଞ୍ଜେଇ ଚାଷରେ ଲିପ୍ତ ମାଫିଆଙ୍କୁ କୌଣସି ରାଜସ୍ୱ ଅଧିକାରୀ ସହଯୋଗ କରୁଥିବାର ସୂଚନା ମିଳିଲେ ତୁରନ୍ତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ସଚିବ ଡ. ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଜାରି କରିଛନ୍ତି।

# ମହିଳା ଟ୍ରାଫିକ୍ କନଷ୍ଟେବଳଙ୍କୁ ମାଡ଼, ଦୁଇ ଗିରଫ

## ନିଜକୁ ଜାତୀୟ ଦଳର ନେତା କହିଲେ ଆକ୍ରମଣକାରୀ



ବ୍ରହ୍ମପୁର,୧୪।୮ (ସଂଚାର ବ୍ୟୁରୋ): କାର୍ଯ୍ୟରତ ଟ୍ରାଫିକ କର୍ମଚାରୀଙ୍କୁ ଗାଳିଗୁଲଜ କଲେ, ଧକ୍କା ମାରିଲେ। ବୁଝାଇବାକୁ ଆସିଥିବା ମହିଳା କନଷ୍ଟେବଳଙ୍କୁ ଚାପୁଡ଼ା ମାରିଲେ। କେତେବେଳେ ନିଜକୁ ଏକ ରାଷ୍ଟ୍ରୀୟ ଦଳର କର୍ମକର୍ତ୍ତା ତ କେତେବେଳେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାର କର୍ମଚାରୀ ଭାବେ ପରିଚୟ ଦେଉଥିଲେ। ଗୁରୁବାର ଅପରାହ୍ନରେ ଏଭଳି ଏକ ଘଟଣା ଘଟିଛି ବ୍ରହ୍ମପୁର ଗେଟ ବଜାର ନିକଟରେ। ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସମ୍ପୃକ୍ତ ଦୁଇ ଜଣ ଯୁବକଙ୍କୁ ଟାଉନ୍ ଥାନାରେ ଅଟକ ରଖି ପୁଲିସ ପଚରାଉଚୁରା କରିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଯୁବକ ହେଉଛନ୍ତି ଦକ୍ଷିଣପୁର ଗାଁର ଅନନ୍ତକେଶରୀ ଦେବ ଓ ଶିବରାମ ପ୍ରଧାନ। ରିପୋର୍ଟ ଅନୁସାରେ, ଗେଟ୍ ବଜାର ଓଭରବ୍ରିଜ୍ ନିର୍ମାଣ କାମ ପାଇଁ ବିଶାଳ ଛକରୁ ଗେଟ୍ ବଜାର ଆଡ଼କୁ ଗାଡ଼ି ଚଳାଚଳରେ କଟକଣା ଲାଗିଛି। ଗୁରୁବାର ଅପରାହ୍ନ ୪ଟାରେ ହଠାତ୍ ଏକ କାର୍ ସେହି ରାସ୍ତାରେ ଯିବାକୁ ଚେଷ୍ଟା କରିଥିଲା। ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ଟ୍ରାଫିକ୍ କନଷ୍ଟେବଳ ତାଙ୍କୁ ଅଟକାଇଥିଲେ। ଏହାପରେ ଜଣେ ଯୁବକ ଗାଡ଼ିରୁ ଓହ୍ଲାଇ ନିଜକୁ ଫ୍ଲାଏଓଭର ନିର୍ମାଣ କରୁଥିବା ଠିକା ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। କିନ୍ତୁ ସେଠାରେ ଥିବା ସିକ୍ୟୁରିଟି ତାଙ୍କୁ ଚିହ୍ନି ନଥିବା କହିଥିଲେ। ଏହାପରେ ଗାଡ଼ି ଅନ୍ୟ ରାସ୍ତାରେ ନେବାକୁ ଟ୍ରାଫିକ୍ କର୍ମଚାରୀ କହିଥିଲେ। ଏହାପରେ ସେହି ଯୁବକ ନିଜକୁ ଏକ ରାଷ୍ଟ୍ରୀୟ ଦଳର ପଦାଧିକାରୀ ବୋଲି ପରିଚୟ ଦେଇଥିଲେ। ତେବେ ନିୟମ ମାନି ଅନ୍ୟ ରାସ୍ତାରେ ଯିବାକୁ ଟ୍ରାଫିକ୍ କର୍ମଚାରୀ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଯୁବକ ଟ୍ରାଫିକ୍ କର୍ମଚାରୀଙ୍କୁ ଧକ୍କା ଓ ମୁଥ ମାରିଥିଲେ। ନିକଟରେ ଥିବା ମହିଳା ଟ୍ରାଫିକ କନଷ୍ଟେବଳ ତାଙ୍କୁ ବୁଝାଇବାକୁ ଆସିଥିଲେ। ମହିଳା କନଷ୍ଟେବଳଙ୍କୁ ବି ଯୁବକ ଜଣଙ୍କ ଚାପୁଡ଼ା ମାରିଥିଲେ। ଦୀର୍ଘ ୧୦ ମିନଟ୍ ଧରି ଏହି ଡ୍ରାମା ଚାଲିଥିଲା, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଘଟଣାକୁ ନେଇ ମହିଳା ଟ୍ରାଫିକ କନଷ୍ଟେବଳ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।




ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କିତ ଟାସ୍କଫୋର୍ସ ବୈଠକ

# ସମୟସୀମା ମଧ୍ୟରେ ଭିତ୍ତିଭୂମି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ



- ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ଓ ରାସ୍ତା ସଂଯୋଗୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ରାଜ୍ୟର ଶିଳ୍ପ କ୍ଷେତ୍ରରେ ଆବଶ୍ୟକ ମୌଳିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି ଓ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଶିଳ୍ପ ବିଭାଗ ଦ୍ୱାରା ଗଠିତ ଟାସ୍କ ଫୋର୍ସ କମିଟି ବୈଠକ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରହୁଥିବା ବହୁବିଧ ସମସ୍ୟାର ସମାଧାନ ଓ ଆନୁଷଙ୍ଗିକ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗ ଓ ସଂସ୍ଥାମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରମୁଖ ଶିଳ୍ପ ସମ୍ପର୍କିତ ଭିତ୍ତିଭୂମି ଓ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ କାର୍ଯ୍ୟାନ୍ୱୟନ ସମୟରେ ଦେଖାଦେଉଥିବା ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜମି ଅଧିଗ୍ରହଣ ପାଇଁ ଆବଶ୍ୟକୀୟ ଅନୁମୋଦନ, ବିଦ୍ୟୁତ ସରବରାହ ଭିତ୍ତିଭୂମି ସୁବିଧା ଓ ଏଥିପାଇଁ ପ୍ରଶାସନିକ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପୃକ୍ତ ବିଭାଗ ସମେତ ଇଡକୋ ଓ ଜିଲ୍ଲା ପ୍ରଶାସନକୁ ସମନ୍ୱିତ ଓ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ଶାସନ ସଚିବ, ଜିଲ୍ଲାପାଳ ଓ ସମ୍ପୃକ୍ତ ଶିଳ୍ପ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନଙ୍କ ସହିତ ପ୍ରକଳ୍ପୱାରୀ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଯଥା ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ, ରାସ୍ତା ସୁବିଧା, ଜଳ ଯୋଗାଣ, ବିଭିନ୍ନ ଅନୁମୋଦନ ଆଦିର ସୁବ୍ୟବସ୍ଥା କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ସୁଗମ ଓ ତ୍ୱରାନ୍ୱିତ କରିବାକୁ ଟାସ୍କ ଫୋର୍ସ କମିଟି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଅଗଷ୍ଟ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏଥିସହ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

## ତାଳଚେର-ପୁରୀ ଏକ୍ସପ୍ରେସ ଲାଇନଚ୍ୟୁତ

ପୁରୀ ୧୪।୮ (ସଂଚାର ବ୍ୟୁରୋ): ପୁରୀ ରେଲୱେ ଷ୍ଟେସନ ନିକଟରେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ତାଳଚେର-ପୁରୀ ଏକ୍ସପ୍ରେସ ବର୍ତ୍ତି ଯାଇଛି। ପୁରୀ ଷ୍ଟେସନଠାରୁ ମାତ୍ର ୫୦୦ ମିଟର ଦୂରରେ ଟ୍ରେନ୍‌ର ଇଞ୍ଜିନଟି ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ତାଳଚେରରୁ ପୁରୀ ଅଭିମୁଖେ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଟ୍ରେନ୍ ଲାଇନଚ୍ୟୁତ ହେବାରୁ ଯାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ତେବେ ଏହି ଘଟଣାରେ କୌଣସି କ୍ଷୟକ୍ଷତି ହୋଇନାହିଁ। ଅଘଟଣ ପରେ ରେଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ଲାଇନଚ୍ୟୁତ ଟ୍ରେନକୁ ଟ୍ରାକକୁ ଆଣିବା ସହ ରେଳ ଚଳାଚଳ ସୁଗମ କରିବାକୁ ପଦକ୍ଷେପ ନେଇଛନ୍ତି।

## ଜେଲ୍ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୪।୮ (ସଂଚାର ବ୍ୟୁରୋ): ଜେଲରେ କାର୍ଯ୍ୟରତ ଜଣେ ୱାର୍ଡ଼ରଙ୍କ ଝୁଲନ୍ତା ମୃତଦେହ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ଶିବାନନ୍ଦ ସ୍ୱାଇଁ। ସେ ଦିଗପହଣ୍ଡି ସବ୍-ଜେଲ୍‌ରେ ୱାର୍ଡର ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳ ୧୦ଟା ପରଠାରୁ ଶିବାନନ୍ଦ ନିଜ କ୍ୱାର୍ଟରର କବାଟ ଖୋଲି ନ ଥିଲେ। ଦୀର୍ଘ ସମୟ ଧରି ଘର ଭିତରୁ କୌଣସି ଶବ୍ଦ ନ ମିଳିବାରୁ ଅନ୍ୟ ୱାର୍ଡ଼ର ଓ ଜେଲ୍ କର୍ମଚାରୀମାନଙ୍କ ସନ୍ଦେହ ହୋଇଥିଲା। ସେମାନେ ବାରମ୍ବାର କବାଟ ବାଡ଼େଇଥିଲେ ମଧ୍ୟ ଭିତରୁ କୌଣସି ସ୍ୱର ଶୁଣାଯାଇନଥିଲା। ଶେଷରେ ବାଧ୍ୟ ହୋଇ କର୍ମଚାରୀମାନେ ଘରର ଗୋଟିଏ ଝରକା ଖୋଲି ଦେଖିବାବେଳକୁ ଶିବାନନ୍ଦ ବେକରେ ରଶି ଲଗାଇ ଝୁଲୁଥିବା ଦୃଶ୍ୟ ନଜରକୁ ଆସିଥିଲା। ଘଟଣା ସମ୍ପର୍କରେ ତୁରନ୍ତ ପାଟପୁର ପୁଲିସକୁ ଖବର ଦିଆଯାଇଥିଲା। ଖବରପାଇ ପାଟପୁର ପୁଲିସ ଓ ସାନଖେମୁଣ୍ଡି ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପାରିବାରିକ କଳହ ଯୋଗୁଁ ଶିବାନନ୍ଦ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପ୍ରାଥମିକ ଭାବେ ଚର୍ଚ୍ଚା ହେଉଥିଲେ ବି ମୃତ୍ୟୁର ସଠିକ୍ କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।




● ମାଲିକାନା ହସ୍ତାନ୍ତର ପାଇଁ ଲାଞ୍ଚ ମାମଲା

## ବିଡିଏର ପୂର୍ବତନ ସେକ୍ସନ ଅଫିସରଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୧୪।୮ (ସଂଚାର ବ୍ୟୁରୋ): ବିଡିଏର ପୂର୍ବତନ ସେକ୍ସନ ଅଫିସର ତାରିଣୀ ଚରଣ ଦାସ ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଘରର ମାଲିକାନା ହସ୍ତାନ୍ତର ପାଇଁ ସେ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱର ତାଙ୍କୁ ୩ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ରାୟ ଶୁଣାଇଛନ୍ତି। ସୂଚନା ଅନୁସାରେ, ବିଡିଏର ପୂର୍ବତନ ସେକ୍ସନ ଅଫିସର ତାରିଣୀ ଚରଣ ଦାସ ଅବସର ପରେ ତାଙ୍କ ଘରର ମାଲିକାନା ହସ୍ତାନ୍ତର ପାଇଁ ଆବେଦନକାରୀଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଏହି ଘଟଣାରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରିଥିଲା। ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱର ଏହି ମାମଲାର ଶୁଣାଣି କରି ତାଙ୍କୁ ୩ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ରାୟ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କର ପେନସନ ବନ୍ଦ କରିବା ପାଇଁ କୁହାଯାଇଛି।

# ଇଣ୍ଡିଗୋ ବିମାନ ବାତିଲ୍ ନେଇ ଏୟାରପୋର୍ଟରେ ମହିଳାଙ୍କ ହଙ୍ଗାମା



ଭୁବନେଶ୍ୱର,୧୪।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଏୟାରପୋର୍ଟରେ ଜଣେ ମହିଳା ଆଜି ହଙ୍ଗାମା କରିଛନ୍ତି। ବିମାନ ବିଳମ୍ବ ପରେ ବାତିଲକୁ ନେଇ ରାଗିଯାଇଥିଲେ ମହିଳା। ସେ ଏୟାରପୋର୍ଟରେ ଭଙ୍ଗାରୁଜା କରିବା ସହ ବିମାନବନ୍ଦର ଅଧିକାରୀଙ୍କୁ ଗାଳିଗୁଲଜ ମଧ୍ୟ କରିଛନ୍ତି। କାହା କଥା ଶୁଣିଲେନି କି କିଛି ମାନିଲେନି। ବଡ଼ ପାଟିରେ ଚିତ୍କାର କରି ଗାଳିଗୁଲଜ କରିବା ସହ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ଯାନ୍ତ୍ରିକ ସମସ୍ୟା ପାଇଁ ଇଣ୍ଡିଗୋ ବିମାନ ବିଳମ୍ବିତ ହୋଇଥିଲା। ତା'ପରେ ବାତିଲ ହୋଇଥିଲା। ଏହାକୁ ନେଇ ମହିଳା ଯାତ୍ରୀ ଜଣଙ୍କ ଉତ୍‌କ୍ଷିପ୍ତ ହୋଇ ବିମାନ ବନ୍ଦରରେ କମ୍ପ୍ୟୁଟର ଭଙ୍ଗାରୁଜା କରିଥିଲେ। କାରଣ ମହିଳା ଜଣଙ୍କ ତାଙ୍କ ପୁଅର ଚିକିତ୍ସା ପାଇଁ କୋଲକାତା ଯିବାକୁ ଅପେକ୍ଷା କରିଥିଲେ। ଅନ୍ୟ ଯାତ୍ରୀମାନେ ମଧ୍ୟ ଅଭିଯୋଗ ଆଣିଥିଲେ ବିମାନ ବାତିଲ ବିଷୟରେ ତାଙ୍କୁ ତୁରନ୍ତ କାହିଁକି ସୂଚନା ଦିଆଗଲାନି। ଘଟଣା ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ ଏୟାରପୋର୍ଟ ଥାନାରେ ଏତଲା ଦେଇଛନ୍ତି। କାରଣ ପ୍ୟାସେଞ୍ଜର ଜଣକ କମ୍ପ୍ୟୁଟରର ମନିଟର, କି' ବୋର୍ଡ, ପାସପୋର୍ଟ ସ୍ୱାଇପିଙ୍ଗ୍ ମେସିନ୍ ଭାଙ୍ଗିଥିବା ଅଭିଯୋଗ ହୋଇଛି, ଯାହାର ମୂଲ୍ୟ ୪୯ ହଜାର ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ବିମାନ ବନ୍ଦରର କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ଭାରତୀୟ ନ୍ୟାୟ ସଂହିତା ୨୯୬ ଓ ୩୨୪ରେ ମାମଲା ରୁଜୁ କରିଛି। ଯାତ୍ରୀ ଜଣଙ୍କ ଗତକାଲି ଭୁବନେଶ୍ୱରରୁ କଲିକତା ଇଣ୍ଡିଗୋ ବିମାନରେ ଯିବାର ଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଇଣ୍ଡିଗୋ ବିମାନ ବାତିଲ୍ ହୋଇଯାଇଥିଲା। ଯାହା ଫଳରେ ଯାତ୍ରୀ ଜଣଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କ ଗନ୍ତବ୍ୟ ସ୍ଥଳ ଯାଇପାରି ନଥିଲେ। ଏୟାରଲାଇନ୍ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରି ନଥିଲେ କି ବିକଳ୍ପ ବ୍ୟବସ୍ଥା କରି ନଥିଲେ। ସେଥିପାଇଁ ମହିଳା ଜଣଙ୍କ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ସେପଟେ ଇଣ୍ଡିଗୋ ବିମାନ ବାତିଲ ପରେ ଅନ୍ୟ କନେକ୍ଟିଂ ବିମାନରେ ମହିଳା ଯାତ୍ରୀ ଜଣଙ୍କ ଶେଷରେ କୋଲକତା ଯାଇଥିଲେ।













ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ଲଞ୍ଚ ହେବ ଗୁଗଲ୍ ଫିଟ୍‌ବିଟ୍ ଏୟାର



ନୂଆଦିଲ୍ଲୀ, ୧୪।୮ : ଗୁଗଲ୍ ଏହାର ଏକ ନୂତନ ଏବଂ ଆକର୍ଷକ ଫିଟନେସ୍ ଟ୍ରାକର 'ଗୁଗଲ୍ ଫିଟ୍‌ବିଟ୍ ଏୟାର' ଭାରତୀୟ ବଜାରକୁ ଆଣିବାକୁ ଯାଉଛି। ସବୁଠୁ ବଡ଼ କଥା ହେଉଛି, ଏହା ଏକ ବିନା ସ୍କ୍ରିନ୍ ଡିଭାଇସ୍। ଭାରତରେ ବିନା ଡିସପ୍ଲେ ଥିବା ଫିଟନେସ୍ ଟ୍ରାକରଗୁଡ଼ିକର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିରାଟ କୋହଲିଙ୍କ ସମେତ ଅନେକ ଏଥ୍‌ଲେଟ୍ ମଧ୍ୟ ଏହିପରି ବିନା ଡିସପ୍ଲେ ଥିବା 'Whoop' ବ୍ୟାଣ୍ଡ ବ୍ୟବହାର କରନ୍ତି। ଏହି ରେସ୍‌ରେ ପଛରେ ନ ରହିବା ପାଇଁ ଗୁଗଲ୍ ଏହି ନୂତନ ପ୍ରଡକ୍ଟ ଆଣୁଛି।

ଏହା ଏକ ଅତି ହାଲୁକା ଡିଭାଇସ୍, ଯାହାର ଓଜନ ମାତ୍ର ପ୍ରାୟ ୧୨ ଗ୍ରାମରୁ ୧୬ ଗ୍ରାମ ମଧ୍ୟରେ ରହିଛି। କମ୍ପାନୀ ଏଥିରେ କୌଣସି ଡିସପ୍ଲେ ନ ରଖିବାକୁ ନିଷ୍ପତ୍ତି ନେଇଛି, ଯାହାଫଳରେ ଏହାକୁ ପିନ୍ଧିବା ଅତ୍ୟନ୍ତ ଆରାମଦାୟକ ହୋଇଥାଏ। ଏଥିରେ ହାର୍ଟ ରେଟ୍ ଟ୍ରାକର, ବ୍ଲଡ୍ ଅକ୍ସିଜେନ୍ ଏବଂ ୱାର୍କଆଉଟ୍ ଅଟୋ-ଡିଟେକ୍ଟ କରିବା ପାଇଁ ଆଧୁନିକ ସେନ୍ସର ଦିଆଯାଇଛି। ଏହି ଫିଟନେସ୍ ବ୍ୟାଣ୍ଡର ସମସ୍ତ ଡାଟା ସିଧାସଳଖ ଆପଣଙ୍କ ସ୍ମାର୍ଟଫୋନ୍‌ର ଗୁଗଲ୍ ହେଲ୍ଥ ଆପ୍‌ରେ ଦେଖିପାରିବେ। ଏହି ଫିଟନେସ୍ ଟ୍ରାକର ଭିତରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ହେଲ୍ଥ ଇନସାଇଟ୍ସ ମଧ୍ୟ ମିଳିବ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସଠିକ୍ ପରାମର୍ଶ ଦେବ। ବ୍ୟାଟେରୀକୁ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଥରେ ସମ୍ପୂର୍ଣ୍ଣ ଚାର୍ଜ କଲେ ଏହା ୭ ଦିନ ପର୍ଯ୍ୟନ୍ତ ବ୍ୟାକଅପ୍ ପ୍ରଦାନ କରିବ। ଗୁଗଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହାକୁ ଭାରତରେ ଏହି ବର୍ଷ ଅକ୍ଟୋବର ମାସରେ ଲଞ୍ଚ୍ କରାଯିବ। କମ୍ପାନୀ ଏହାର ସଠିକ୍ ମୂଲ୍ୟ ଘୋଷଣା କରିନଥିଲେ ମଧ୍ୟ ଗ୍ଲୋବାଲ୍ ବଜାରରେ ଏହାର ଦାମ ପ୍ରାୟ ୯୯.୯୯ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮ ହଜାର ୯୯୯ରୁ ୯ ହଜାର ୫୦୦ ରହିବ ବୋଲି ଆଶା କରାଯାଉଛି।

## ପେନସନ ଟଙ୍କା ଉଠାଣରେ ବଡ଼ ପରିବର୍ତ୍ତନ
# ଏଣିକି ଅପେକ୍ଷା କରିବାକୁ ପଡ଼ିବ ୩ବର୍ଷ

ନୂଆଦିଲ୍ଲୀ, ୧୪।୮:କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ପକ୍ଷରୁ ପିଏଫ ଓ ପେନସନ ଉଠାଣ ନିୟମରେ ବଡ଼ ପରିବର୍ତ୍ତନ କରାଯାଇଛି। ଏହାର ସିଧାସଳଖ ପ୍ରଭାବ ବେତନଭୋଗୀ କର୍ମଚାରୀଙ୍କ ଉପରେ ପଡ଼ିପାରେ। ନୂଆ ନିୟମ ଅନୁସାରେ, ଏମ୍ପ୍ଲଏଜ ପେନସନ ସ୍କିମ୍(ଇପିଏସ) ଅଧୀନରେ ପେନସନ ଉଠାଣ ସୁବିଧା ପାଇବା ପାଇଁ ଏଣିକି ୩୬ ମାସ ଅର୍ଥାତ୍ ୩ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ସେହିପରି, ଚାକିରି ଛାଡ଼ିବା ପରେ ନିଜର ସମ୍ପୂର୍ଣ୍ଣ ଏମ୍ପ୍ଲଏଜ ପ୍ରୋଭିଡେଣ୍ଟ ଫଣ୍ଡ(ଇପିଏଫ) ରାଶିର ଅନ୍ତିମ ସେଟଲମେଣ୍ଟ କରିବା ପାଇଁ କର୍ମଚାରୀଙ୍କୁ ୧୨ ମାସର ଅପେକ୍ଷା ସମୟ ପୂରଣ କରିବାକୁ ହେବ। ନୂଆ ନିୟମରେ ଇପିଏସ ଅଧୀନରେ ପେନସନ ସମ୍ପର୍କିତ ଟଙ୍କା ଉଠାଇବା ନିୟମରେ ପରିବର୍ତ୍ତନ ହୋଇଛି। ଏଣିକି ଏହି ସୁବିଧା ପାଇବା ପାଇଁ ୩୬ ମାସର ଅପେକ୍ଷା ସମୟ ରହିବ। ଅର୍ଥାତ୍ କର୍ମଚାରୀଙ୍କୁ ତୁରନ୍ତ ଟଙ୍କା ଉଠାଇବା ବଦଳରେ ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା କରିବାକୁ ହେବ।

# ପ୍ୟାକେଟ୍ ଖାଦ୍ୟ ସାମଗ୍ରୀରେ ଫ୍ୟାଟ୍ ଥିବା ସତର୍କ ସୂଚନା ଲଗାଇବା ନେଇ ଏଫଏସଏସଏଆଇକୁ ଦୁଇ ସପ୍ତାହ ସମୟ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଅଧିକ ଚିନି, ଲୁଣ ଓ ସାଚୁରେଟେଡ୍ ଫ୍ୟାଟ୍ ଥିବା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ସମ୍ମୁଖରେ ସତର୍କ ସୂଚନା ଲଗାଇବା ନେଇ ଶେଷ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ଓ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫଏସଏସଏଆଇ)କୁ ୨ ସପ୍ତାହ ସମୟ ଦେଇଛନ୍ତି ସୁପ୍ରିମକୋର୍ଟ। ଗୁରୁବାର ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଓ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ୟାକେଟ୍ ଖାଦ୍ୟରେ ଅଧିକ ପରିମାଣର ଚିନି, ଲୁଣ ଓ ଚର୍ବି ରହିଥିଲେ ଗ୍ରାହକଙ୍କୁ ସହଜରେ ଜଣାଇବା ପାଇଁ ପ୍ୟାକେଟ୍‌ର ସାମ୍ନା ଭାଗରେ ସ୍ପଷ୍ଟ ଚେତାବନୀ ଲେବଲ୍ ଲଗାଇବା ଦାବିରେ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ର ଓ ଏଫଏସଏସଏଆଇ ପକ୍ଷରୁ ହାଜର ଅତିରିକ୍ତ ସଲିସିଟର ଜେନେରାଲ୍ ବ୍ରିଜେନ୍ଦ୍ର ଚହରଙ୍କୁ ଖଣ୍ଡପୀଠ ଏପର୍ଯ୍ୟନ୍ତ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏହି ନିଷ୍ପତ୍ତିରେ ଖାଦ୍ୟ ଉତ୍ପାଦନକାରୀ କମ୍ପାନୀଗୁଡ଼ିକର




ଚାପ ପ୍ରଭାବ ପକାଉଛି କି ନାହିଁ, ସେନେଇ ମଧ କୋର୍ଟ ପ୍ରଶ୍ନ ଉଠାଇଥିଲେ। ରିପୋର୍ଟ ଅନୁସାରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ, "ଆପଣ କୋର୍ଟକୁ ହେୟଜ୍ଞାନ କରୁଛନ୍ତି କି?" କୋର୍ଟ କହିଥିଲେ ଯେ ଏହି ପ୍ରସଙ୍ଗ କୋର୍ଟର ସ୍ୱାର୍ଥ ନୁହେଁ, ବରଂ ଜନସ୍ୱାସ୍ଥ୍ୟ ସହ ଜଡ଼ିତ। ବିଶେଷକରି ଛୋଟ ପିଲାମାନେ କ'ଣ ଖାଉଛନ୍ତି, ସେ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଚେତାବନୀ ଲେବଲ୍‌ର ଉଦ୍ଦେଶ୍ୟ ବୋଲି କୋର୍ଟ କହିଥିଲେ। ଖଣ୍ଡପୀଠ ପ୍ରଶ୍ନ କରିଥିଲେ, "ଆପଣ ଚାହୁଁ ନାହାନ୍ତି କି ଏହି ଦେଶର ଲୋକେ ସୁସ୍ଥ ରୁହନ୍ତୁ? ବିଶେଷକରି ବଢ଼ୁଥିବା ପିଲାମାନେ?" କୋର୍ଟ କହିଥିଲେ ଯେ ପ୍ୟାକେଟ୍ ଖାଦ୍ୟରେ ଚିନି, ଚର୍ବି ଓ କାର୍ବୋହାଇଡ୍ରେଟ୍ ରହିଥାଏ ବୋଲି ଗ୍ରାହକମାନେ ଜାଣନ୍ତି। କିନ୍ତୁ ପ୍ୟାକେଟ୍‌ର ସାମ୍ନା ଭାଗରେ ସ୍ପଷ୍ଟ ଚେତାବନୀ ଥିଲେ କିଣିବା ପୂର୍ବରୁ ସେମାନେ ଅଧିକ ସଚେତନ ଭାବେ ନିଷ୍ପତ୍ତି ନେଇପାରିବେ।




## ରିଲାଏନ୍ସ ଡିଜିଟାଲର ଡିସ୍କୋ ସେଲ୍
# ଏକ୍ସଚେଞ୍ଜ ସହ ବ୍ୟାଙ୍କ ଅଫରରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି

ମୁମ୍ବାଇ,୧୪।୮ : ସ୍ମାର୍ଟଫୋନ୍, ଟିଭି, ଲାପଟପ୍ କିମ୍ବା ଘରୋଇ ଉପକରଣକୁ ଅପଗ୍ରେଡ୍ କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ରିଲାଏନ୍ସ ଡିଜିଟାଲ ଆରମ୍ଭ କରିଛି ଡିଜିଟାଲ୍ ଇଣ୍ଡିଆ ସେଲ୍ କ୍ରେଜି ଅଫର୍ ବା ଡିସ୍କୋ ଅଫର ସେଲ୍। ଅଗଷ୍ଟ ୧୬ ପର୍ଯ୍ୟନ୍ତ ଜାରି ରହିଥିବା ଏହି ସେଲରେ ପୁରୁଣା ସାମଗ୍ରୀ ଏକ୍ସଚେଞ୍ଜ ସହିତ କିଛି ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ବୋନସ୍, ବ୍ୟାଙ୍କ କାର୍ଡ, ପେପର ଫାଇନାନ୍ସ ଓ ୟୁପିଆଇ ମାଧ୍ୟମରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି, ଏବଂ ଅତିରିକ୍ତ ଏକ ବର୍ଷର ୱାରେଣ୍ଟି ଭଳି ଅଫର ପ୍ରଦାନ କରୁଛି। ଦ୍ୱିତୀୟ ଉତ୍ପାଦ କ୍ରୟ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତିର ଅଫର ମଧ୍ୟ ରହିଛି। ସ୍ମାର୍ଟଫୋନ ବର୍ଗରେ, ୪ଜି ମଡେଲଗୁଡ଼ିକ ୧୦,୯୯୯ ଟଙ୍କା ଏବଂ ୫ଜି ଫୋନଗୁଡ଼ିକ ୧୩,୯୯୯ ଟଙ୍କାରୁ ଆରମ୍ଭ ହେଉଛି। କିଛି ନିର୍ଦ୍ଦିଷ୍ଟ ସ୍ମାର୍ଟଫୋନଗୁଡ଼ିକ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ବୋନସ ଏବଂ ୩୦ ମାସ ପର୍ଯ୍ୟନ୍ତ ବିନା ମୂଲ୍ୟ ଇଏମଆଇ ବିକଳ୍ପ ଉପଲବ୍ଧ ରହିଛି। ଗ୍ରାହକମାନେ ଇୟରବଡ, ହେଡଫୋନ, ବ୍ଲୁଟୁଥ୍ ସ୍ପିକର ଏବଂ ଅନ୍ୟାନ୍ୟ ମୋବାଇଲ ଆସେସୋରିଜ୍ ପାଇଁ ୟୁପିଆଇ ପେମେଣ୍ଟ ଉପରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଟିଭି ଏବଂ ଘରୋଇ ଉପକରଣ ମଧ୍ୟରେ ୬୫-ଇଞ୍ଚ ୪କେ ୟୁଏଚଡ଼ି ଗୁଗଲ୍ ଟିଭି ୩୯,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ସାଇଡ୍-ବାଇ-ସାଇଡ୍ ରେଫ୍ରିଜରେଟର ମଧ୍ୟ ୩୯,୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ୱାଶର-ଡ୍ରାୟରର ମୂଲ୍ୟ ୫୫,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର କ୍ରୟ ଉପରେ, ମାତ୍ର ୧୩,୯୦୦ ଟଙ୍କାରେ ୪୩,୯୦୦ ଟଙ୍କା ମୂଲ୍ୟର ଏକ ଡାଇସନ ବିଗ୍ ବଲ୍ ଭାକ୍ୟୁମ୍ କ୍ଲିନର୍ ମିଳିବାର ଅଫର ରହିଛି। ଲାପଟପ୍ ୩୯,୯୯୯ ଟଙ୍କାରୁ ଆରମ୍ଭ ହେଉଛି ଏବଂ ଏହା ସହିତ ତିନି ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଓ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ଲାଭ ପ୍ରଦାନ କରାଯାଉଛି। ଏହି ସେଲ୍ ରିଲାଏନ୍ସ ଡିଜିଟାଲ୍ ଷ୍ଟୋର, ରିଲାଏନ୍ସ ଡିଜିଟାଲ ୱେବସାଇଟ ଏବଂ ମାଇଁଜିଓ ଷ୍ଟୋରରେ ଉପଲବ୍ଧ ରହିଛି।




# ୨୦୨୭ ମାର୍ଚ୍ଚ ସୁଦ୍ଧା ୮୬୫ଟି ଗାଁରେ ପହଞ୍ଚିବ ୪ଜି ସେବା

ଭୁବନେଶ୍ୱର,୧୪।୮ : ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ରାଜ୍ୟରେ ୧୭୪୧ ନୂଆ ୪ଜି ଟାୱାର ସ୍ଥାପନ କରାଯାଇଛି। ଏଥି ସହିତ ୨୪୮୭ ଦୁର୍ଗମ ଓ ଅପହଞ୍ଚ ଗ୍ରାମରେ ୪ଜି ସେବା ଯୋଗାଇ ଦିଆଯାଉଛି। ୨୦୨୭ ମାର୍ଚ୍ଚ ସୁଦ୍ଧା ଆଉ ୮୬୫ଟି ନୂଆ ଗ୍ରାମରେ ୪ଜି ସେବା ପ୍ରଦାନ କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି ବୋଲି କମ୍ପାନିର ସିଜିଏମ୍ ଡି କେ ବେହେରା କହିଛନ୍ତି। ରାଜ୍ୟରେ କମ୍ପାନିର ୫୮୦୦ ଟାୱାର ଓ ୧୬ ହଜାର ବେସ୍ ଷ୍ଟେସନ ରହିଛି। ଚଳିତ ଆର୍ଥିକ ବର୍ଷରେ କମ୍ପାନି ୧୦୦୦ ନୂଆ ଟାୱାର ସ୍ଥାପନ କରିବାକୁ ଯୋଜନା ରଖିଛି। ନୂଆ ଟାୱାରଗୁଡ଼ିକୁ ମୁଖ୍ୟତଃ କୋରାପୁଟ, କଳାହାଣ୍ଡି, ରାୟଗଡ଼ା ଓ କେନ୍ଦୁଝର ଜିଲ୍ଲାର ଗ୍ରାମାଞ୍ଚଳଗୁଡ଼ିକରେ ସ୍ଥାପନ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

କମ୍ପାନି ଏକ ଟଙ୍କିଆ ଫ୍ରିଡମ୍ ଅଫର ଘୋଷଣା କରିଛି ଯେଉଁଥିରେ ଗ୍ରାହକମାନେ ୧ ଟଙ୍କାରେ ନୂଆ ସଂଯୋଗ ପାଇପାରିବେ। ୨୪ ଦିନର ବୈଧତା ସହିତ ଏହି ଅଫରରେ ଦୈନିକ ୧ ଜିବି ଡାଟା, ୧୦୦ ଏସ୍‌ଏମ୍‌ଏସ୍, ଅସୀମିତ ଭଏସ୍ କଲ୍ ମିଳିପାରିବ। ସେହିପରି ବିଏସ୍‌ଏନ୍‌ଏଲ୍ ଫାଇବର୍ ଫ୍ରିଡମ୍ ପ୍ଲାନ୍ ଘୋଷଣା କରାଯାଇଛି ଯେଉଁଥିପାଇଁ ମାସିକ ୧୧୧୧ ଟଙ୍କା ଦେବାକୁ ପଡ଼ିବ। ଏଥିରେ ଗ୍ରାହକମାନେ ୨୦୦ ଏମ୍‌ବିପିଏସ୍ ସ୍ପିଡ୍‌ର ଇଣ୍ଟରନେଟ୍, ମାସକୁ ୫୦୦୦ ଜିବି ଡାଟା ଓ ୨୫ରୁ ଅଧିକ ପ୍ରିମିୟମ୍ ଓଟିଟି ସେବା ପାଇପାରିବେ ଏହି ଅଫର ଆସନ୍ତା ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ବୈଧ ରହିଛି।ବିଏସ୍‌ଏନ୍‌ଏଲ୍ ତରଫରୁ ବିଏସ୍‌ଏନ୍‌ଏଲ୍ ସେଲ୍ଫ କେୟାର ଆପ୍‌ରେ ବିଏସ୍‌ଏନ୍‌ଏଲ୍ ଏଣ୍ଟରଟେନ୍‌ମେଣ୍ଟ୍ ଟିଭି ପାୱାରର୍ଡ ବାଏ ଟାଙ୍ଗୋ, ବିଏସ୍‌ଏନ୍‌ଏଲ୍ ସାଟେଲାଇଟ୍ ଫୋନ୍ ସେବା ବିଷୟରେ ମଧ୍ୟ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନିର ମହାପ୍ରବନ୍ଧକ ଗୁରୁଦାସ ମେହେର, ଆଇଏଫ୍‌ଏ ହେମବୟ ହେମ୍ବ୍ରମ ଓ ଭାରତନେଟ୍‌ର ପିଜିଏମ୍ ଆଇ ଜି ସୋରେନ ଉପସ୍ଥିତ ଥିଲେ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୯୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୮୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୦୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୨,୧୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୯୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ହର ଘର ତ୍ରିରଙ୍ଗା ଅଭିଯାନ ପାଳିତ



ଭବାନୀପାଟଣା, ୧୪।୮ (ସଂଚାର ବ୍ୟୁରୋ)ଃ ସ୍ୱାଧୀନତା ଦିବସ ଅବସରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ନେଇ କଳାହାଣ୍ଡି କଲେଜ ଅଫ୍ ଆର୍ଟ ଆଣ୍ଡ ରିସର୍ଚ୍ଚ ପରିସରରେ ଗତକାଲି ଏକ ବିଶେଷ ଚିତ୍ରକଳା କର୍ମଶାଳା ଓ ଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ଏଡିଏମ୍ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିସିଓ ବିବେକାନନ୍ଦ ମହାନନ୍ଦ, ସହକାରୀ ଜିଲ୍ଲାପାଳ ଦିନେଶ କାହାର, ଡିଆଇପିଆର୍‌ଓ ଅବିନାଶ ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଅଜୟ ମିଶ୍ର, ମୁକୁନ୍ଦ ରେଡ୍ଡୀ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପ୍ରଦର୍ଶିତ ଚିତ୍ରକଳାଗୁଡ଼ିକୁ ବୁଲି ଦେଖିବା ସହ ଛାତ୍ରଛାତ୍ରୀ ଓ ଶିଳ୍ପୀମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ ଏବଂ କଳା ମାଧ୍ୟମରେ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଉତ୍ସାହିତ କରିଥିଲେ।

ଏହି କର୍ମଶାଳାରେ କଳାହାଣ୍ଡିର ବିଶିଷ୍ଟ ଚିତ୍ରଶିଳ୍ପୀ ଏବଂ କଲେଜର ସମସ୍ତ ଛାତ୍ରଛାତ୍ରୀ ମିଶି ଜଳରଙ୍ଗ ଓ ଏକ୍ରିଲିକ୍ ମାଧ୍ୟମରେ ବିଭିନ୍ନ ଦେଶଭକ୍ତିମୂଳକ ଚିତ୍ର ଅଙ୍କନ କରିଥିଲେ। ସେମାନେ ନିଜ ନିଜ କଳାକୃତି ଜରିଆରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗାର ଗୌରବକୁ ସୁନ୍ଦର ଭାବେ ପ୍ରକାଶ କରିଥିଲେ।

## ଶିଶୁଙ୍କୁ ଆଧାର ଓ ଜନ୍ମ ପ୍ରମାଣପତ୍ର ଅଭାବରେ

# ଶିକ୍ଷା ଅଧିକାରରୁ ବଞ୍ଚିତ କରାନଯାଉ

ସୁନ୍ଦରଗଡ଼, ୧୪।୮ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ଜିଲ୍ଲାରେ ଆଧାର କାର୍ଡ କିମ୍ବା ଜନ୍ମ ପ୍ରମାଣପତ୍ର ନଥିବା କାରଣରୁ ଶିଶୁମାନେ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ହେଉଥିବା ଅନେକ ଅଭିଯୋଗ ଜାଣିବା ପରେ ରାଜ୍ୟ ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକଙ୍କୁ ସାକ୍ଷାତ କରି ଶିଶୁମାନଙ୍କୁ ଆଧାର ଓ ଜନ୍ମ ପ୍ରମାଣପତ୍ର ନ ଥିବା କରଣରୁ ସେମାନଙ୍କୁ ଶିକ୍ଷାଅଧିକାର ରୁ ବଞ୍ଚିତ ନ କରି ବିଦ୍ୟାଳୟରେ ତୁରନ୍ତ ନାମଲେଖା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହିତ ଏଥିପାଇଁ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ନିର୍ଦ୍ଦେଶ ନାମା ଜାରି କରିବାକୁ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ଜିଲ୍ଲାପାଳଙ୍କ ଠାରେ ଦାବି କରିବା ସହିତ



ଏକ ଦାବିପତ୍ର ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳ ଦାବିକୁ ଶୁଣିବା ପରେ ଖୁବଶୀଘ୍ର ଏ ଦାବି ପୂରଣ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେବା ସହିତ ଦାବି ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ। ପରେ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରାଙ୍କୁ ମଧ୍ୟ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ଏବଂ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସବୁ ବିଷୟରେ କହିବା ସହିତ ଆଧାର ଓ ଜନ୍ମ ପ୍ରମାଣପତ୍ର ବିନା ଶିଶୁମାନଙ୍କୁ ତାଙ୍କ ଶିକ୍ଷା ଅଧିକାରରୁ ବଞ୍ଚିତ ନ କରି ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶିଶୁମାନଙ୍କ ନାମ ଲେଖା ପାଇଁ ନିର୍ଦ୍ଦେଶ ଦେବାପାଇଁ ସହିତ ଶିକ୍ଷା ଅଧିକାର ଆଇନ ଅନୁଯାଇ ୬ବର୍ଷରୁ ୧୪ବର୍ଷ ବୟସର କୌଣସି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମସ୍ତେ ଯତ୍ନବାନ ରହିବାକୁ ଦାବି କରିଥିଲେ।

ଜିଲ୍ଲା ଶିକ୍ଷା ଅଧିକାରୀ ସବୁ ବିଷୟରେ ବୁଝିବା ପରେ ଖୁବଶୀଘ୍ର ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରାଯିବ ଏବଂ ଆଧାର ଓ ଜନ୍ମ ପ୍ରମାଣପତ୍ର ବିନା ଜିଲ୍ଲାର କୌଣସି ବିଦ୍ୟାଳୟରେ ଶିଶୁଙ୍କୁ ନାମ ଲେଖାରୁ ବଞ୍ଚିତ କରାଯିବ ନାହିଁ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ। ଏହି ଦାବିପତ୍ର ଦେବା ସମୟରେ ପ୍ରତିନିଧି ମଣ୍ଡଳୀରେ ସୁନ୍ଦରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଯୁବନେତା ସଞ୍ଜୟ ପଟ୍ଟନାୟକ ଏବଂ ବିଜେଡି ନେତା ହେମନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଜୟପୁରରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା



ବୋରିଗୁମ୍ମା/ଜୟପୁର, ୧୪।୮ (ସଂଚାର ବ୍ୟୁରୋ)ଃ ଦେଶବ୍ୟାପୀ ଚାଲିଥିବା ହର ଘର ତ୍ରିରଙ୍ଗା ଅଭିଯାନର ଅବସରରେ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ସାଢେ ୯ଟା ସମୟରେ ଜୟପୁର ସହରରେ ଉପଖଣ୍ଡସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ ତ୍ରିରଙ୍ଗା ସମସ୍ତ ଭାରତୀୟଙ୍କୁ ଗର୍ବ ଓ ଗୌରବ ବୋଲି କହିଥିଲେ।

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ସୁନାବେଡ଼ା ପୌରପାଳିକା ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ରଙ୍କ ସମେତ ଜୟପୁର ପୌରପାଳିକାର ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାଧାରଣ ଜନତା ସାମିଲ ହୋଇଥିଲେ।

### ଲଗାଣ ବର୍ଷାରେ ଫୁଲୁଛି ଖଡଖାଇ ନଦୀ

# ରାଇରଙ୍ଗପୁର ସହରଠାରୁ ବିଚ୍ଛିନ୍ନ ସିନ୍ଦୂରଗୌରୀ ସମେତ ୧୫ ଗ୍ରାମ

ବାରିପଦା, ୧୪।୮ (ସଂଚାର ବ୍ୟୁରୋ)ଃ ରାଇରଙ୍ଗପୁର ସହରକୁ ଲାଗିଛି ସିନ୍ଦୁରଗୌରୀ ଗ୍ରାମ । ଏହାର ଆଖ ପାଖରେ ଆହୁରି ଗ୍ରାମ ଅଛି । ଏଠାରେ ରେଳପଥ ତଳେ ଏକ ଗଳାପୋଲ ପାଇଁ ରାସ୍ତା ତିଆରି ହୋଇଛି ।କିନ୍ତୁ ବର୍ଷାଦିନେ କାମରେ ଲାଗୁନି ।ଏହି ରାସ୍ତା ଦେଇ ୧୫ ଟି ଗ୍ରାମରମଧୁବନ, କୁମୁଡାଶୋଳ, ଚିଲିକା ପୋଷି, ଶାମସୁନ୍ଦକପିଳାଶ, ମହିଷାନେଦାଗଢ, ପୁରୁଣା ଘାଟି, ମୟୂରର ପ୍ରଭୃତି ଅଞ୍ଚଳର ଗ୍ରାମବାସୀ ଏହି ରାସ୍ତାରେ ଚଳପ୍ରଚଳ କରିଥାନ୍ତି। କିନ୍ତୁ ବର୍ଷାଦିନେ ଖଡଖାଇ ସମେତ ଉପନଦୀ ଗୁଡିକ ଫୁଲିଯାଏ ।ଯାହାଫଳରେ ନଦୀରେ ପ୍ରବଳ ପାଣି ଆସିଲେ ଗଳାପୋଲରେ ପାଣି ଉଛୁଳି ଥାଏ । ଏବେ ଲଗାଣ ୪ ଦିନହେଲା ବର୍ଷା ଯୋଗୁଁ ନଦୀରେ ପାଣି ଭରପୁର। ଗଳାପୋଲ ବାଟେ ଲୋକଙ୍କର ଯିବା ଆସିବା ଠପ୍। ଚାକିରିଆ ଲୋକ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ବେପାରୀ, ପ୍ରସୂତି ମହିଳା, ଆମ୍‌ବୁଲାନ୍ସ ଯିବା ଆସିବା କରିବା ପାଇଁ ନଦୀର ବନ୍ୟା ବାଧକ ସାଜୁଛି। ପୂର୍ବରୁ ମଧ୍ୟ ଏହିପରି ସମସ୍ୟା ଦେଖାଦେଇଛି । ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଶୁଣୁନି । ଆଗକୁ ଯିବା ଆସିବା ପାଇଁ ସ୍ଥାୟୀ ସମାଧାନ ନ କଲେ ଗ୍ରାମବାସୀ ରାସ୍ତାରୋକକୁ ପାଥେୟ କରିବେ ବୋଲି ଗଣମାଧ୍ୟମ ମାଧ୍ୟମରେ ଚେତାବନି ଦେଇଛନ୍ତି।

## ରେଳମନ୍ତ୍ରୀଙ୍କୁ ଭେଟିଲେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା

# ବ୍ରାହ୍ମଣୀ ହଲ୍ଟରେ ଦୁଇ ଟ୍ରେନ୍ ରହଣି ଦାବି

ଯାଜପୁର, ୧୪।୮ (ସଂଚାର ବ୍ୟୁରୋ)ଃ ବର୍ଷ ବର୍ଷ ଧରି ଅପେକ୍ଷାରେ ଥିବା ଯାଜପୁର-ଧାମରା ରେଳ ସଂଯୋଗକୁ ନେଇ ପୁଣି ଆଶାର ଆଲୋକ ଦେଖାଦେଇଛି। ପ୍ରସ୍ତାବିତ ଯାଜପୁର ରୋଡ୍- ଧାମରା ରେଳପଥ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏଥିସହ ବ୍ରାହ୍ମଣୀ ପାସେଞ୍ଜର ହଲ୍ଟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍‌ର ରହଣି ପାଇଁ ମଧ୍ୟ ଦାବି ରଖିଛନ୍ତି।

ଯାଜପୁର ରୋଡ୍‌ରୁ ଧାମରା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ହେଲେ ଏହା ଯାଜପୁର ସମେତ ଉପକୂଳ ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାକୁ ନୂଆ ଦିଗ ଦେଇପାରିବ। ବିଶେଷକରି ଧାମରା ବନ୍ଦର ସହ ଯାଜପୁରର ରେଳ ସଂଯୋଗ ସୁଦୃଢ଼ ହେବା ଦ୍ୱାରା ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ ଓ ମାଲ ପରିବହନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରେ।

ରେଳମନ୍ତ୍ରୀଙ୍କ ସହ ଆଲୋଚନାରେ ବ୍ରାହ୍ମଣୀ ହଲ୍ଟରେ କେଉଁଝର- ଖୋର୍ଦ୍ଧା ଫାଷ୍ଟ



ପାସେଞ୍ଜର (୬୮୪୨୫/୬୮୪୨୬) ଟ୍ରେନ୍‌ର ରହଣି ପାଇଁ ଦାବି ଗୁରୁତ୍ୱ ପାଇଛି।ଏହି ଦୁଇ ଟ୍ରେନ୍‌ର ରହଣି ହେଲେ ବ୍ରାହ୍ମଣୀ ଓ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରୋଗୀ ଏବଂ ଦୈନନ୍ଦିନ ଯାତ୍ରୀ ବିଶେଷ ଭାବେ ଉପକୃତ ହେବେ। ଅନ୍ୟ ଷ୍ଟେସନ୍‌କୁ ଯାଇ ଟ୍ରେନ୍ ଧରିବାର ଅସୁବିଧା କମିବା ସହ ଲୋକଙ୍କ ସମୟ ଓ ଖର୍ଚ୍ଚ ମଧ୍ୟ ବଞ୍ଚିପାରିବ। ଯାଜପୁର- ଧାମରା ରେଳପଥକୁ କେବଳ ଏକ ଯାତାୟାତ ପ୍ରକଳ୍ପ ଭାବେ ଦେଖିଲେ ହେବ ନାହିଁ। ଏହି ରେଳ ସଂଯୋଗ ଧାମରା ବନ୍ଦର, ଶିଳ୍ପାଞ୍ଚଳ ଓ ଯାଜପୁରର ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ନିକଟତର କରିପାରିବ। ମାଲ ପରିବହନ ସହ ଶିଳ୍ପ ଓ ବାଣିଜ୍ୟର ପ୍ରସାର ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ୍ୟ ବଢ଼ିପାରେ।

ଅନ୍ୟପଟେ ଯାଜପୁରର ଐତିହାସିକ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ସହଜ ରେଳ ଯୋଗାଯୋଗ ମିଳିଲେ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସହ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ଲାଭବାନ ହୋଇପାରିବେ। ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ରେଳମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏବେ ଯାଜପୁରବାସୀଙ୍କ ନଜର ପ୍ରକଳ୍ପର ପରବର୍ତ୍ତୀ ପଦକ୍ଷେପ ଉପରେ। ଗୋଟିଏ ପଟେ ଯାଜପୁର- ଧାମରା ରେଳପଥର ଅଗ୍ରଗତି, ଅନ୍ୟପଟେ ବ୍ରାହ୍ମଣୀ ହଲ୍ଟରେ ଦୁଇ ଟ୍ରେନ୍‌ର ରହଣି— ଏହି ଦୁଇ ଦାବି ପୂରଣ ହେଲେ ଅଞ୍ଚଳର ରେଳ ଯୋଗାଯୋଗରେ ନୂଆ ଗତି ଆସିବ ବୋଲି ଆଶା କରାଯାଉଛି।

# ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ରାଲି



ବୋରିଗୁମ୍ମା, ୧୪।୮ (ସଂଚାର ବ୍ୟୁରୋ)ଃ ଦେଶବ୍ୟାପୀ ଚାଲିଥିବା ଭବ୍ୟ "ହର ଘର ତ୍ରିରଙ୍ଗା-୨୦୨୬' ଅଭିଯାନର ଅଂଶ ସ୍ୱରୂପ ଶୁକ୍ରବାର ଦିନ ବୋରିଗୁମ୍ମା ଏନଏସି ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଦର ମହକୁମାରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ଅତିଥି ଭାବରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଏବଂ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ନୂତନ ବସଷ୍ଟାଣ୍ଡ ସ୍ଥିତ ମହାପୁରୁଷଙ୍କ ସ୍ମୃତିପୀଠରୁ ଆରମ୍ଭ ହୋଇ ବ୍ଲକ କାର୍ଯ୍ୟଳୟରେ ଶେଷ ହୋଇଥିଲା।

ଶୋଭାଯାତ୍ରାରେ ସମ୍ମିଳିତ ଭାବରେ ବନ୍ଦେ ମାତରମରେ ସହର କମ୍ପି ଉଠିଥିଲା ଏବଂ ରାଲି ଶେଷରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି କେ. ନାଗରାଜ ଦୋରା, ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ସମେତ ହଜାରେରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ସାମିଲ ହୋଇ ତ୍ରିରଙ୍ଗା ପତାକା ଜାତୀୟ ଏକତା ଦେଶପ୍ରେମ ଓ ଦେଶର ଗୌରବ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଥିଲେ।

# ମାତୃ ଓ ଶିଶୁ ମୃତ୍ୟୁହାରକୁ ନେଇ ମନ୍ତ୍ରୀଙ୍କ ଉଦ୍‌ବେଗ

ନବରଙ୍ଗପୁର, ୧୪।୮ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷାମାତୃ ଓ ଶିଶୁ ମୃତ୍ୟୁହାରକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଆଜି ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ନବରଙ୍ଗପୁରରେ ପହଞ୍ଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ମନ୍ତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା।

ମନ୍ତ୍ରୀ ଡଃ ମହାଲିଙ୍ଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଅଗ୍ରଗତି ଓ ବିଭିନ୍ନ ସମସ୍ୟା ନେଇ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।ଜିଲ୍ଲାରେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଅଧିକ ରହିଥିବା ପ୍ରସଙ୍ଗରେ ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ହ୍ରାସ କରିବା ଲାଗି ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। 'ସିକଲ ସେଲ୍ ଆନିମିଆ ମୁକ୍ତ ଭାରତ' ଓ 'ପିଏମ୍ ଟିବି





ମୁକ୍ତ ଭାରତ' କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଜିଲ୍ଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ଅଧିକ ସଂଖ୍ୟାରେ ଦମନ କ୍ୟାମ୍ପ ଆୟୋଜନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରିବା ସହ ଜୀବନରକ୍ଷାକାରୀ ଔଷଧର ଉପଲବ୍ଧତା ଓ ବିତରଣ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ।ବୈଠକରେ ଜିଲ୍ଲାରେ ଆବଶ୍ୟକତା ତୁଳନାରେ ପ୍ରାୟ ୫୦ ପ୍ରତିଶତ ଡାକ୍ତର କମ୍ ଥିବା ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିଯୁକ୍ତି ପରେ କିଛି ବିଶେଷଜ୍ଞ ଡାକ୍ତର ବିଭିନ୍ନ କାରଣ ଦର୍ଶାଇ ଦୀର୍ଘ ଛୁଟିରେ ଯାଉଥିବାରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଥିବା ମଧ୍ୟ ଜଣାଇଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଜିଲ୍ଲାକୁ ୬ ଜଣ ବିଶେଷଜ୍ଞ ଡାକ୍ତର ଦିଆଯାଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଫେରିଯାଇଛନ୍ତି। ଆଗାମୀ କାଉନସେଲିଂ ସମୟରେ ନବରଙ୍ଗପୁରକୁ ପୁଣିଥରେ ବିଶେଷଜ୍ଞ ଡାକ୍ତର ଦେବାକୁ ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ତେବେ ଅନ୍ୟ କିଛି ପ୍ରଶ୍ନର ଉତ୍ତର ନଦେଇ ମନ୍ତ୍ରୀ ସ୍ଥାନ ଛାଡ଼ି ଚାଲିଯାଇଥିବା ଦେଖାଯାଇଥିଲା।

# ବିଭେଦ ଓ ଅସ୍ପୃଶ୍ୟତା ବିରୋଧରେ କଂଗ୍ରେସର ସତ୍ୟାଗ୍ରହ

ଫୁଲବାଣୀ, ୧୪।୮ (ସଂଚାର ବ୍ୟୁରୋ)ଃ ଉତ୍ତରାଖଣ୍ଡର ହଲଦ୍ୱାନୀ ଠାରେ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ସଭା ସ୍ଥଳୀରେ କିଛି ରକ୍ଷଣଶୀଳ ସଙ୍ଗଠନ ପକ୍ଷରୁ କରାଯାଇଥିବା ଶୁଦ୍ଧିକରଣ କାର୍ଯ୍ୟକ୍ରମ ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ତରଫରୁ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ଏଭଳି କାର୍ଯ୍ୟକଳାପ ସମ୍ବିଧାନ ଓ ରାଷ୍ଟ୍ରୀୟ ସଂହତି ଉପରେ ଆକ୍ରମଣ ବୋଲି କହି ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ କରିଛି ଦଳ। ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ରାଲି ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲା। କଂଗ୍ରେସ କର୍ମୀ ଘଟଣାର ଘୋର ନିନ୍ଦା କରିବା ସହିତ ଦେଶରେ ସୃଷ୍ଟି କରାଯାଉଥିବା ବିଭେଦତା ଓ ଅସ୍ପୃଶ୍ୟତା ବିରୋଧରେ ସ୍ଲୋଗାନ ଦେଇଥିଲେ। ପରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସତ୍ୟାଗ୍ରହ ଆୟୋଜନ କରାଯାଇଥିଲା।

ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ନଗର କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ବେହେରା, ବରିଷ୍ଠ ନେତା ହେମନ୍ତ କର, ରଜତ ମହାନ୍ତି, ନନ୍ଦ କିଶୋର ଦାଶ, ଦୁର୍ଯ୍ୟୋଧନ ପଟ୍ଟନାୟକ, ସଂସାର ଭୋଇ,ବସନ୍ତ ପାଢୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।



# ଝରିଗାଁରେ ଉତ୍ସାହର ସହ ପାଳିତ ହେଲା 'ହର ଘର ତ୍ରିରଙ୍ଗା' ଅଭିଯାନ





ଝରିଗାଁ, ୧୪।୮ (ସଂଚାର ବ୍ୟୁରୋ)ଃ ସ୍ୱାଧୀନତା ଦିବସ ପାଳନ ଅବସରରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ଝରୀଗାଁଠାରେ 'ହର ଘର ତ୍ରିରଙ୍ଗା' ଅଭିଯାନ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଏହି ଅବସରରେ ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇ ଦେଶପ୍ରେମର ଭାବନାରେ ସମଗ୍ର ପରିବେଶ ମୁଖରିତ ହୋଇଥିଲା।

ବିଡିଓ ମଧୁସୂଦନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂ ଭତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ହର ଘର ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଝରିଗାଁ ହନୁମାନ ଛକଠାରୁ ଆରମ୍ଭ ହୋଇଥିବା ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଝରିଗାଁ ହାଇସ୍କୁଲ ପଡ଼ିଆଠାରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରାରେ କଲେଜ, ହାଇସ୍କୁଲ ଓ ଏମ୍‌ଇ ସ୍କୁଲର ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ସହ ପୋଲିସ ପ୍ରଶାସନ, ଆଇସିଡିଏସ୍ ବିଭାଗ, ସମସ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

ହାତରେ ଜାତୀୟ ପତାକା ଧରି ସମସ୍ତେ ଦେଶମାତୃକାର ବନ୍ଦନା କରିବା ସହ ଦେଶପ୍ରେମର ଭାବନା ପ୍ରକାଶ କରିଥିଲେ। ଜାତି, ଧର୍ମ ଓ ବର୍ଣ୍ଣର ଭେଦଭାବ ଭୁଲି ବିଭିନ୍ନ ବର୍ଗର ଲୋକେ ଏକାଠି ହୋଇ ଜାତୀୟ ପତାକା ପ୍ରତି ସମ୍ମାନ ଓ ଦେଶପ୍ରେମ ପ୍ରଦର୍ଶନ କରିଥିଲେ।

ହର ଘର ତ୍ରିରଙ୍ଗା' ଅଭିଯାନ ମାଧ୍ୟମରେ ଜାତୀୟ ଏକତା, ଦେଶପ୍ରେମ ଓ ଦେଶର ଗୌରବମୟ ଐତିହ୍ୟ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ମହାନ ଭାରତୀୟ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ବାର୍ତ୍ତା ଦିଆଯାଇଥିଲା।

# ପୁଣି ଶିବ ମନ୍ଦିରରେ ଚୋରି

ବୋରିଗୁମ୍ମା, ୧୪।୮ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସଦର ବ୍ଲକ ବିଜାପୁର ଶିବ ମନ୍ଦିରରେ ପୁଣି ଚୋରି। ସୂଚନା ଅନୁଯାୟୀ ଗତ ରାତିରେ ଦୁର୍ବୃତ୍ତ ବିଜାପୁର ଶିବ ମନ୍ଦିର ର ତାଲା ଭାଙ୍ଗି ଦାନ ହୁଣ୍ଡି ଭାଙ୍ଗି ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ରୁପା ଲୁଟି ନେଇଛନ୍ତି। ମନ୍ଦିର ର ହୁଣ୍ଡି ଟଙ୍କା ଦୀର୍ଘ ୫ ବର୍ଷ ଧରି ଖୋଲା ଯାଇ ନଥିଲା।ମନ୍ଦିର କମିଟି କହିବା ଅନୁଯାୟୀ ପାଖାପାଖି ୫ ଲକ୍ଷ୍ୟ ରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ସୁନା ରୁପା ରହିଥିବା କହିଛନ୍ତି।ଖବର ପାଇ ବୋରିଗୁମ୍ମା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛି ସେପଟେ ସାଇଣ୍ଟିଫିକ ଟିମ ଆସିଲେ ମନ୍ଦିର ର ଗର୍ଭ ଗୃହରେ ଆଉ କଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ।ଲୁଟେରା ମାନେ ଗୋଟିଏ ପରେ ଗୋଟିଏ ମନ୍ଦିର ରୁ ଚୋରି କରି ଚାଲିଛନ୍ତି। ଏହି କିଛି ମାସ ମଧ୍ୟରେ ବୋରିଗୁମ୍ମା ଅଞ୍ଚଳରେ ପାଖାପାଖି ୧୦ ରୁ ଉର୍ଦ୍ଧ୍ୱ ମନ୍ଦିରରେ ଚୋରି ହୋଇଛି।ଦୁର୍ବୃତ୍ତ ମାନେ ମୁଖ୍ୟତଃ ମନ୍ଦିରକୁ ଟାର୍ଗେଟ କରୁଛନ୍ତି।

# ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସ୍ଥିତି ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର, ୧୪।୮ (ସଂଚାର ବ୍ୟୁରୋ)ଃ ଧାମନଗର ବନ୍ୟା ବିପତ୍ତି ସମୟରେ ନିଜ ନିର୍ବାଚନ ମଣ୍ଡଳୀବାସୀଙ୍କ ଦୁଃଖକଷ୍ଟକୁ ସବା ଆଗରେ ରଖି ମନ୍ତ୍ରୀ ନିଜର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଅଳ ସାରି ସିଧାସଳଖ ଧାମନଗରରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ଧାମନଗରରେ ପହଞ୍ଚିବା ପରେ ସେ ଆଦୌ ସମୟ ନଷ୍ଟ ନକରି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ ପାଇଁ ଗ୍ରାଉଣ୍ଡ ଜିରୋକୁ ଓହ୍ଲାଇଥିଲେ।

ଦୋବଲ, ଖଡ଼ିପଦା ଏବଂ କ୍ଷେଣ୍ଡପୁର ଅଞ୍ଚଳ ପରିଦର୍ଶନ କରି ବୈତରଣୀ ନଦୀର ଜଳସ୍ତର ଓ ବନ୍ୟାସ୍ଥିତି ନିଜେ ତଦାରଖ କରିଥିଲେ।ଏହାପରେ ଆନନ୍ଦପୁରର ମଲ୍ଲିମାହାରା ଏସକେପ୍ ପାଖକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସୁରକ୍ଷା ନେଇ ଆଶ୍ୱାସନା ଦେଇଥିଲେ।

ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍, ଜୟନ୍ତରା ପୋଲ ଏବଂ କୋଚିଲା ମୁହଁ ପହଞ୍ଚି ସମ୍ଭାବ୍ୟ ବିପଦର ସମୀକ୍ଷା କରିଥିଲେ ମନ୍ତ୍ରୀ। ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ସେ ନିଜେ ବନ୍ୟାପୀଡ଼ିତ ଅଞ୍ଚଳରେ ବୁଲି ପ୍ରଶାସନିକ ତତ୍ପରତା ପ୍ରକାଶ କରିଥିଲେ।

ଭଦ୍ରକ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ଜରୁରୀ ସମୀକ୍ଷା କରିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ କୌଣସି ଗୋଟିଏ ବି ପରିବାର ଯେପରି ଭୋକିଲା ନରହନ୍ତି, ସେଥିପାଇଁ ତୁରନ୍ତ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ଦୁଇଟି ଦୋକାନରେ କଳାକନା ବୁଲାଇଲେ ଦୁର୍ବୃତ୍ତ

### ଜଣକୁ କାବୁକଲେ ଲୋକେ
### ଅନ୍ୟ ୪ ସହଯୋଗୀ ଫେରାର
### ଥାନାରେ ଅଭିଯୋଗ

ନୀଳଗିରି, ୧୪।୮ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ବରହମପୁର ଥାନା ଅଧିନ କେଶିପୁରପଞ୍ଚାୟତଭାଲୁକପୋଷି ଛକରେ ଥିବା ସ୍ୱର୍ଗତ କପିଳେନ୍ଦ୍ର ପୋଥାଳଙ୍କ ପୁଅ ଟିକୁଲୁ ଓରଫ ଚିତ୍ତରଞ୍ଜନ ପୋଥାଳ ଏବଂ ସୟମ୍ବରଡୋବା ଗ୍ରାମର ଲସ ସୋରେନଙ୍କ ଅଣ୍ଡା ଓ ଡେଜରାତି ଦୋକାନରୁ ଗତ ୧୨ତାରିଖ ବିଳମ୍ବିତ ରାତ୍ରିରେ ଚୋରି ହୋଇଥିଲା। ଏଥିରେ ଲସ ଦୋକାନରେ ଲାଗିଥିବା ଇନଭେଟର ବ୍ୟାଟେରୀ, ପେଟ୍ରୋଲ, ଡିଜେଲ ସାମଗ୍ରୀ ଚୋରି ହୋଇଥିଲା ଯାହାର ଆନୁମାନିକ ମୂଲ୍ୟ ୧୬ହଜାର ହେବ।

ଠିକ ସେହିଭଳି ଚିତ୍ତରଞ୍ଜନ ଙ୍କ ଡେଜରାତି ଦୋକାନରୁ ପ୍ରାୟ ୯ହଜାର ଟଙ୍କାର ସୌଦା ଚୋରି ହୋଇଥିଲା। ଆଜି ସକାଳେ ଉଭୟ ଦୋକାନୀ ଦୋକାନ ଖୋଲିବାକୁ ଆସି ଦେଖିବା ବେଳକୁ ଦୋକାନ କବାଟ ଭଙ୍ଗା ଯାଇ ଚୋରି ହୋଇଯାଇଥିଲା। ଏନେଇ ବରହମପୁର ଥାନାରେ ଲିଖିତଅଭିଯୋଗ କରାଯାଇଥିଲା।

ତେବେ ଆଜି ସନ୍ଧ୍ୟାରେ ପିଠାହତା ପଞ୍ଚାୟତ ପିଠାହାତା ଗ୍ରାମର ବେହେରାସାହି ର ହେମେନ୍ଦ୍ର ବେହେରାଙ୍କ ପୁଅ କାଳିଆ ଓରଫ ରଞ୍ଜନ ବେହେରା (୩୫), ଉକ୍ତ ଚୋରି ଦୋକାନ କୁ ରାତ୍ରି ପ୍ରାୟ ୮ଘଟିକା ସମୟରେ ପହଞ୍ଚିବାରୁ ଦୋକାନ ଚୋରି ବାବଦରେ କିଛି ସ୍ଥାନୀୟ ଲୋକ ତାଙ୍କୁ ପଚରା ଉଚରା କରିଥିଲେ। ଏଥିରେ ତା କଥାରେ ତାଳମେଳ ନହେବାରୁ ସନ୍ଦେହ ଉପୁଜିଥିଲା। ତେଓ୍ୱେ ସ୍ଥାନୀୟ ଲୋକ ଓ ଚୋରି ଦୋକାନ ମାଲିକ ତାଙ୍କୁ କାବୁକରି ଦେଇ ପଚାରିବାରୁ



ସବୁକଥା ପଦାକୁ ଆସିଥିଲା। ଏଥିରେ ରଞ୍ଜନ ର ବଡ ଭାଇ ଜଗା ବେହେରା (୩୮), ଉକ୍ତ ଗ୍ରାମର ଉମାକାନ୍ତ ବେହେରା (୩୮), କପିଳା ଦେହୁରୀ ଙ୍କ ପୁଅ ଗୁଲ ଦେହୁରୀ (୩୫), ଓ ଅନ୍ୟ ଜଣେ ସହଯୋଗୀ ରାମଚନ୍ଦ୍ର ବେହେରା ମିଶିକରି ଚୋରି କରିଥିବା କଥା ସମସ୍ତଙ୍କ ଉପସ୍ଥିତି ରେ ରଞ୍ଜନ ମାନିଥିଲା। ପରେ ବରହମପୁର ପୋଲିସ କୁ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଙ୍କୁ ଥାନାକୁ ନିଆଯାଇ ପଚରା ଉଚରା କରାଯାଉଛି। ଅନ୍ୟ ୪ ସହଯୋଗୀ ଫେରାର ଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।




# ଆବଶ୍ୟକତାଠୁ ଅଧିକ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ପ୍ରଚୁର ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। କାରଣ ଏହା ଶରୀରକୁ ହାଇଡ୍ରେଟ୍ ରଖେ, ଚର୍ମର ରଙ୍ଗକୁ ଉନ୍ନତ କରେ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। କିନ୍ତୁ ଅତ୍ୟଧିକ ପାଣି ପିଇବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଯେତେବେଳେ ଶରୀରର ଆବଶ୍ୟକତାଠାରୁ ଅଧିକ ପାଣି ପିଉ, ଏହା ଶରୀରର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନକୁ ବାଧା ଦେଇପାରେ। ବିଶେଷକରି, ଏହା ସୋଡିୟମ୍ ସ୍ତରକୁ ହ୍ରାସ କରିପାରେ। ଏହାକୁ ଡାକ୍ତରୀ ଭାଷାରେ ହାଇପୋନାଟ୍ରେମିଆ କୁହାଯାଏ। ଲୋକମାନେ ସାଧାରଣତଃ ଏହି ଧାରଣାରେ ଅତ୍ୟଧିକ ପାଣି ପିଅନ୍ତି ଯେ ଏହା ସେମାନଙ୍କ ଶରୀରକୁ ସୁସ୍ଥ କରିବ। ତଥାପି, ପ୍ରତ୍ୟେକ ବ୍ୟକ୍ତିଙ୍କ ଜଳୀୟ ଅଂଶର ଆବଶ୍ୟକତା ବୟସ, ପାଣିପାଗ ଅବସ୍ଥା, ଶାରୀରିକ କାର୍ଯ୍ୟକଳାପ ସ୍ତର ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଭଳି କାରଣ ଉପରେ ନିର୍ଭର କରି ଭିନ୍ନ ହୋଇଥାଏ। ତେଣୁ ଶରୀର ଅନୁସାରେ ପାଣି ପିଇବା ଉଚିତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ସାଧାରଣତଃ, ଲୋକଙ୍କୁ ପ୍ରତିଦିନ ୮ ଗ୍ଲାସ ପାଣି ପିଇବାକୁ ପରାମର୍ଶ ଦିଆଯାଏ; କିନ୍ତୁ,୮ ଗ୍ଲାସ ସମସ୍ତଙ୍କ ପାଇଁ ଯଥେଷ୍ଟ ନୁହେଁ। କିଛି ବ୍ୟକ୍ତିଙ୍କ ପାଇଁ, ଏହି ପରିମାଣ ଅତ୍ୟଧିକ ହୋଇପାରେ, ଯେତେବେଳେ ଅନ୍ୟମାନଙ୍କ ପାଇଁ, ଏହା ବହୁତ କମ୍ ହୋଇପାରେ।



**ମୁଣ୍ଡବିନ୍ଧା ଏବଂ ଭାରୀ ଅନୁଭବ:** ଅତ୍ୟଧିକ ଜଳୀୟ ଅଂଶ ହେଲେ, ଶରୀରରେ ସୋଡିୟମ୍ ସ୍ତର ହ୍ରାସ ପାଇପାରେ। ଯାହା ଫଳରେ ମୁଣ୍ଡବିନ୍ଧା, ମୁଣ୍ଡ ଘୂରିବା ଏବଂ ମୁଣ୍ଡରେ ଭାରୀ ଅନୁଭବ ହୁଏ। ଲୋକମାନେ ପ୍ରାୟତଃ ଏହି ଲକ୍ଷଣଗୁଡ଼ିକୁ ଥକା ଭାବି ଭୁଲ କରନ୍ତି ଏବଂ ଅଣଦେଖା କରନ୍ତି, ଯେତେବେଳେ ଏଗୁଡ଼ିକ ପ୍ରକୃତରେ ଅତ୍ୟଧିକ ପାଣି ପିଇବାର ଲକ୍ଷଣ ହୋଇପାରେ।

**ବାନ୍ତି ଅନୁଭବ:** ଯେତେବେଳେ ଶରୀରରେ ପାଣିର ପରିମାଣ ଆବଶ୍ୟକଠାରୁ ଅଧିକ ହୁଏ, ଏହା ପେଟରେ ଅସ୍ୱସ୍ତି ସୃଷ୍ଟି କରିପାରେ। ଏହା ବାନ୍ତି କିମ୍ବା ବାନ୍ତି କରିବାର ଆବଶ୍ୟକତା ଅନୁଭବ ଭାବରେ ପ୍ରକାଶିତ ହୋଇପାରେ। ଏହା ଶରୀରର ତରଳ ସନ୍ତୁଳନ ବିଗିଡ଼ି ଯାଉଥିବାର ସଙ୍କେତ ଦେବାର ଉପାୟ।

**ହାତ ଏବଂ ପାଦ ଫୁଲା:** ଅତ୍ୟଧିକ ପାଣି ପିଇବା ଦ୍ୱାରା ଶରୀରର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବିଗିଡ଼ିପାରେ, ଯାହା ଦ୍ୱ୍ୱାରା ହାତ, ପାଦ କିମ୍ବା ଓଠରେ ସାମାନ୍ୟ ଫୁଲା ହୋଇପାରେ। ଏହି ଲକ୍ଷଣ ସୂଚାଇ ଦିଏ ଯେ ଶରୀର ଅତିରିକ୍ତ ପାଣିକୁ ସଠିକ୍ ଭାବରେ ପ୍ରକ୍ରିୟାକରଣ କରିପାରୁନାହିଁ।

**ବାରମ୍ବାର ପରିସ୍ରା:** ଯଦି ନିଜକୁ ସାଧାରଣ ଅପେକ୍ଷା ଅଧିକ ଥର ପରିସ୍ରା କରିବାକୁ ଆବଶ୍ୟକ କରୁଛନ୍ତି, ତେବେ ଏହା ଏକ ଲକ୍ଷଣ ହୋଇପାରେ ଯେ ଆପଣ ଆବଶ୍ୟକତାଠାରୁ ଅଧିକ ପାଣି ପିଉଛନ୍ତି। ସାଧାରଣତଃ, ଦିନକୁ ୬ରୁ ୮ ଥର ପରିସ୍ରା କରିବା ସାଧାରଣ ବୋଲି ବିବେଚନା କରାଯାଏ। କିନ୍ତୁ ଅଧିକା ହେଲେ ଏହା ସୂଚାଇ ଦିଏ ଯେ ଶରୀରରେ ପାଣିର ପରିମାଣ ଅଧିକ ଅଛି।

# ମଲ୍ଟିଗ୍ରେନ୍ ଅଟାରେ ରହିଛି ପାର୍ଶ୍ୱପ୍ରତିକ୍ରିୟା

ଆଜିକାଲି ପ୍ରାୟ ଲୋକ ସାଧାରଣ ଅଟା ପରିବର୍ତ୍ତେ ମଲ୍ଟିଗ୍ରେନ୍ ଅଟାକୁ ବେଶି ପସନ୍ଦ କରୁଛନ୍ତି। କିନ୍ତୁ ଜାଣନ୍ତି କି ଏହାକୁ ଖାଇବା ଦ୍ୱାରା କବ୍ଜ ସମସ୍ୟା ହୋଇପାରେ ? ମଲ୍ଟିଗ୍ରେନ୍ ଅଟା ଆଜିକାଲିର ନୂଆ ଟ୍ରେଣ୍ଡ୍। ପ୍ରାୟ ଲୋକ ଏହାକୁ ଡାଏଟ୍ରେ ସାମିଲ କରିଚାଲିଛନ୍ତି। ପୂର୍ବରୁ କେବଳ ମଧୁମେହ ରୋଗୀ ଏହି ଅଟା ଖାଉଥିଲେ। ମଲ୍ଟିଗ୍ରେନ୍ ଅଟାରେ ଅନେକ ପ୍ରକାରର ମୋଟା ଶସ୍ୟ ସାମିଲ୍ କରାଯାଉଛି। ଫଳରେ ଏହା ଫାଇବରରେ ଭରପୂର। ଫାଇବର ହଜମ ପ୍ରକ୍ରିୟାକୁ ବଢ଼ାଇବା ସହ ମେଟାବଲିଜିମ୍କୁ ତୀବ୍ର କରିଥାଏ। ଏହାସହ ଅନ୍ତଃନଳୀର ଗତିକୁ ବଢ଼ାଇଥାଏ। ଫଳରେ ମଳକୁ ନରମ କରି ପେଟକୁ ସଫା କରିଥାଏ। ଫାଇବର ଶରୀର ପାଇଁ ଜରୁରି କିନ୍ତୁ ମାତ୍ରାଧିକ ଫାଇବର କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନ୍ୟୁଟ୍ରିନିଷ୍ଟ ଏଡ୍ୱିନ୍ ରାଜ୍ଙ୍କ ଅନୁସାରେ କିଛି ଲୋକଙ୍କୁ ମଲ୍ଟିଗ୍ରେନ୍ ଅଟା ଖାଇବା ଦ୍ୱାରା କବ୍ଜ ହୋଇଥାଏ। ଫାଇବର୍କୁ ହଜମ କରିବା ପାଇଁ ପେଟ ଅଧିକ ପାଣିର ଆବଶ୍ୟକ କରିଥାଏ। ଯଦି ଏହି ସମୟରେ କମ୍ ପାଣି ପିଅନ୍ତି, ତେବେ କବ୍ଜ ସମସ୍ୟା ସୃଷ୍ଟି ହୋଇପାରେ। ଏହାବ୍ୟତୀତ ଯଦି ଅଟାରେ ମକା ବା ବାଜାରା ପରି ଅଧିକ ପାଣି ଟାଣୁଥିବା ଶସ୍ୟ ରହିଥାଏ, ତେବେ ମଳ ଟାଇଟ ହେବା ସ୍ୱାଭାବିକ। ସେହିପରି ଯଦି ଅଟା ମିଶ୍ରଣରେ ପର୍ଯ୍ୟାପ୍ତ ଫାଇବର ନଥାଏ, ତେବେ ପାଚନ କ୍ରିୟା ଧୀମା ହେବା ସହ କବ୍ଜ ସମସ୍ୟା ସୃଷ୍ଟି ହୋଇଥାଏ। କିଛି ଲୋକ ରିଫାଇନ୍ ଅଟା ଖାଇବା ଦ୍ୱାରା ପେଟ ଫୁଲିବା କିମ୍ବା କବ୍ଜ ସମସ୍ୟା ସୃଷ୍ଟି ହୋଇଥାଏ। ମଲ୍ଟିଗ୍ରେନ୍ ଅଟାରେ ରିଫାଇନ୍ ଅଟାଠାରୁ ଅଧିକ ଫାଇବର ରହିଥାଏ। ଫାଇବର ଅଟା ଖାଇବା ଦ୍ୱାରା ଅଧିକ ପାଣି ପିଇବାକୁ ପଡିଥାଏ। ଅଚାନକ ଅଧିକ ଫାଇବର ଅଟା ଖାଇବା ଦ୍ୱାରା ପାଚନକ୍ରିୟା ଧୀମା ହୋଇପଡିଥାଏ। କିଛି ମଲ୍ଟିଗ୍ରେନ୍ ଅଟାରେ ମଧ୍ୟ ଏମିତି ଶସ୍ୟ ରହିଥାଏ, ଯାହା ସମ୍ବେଦନଶୀଳ ଲୋକଙ୍କ ପାଚନ କ୍ରିୟାକୁ ସମସ୍ୟା ପହଞ୍ଚାଏ। ମଲ୍ଟିଗ୍ରେନ୍ ଅଟାରୁ ହେଉଥିବା କବ୍ଜରୁ ରକ୍ଷା ପାଇବା ପାଇଁ ଅଧିକ ପାଣି ପିଇବା ଆବଶ୍ୟକ। ଅଧିକ ପାଣି ପିଇବା ଦ୍ୱାରା ଅଧିକ ଫାଇବର ସହଜରେ ହଜମ ହୋଇଯାଏ। ଏହବ୍ୟତୀତ ମଲ୍ଟିଗ୍ରେନ୍ ଅଟାର ଖାଇବାକୁ ଧୀରେ ଧୀରେ ବଢ଼ାନ୍ତୁ। ଅଚାନକ୍ କେବଳ ମଲ୍ଟିଗ୍ରେନ୍ ଉପରେ ନିର୍ଭରଶୀଳ ହୁଅନ୍ତୁନି।



# ସ୍ୱାସ୍ଥ୍ୟ ପାଇଁ କେଉଁ ତେଲ ସବୁଠୁ ଭଲ ?

ଅତ୍ୟଧିକ ତେଲ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଏ, ଯାହା ହୃଦରୋଗର ଆଶଙ୍କା ବୃଦ୍ଧି କରିଥାଏ। ବିଶେଷକରି ଯେଉଁମାନଙ୍କର କୋଲେଷ୍ଟ୍ରଲ୍ ଅଧିକ, ସେମାନଙ୍କ ପାଇଁ ଖରାପ ତେଲ ଖାଇବା ହୃଦଘାତ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରିପାରେ। ତେଣୁ, ତେଲ କିଣିବା ସମୟରେ ଆପଣଙ୍କୁ କିଛି ଜିନିଷ ମନେ ରଖିବା ଉଚିତ। ଆସନ୍ତୁ ଜାଣିବା କେଉଁ ତେଲ ରୋଷେଇ ପାଇଁ ସର୍ବୋତ୍ତମ। ସବୁବେଳେ ସମାନ ତେଲ ବ୍ୟବହାର କରିବା ପରିବର୍ତ୍ତେ, ମଝିରେ ମଝିରେ ତେଲ ପରିବର୍ତ୍ତନ କରନ୍ତୁ। ଗୋଟିଏ ମାସ ପାଇଁ ସୋରିଷ ତେଲ ଏବଂ ପରବର୍ତ୍ତୀ ମାସରେ ବାଦାମ ତେଲ ବ୍ୟବହାର କରନ୍ତୁ। ଏହା ନିଶ୍ଚିତ କରିବ ଯେ ଆପଣଙ୍କ ଶରୀର ସମସ୍ତ ଆବଶ୍ୟକୀୟ ଫ୍ୟାଟ୍ସ ଗ୍ରହଣ କରୁଛି। ଆପଣଙ୍କ ରନ୍ଧନ ତେଲରେ ଯେପରି ମୋନୋ-ଅନସାଚୁରେଟେଡ୍ ଏବଂ ପଲି-ଅନସାଚୁରେଟେଡ୍ ଫ୍ୟାଟ୍ସର ମିଶ୍ରଣ ରହିଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।ପଲିଅନସାଚୁରେଟେଡ୍ ଫ୍ୟାଟ୍ର ଦୁଇଟି ଉପାଦାନ ଅଛି: ଓମେଗା-୩ ଏବଂ ଓମେଗା-୬। ଉଭୟ ହୃଦୟ ସ୍ୱାସ୍ଥ୍ୟ ପାଇଁ ଜରୁରୀ। ବିଶେଷଜ୍ଞଙ୍କ ମତରେ, ଅଲିଭ୍ ଅଏଲ, କାନୋଲା ଅଏଲ, ସୋରିଷ ଅଏଲ, ସୋୟାବିନ୍ ଅଏଲ, ସୂର୍ଯ୍ୟମୁଖୀ ଅଏଲ, ସାଫ୍ଲାୱାର ଅଏଲ ଏବଂ ରାଇସ୍ ବ୍ରେନ୍ ଅଏଲକୁ ରୋଷେଇ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହି ତେଲଗୁଡ଼ିକ ଭାରତୀୟ ରୋଷେଇ ପାଇଁ ଉପଯୁକ୍ତ। ରୋଷେଇ କରିବା ସମୟରେ ଗୋଟିଏ ଚାମଚ ଶୁଦ୍ଧ ଘିଅ, ଗୋଟିଏ ଚାମଚ ସୋରିଷ ତେଲ ଏବଂ ଗୋଟିଏ ଚାମଚ ସୂର୍ଯ୍ୟମୁଖୀ ତେଲ ମିଶ୍ରିତ କରିବା ଭଲ। ଯେତେବେଳେ ଆପଣ ବଜାରରୁ ତେଲ କିଣନ୍ତି, କେମିକାଲ ଆବଷ୍ଟ୍ରକ୍ଟ ଅଏଲ ବଦଳରେ ପ୍ରେସ୍ଡ ଅଏଲ କିଣନ୍ତୁ। ଏହା ତେଲ ବୋତଲରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ। ସୋରିଷ ତେଲ ପ୍ରେସ୍ଡ ଅଏଲ ଭାବରେ ତାଲିକାଭୁକ୍ତ। ଭଲ ଗୁଣବତ୍ତା ତେଲରେ ଓମେଗା-୩, ୬, ଏବଂ ୯ ଥାଏ। ଯେତେବେଳେ ଆପଣ ତେଲ କିଣନ୍ତି, ନିଶ୍ଚିତ କରନ୍ତୁ ଯେ ଏଥିରେ ଜିରୋ ଟ୍ରାନ୍ସ ଫ୍ୟାଟ୍ ଅଛି। ତେଲ ପ୍ୟାକେଜିଂରେ ଲେବଲରେ ଏହି ସମସ୍ତ ସୂଚନା ଲେଖାଯାଇଥାଏ।



# ବ୍ରେନ୍-ହାର୍ଟ-କିଡ଼ନୀ

## ମଣିଷର ମୃତ୍ୟୁ ପରେ କେଉଁ ଅଙ୍ଗ ପ୍ରଥମେ କାମ କରିବା ବନ୍ଦ କରିଦିଏ ?



ଜନ୍ମ-ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା। ଜନ୍ମ ଥିଲେ ମୃତ୍ୟୁ ନିଶ୍ଚିନ୍ତ। କଣ ଆପଣ ଜାଣିଛନ୍ତି କି, ମଣିଷର ମୃତ୍ୟୁ ପରେ ଶରୀରରେ ସବୁ ଅଙ୍ଗ ଏକାସଙ୍ଗେ କାମ କରିବା ବନ୍ଦ କରିନଥାଏ। ମୃତ୍ୟୁ ପରେ ଧୀରେ ଧୀରେ ଅଙ୍ଗ କାମ କରିବା ବନ୍ଦ ହୁଏ। କିଛି ଅଙ୍ଗ ତ ମିନିଟରେ ଅଚଳ ହୁଏ ଆଉ କିଛି ଦିନ ସମୟ ନିଏ। ମୃତ୍ୟୁ ପରେ କର୍ନିଆ ୧୪ ଦିନ ଯାଏ ଅକ୍ଷତ ରହିଥାଏ। ଚର୍ମ,ହାଡ଼ ଅନେକ ଦିନ ଯାଏ ଆକ୍ଟିଭ ଥାନ୍ତି। ଏହାର ଅର୍ଥ ହେଉଛି ପ୍ରତ୍ୟେକ ଅଙ୍ଗକୁ ସଠିକ୍ ସମୟରେ ବାହାର କରି ଦାନ କରିବା ଦ୍ୱାରା ଏକ ଜୀବନ ବଞ୍ଚିପାରେ। ତେବେ କେଉଁ ଅଙ୍ଗ ପ୍ରଥମ କାମ କରିବା ବନ୍ଦ କରିଦିଏ। ବ୍ରେନ୍, ହାର୍ଟ ନା କିଡ଼ନୀ ? ଜାଣିବାକୁ ପଢନ୍ତୁ ସମ୍ପୂର୍ଣ୍ଣ ଖବର।

ମୃତ୍ୟୁ କଣ ଏବଂ ଅଙ୍ଗ କାହିଁକି ବନ୍ଦ ହୁଏ ? ସର୍ବପ୍ରଥମେ ବଝିବା ମୃତ୍ୟୁ କଣ ? ଡାକ୍ତର ମୃତ୍ୟୁ ଘୋଷଣା ସେବେ କରନ୍ତି ଯେବେ ହାର୍ଟବିଟ ଅଟକିଯାଏ ଅର୍ଥାତ୍ ସର୍କୁଲେଟରୀ ଡେଥ୍। ମସ୍ତିସ୍କ ସମ୍ପୂର୍ଣ୍ଣ କାମ କରିବା ବନ୍ଦ କରିଦିଏ ଅର୍ଥାତ ବ୍ରେନ୍ ଡେଡ୍। ମୃତ୍ୟୁ ପରେ ଶରୀରରେ ଅକ୍ସିଜେନ ଏବଂ ରକ୍ତ ପ୍ରବାହ ବନ୍ଦ ହୋଇଯାଏ। ଯେଉଁଥି ପାଇଁ ଅଙ୍ଗକୁ ଶକ୍ତି ମିଳେନାହିଁ। ପରିଣାମ ସ୍ୱରୁପ ଅଙ୍ଗ ଧୀରେ ଧୀରେ ଅଚଳ ହୋଇଯାଏ। ସବୁ ଅଙ୍ଗ ଏକାସଙ୍ଗରେ କାମ କରିବା ବନ୍ଦ କରିନଥାନ୍ତି। କିଛି ଅଙ୍ଗ ଜଲଦି ଅଚଳ ହୁଏ ତ କିଛି ସମୟ ନେଇଥାନ୍ତି। ଏହି ସମୟରେ ଶୀରରର ତାପାମାତ୍ରା, ମୃତ୍ୟୁର କାରଣ ଏବଂ ଚିକିତ୍ସା ସୁବିଧା ଉପରେ ନିର୍ଭର କରିଥାଏ। ଯଦି ଶରୀର ଥଣ୍ଡା ରୁହେ ତେବେ ଅଙ୍ଗ ଅଧିକ ସମୟ ବଞ୍ଚି ରହିଥାନ୍ତି। ମୃତ୍ୟୁ ପରେ ଅଙ୍ଗ ଗୁଡିକ ଏକ ନିର୍ଦ୍ଧିଷ୍ଟ ଉପାୟରେ କାମ କରିବା ବନ୍ଦ କରିଦିଏ। ଯେଉଁ ଅଙ୍ଗ ଅମ୍ଳଜାନ ଉପରେ ସବୁଠାରୁ ଅଧିକ ନିର୍ଭରଶୀଳ ସେମାନେ ପ୍ରଥମେ ଖରାପ ହୋଇଯାଆନ୍ତି। ବ୍ରେନ୍- ମୃତ୍ୟୁ ପରେ ସର୍ବପ୍ରଥମେ ମସ୍ତିସ୍କର କୋଷର ଡେଡ୍ ହୋଇଥାଏ। ଅକ୍ସିଜେନ ନମିଳିବାରୁ ୪-୫ ମିନିଟରେ ବ୍ରେନ କାମ କରିବା ବନ୍ଦ କରିଦିଏ। ଏହି କାରଣରୁ ବ୍ରେନ ଡେଡ୍ ମୃତ୍ୟୁର ମୁଖ୍ୟ ସଙ୍କେତ କୁହାଯାଏ। ବ୍ରେନ୍ ଟ୍ରାନ୍ସପ୍ଲାଣ୍ଟ କରାଯାଏ ନାହିଁ। ହେଲେ ଏହା ଶରୀର ବାକି ଅଙ୍ଗକୁ ନିୟନ୍ତ୍ରଣ କରିଥାଏ। ଅକ୍ସିଜେନ ଉପରେ ନିର୍ଭର କଲେ ହାର୍ଟ। ମୃତ୍ୟୁର ୪-୬ ଘଣ୍ଟାରେ ଏହା ଟ୍ରାନ୍ସପ୍ଲାଣ୍ଟ ପରେ ବୃଥା ହୋଇଯାଏ। ହେଲେ ମେସିନ ସପୋର୍ଟରେ (ଯେପରି ବ୍ରେନ ଡେଡ ମାମଲା)ରେ ଏହାକୁ ଅଧିକ ସମୟ ଆକ୍ଟିଭ ରଖାଯାଇପାରେ। ହୃଦୟ ପରି ଫୁସଫୁସ୍ ୪-୬ ଘଣ୍ଟାରେ ଖରାପ ହୋଇଯାଏ। ତେଣୁ ମୃତ୍ୟୁ ସହିତ ଏହା କାମ କରିବା କ୍ଷମତା ଦ୍ରୁତ ଗତିରେ ହ୍ରାସ ପାଇଥାଏ। ଏହା ଶରୀରର ସବୁଠୁ ବଡ଼ ଅଙ୍ଗ। ବିଷ ବାହାର କରିବାର କାମ କରିଥାଏ ଯକୃତ। ମୃତ୍ୟୁ ୮-୧୨ ଘଣ୍ଟା ପରେ ଏହା ବେକାର ହୋଇଯାଏ। ଲିଭର ବା ଯୁକୃତରେ ଇଜାଇମ ଅଧିକ ରହିଥାଏ। ତେଣୁ ଏହା ଜଲଦୀ ପଚିଯାଏ। ମଣିଷ ଶରୀରର ସବୁଠୁ ମଜବୁତ ଅଙ୍ଗ ମଧ୍ୟରୁ ଗୋଟିଏ କିଡନୀ। ମୃତ୍ୟୁର ୨୪-୩୬ ଘଣ୍ଟା ଯାଏ ଏହାକୁ ଟ୍ରାନ୍ସପ୍ଲାଣ୍ଟ କରାଯାଇପାରେ। ଥଣ୍ଡା ବାତାବାରଣରେ ଏହାକୁ ଅଧିକ ସମୟ ଯାଏ ରଖାଯାଇପାରେ। ମୃତ୍ୟୁ ପରେ ଅଙ୍ଗ ଦାନରୁ ଅନେକ ଜୀବନକୁ ନୂଆ ଜୀବନ ମିଳିଥାଏ। ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଅଙ୍ଗ ଅଚଳରୁ ଆଖି ବୁଜିଥାନ୍ତି। ଯଦି ମୃତ୍ୟୁର ତୁରନ୍ତ ପରେ ମଣିଷ ଶରୀରରୁ ଅଙ୍ଗ ବାହାର କରିଦିଆଯାଏ। ଫୁସଫୁସ୍ ପରି ଅଙ୍ଗ ୪-୬ ଘଣ୍ଟାରେ ଅନ୍ୟ କାହାକୁ ଦାନ କରାଯାଇପାରେ। ବ୍ରେନ୍ ଡେଥ୍ ମାମଲାରେ ମେସିନରେ ଅଙ୍ଗକୁ ସପୋର୍ଟ କରିବା ସମୟ ବଢ଼ାଯାଇପାରେ।

# ଲଗାଣ ବର୍ଷାରେ ଫୁଲୁଛି ବୈତରଣୀ



## ପାଟଣାରେ ବଢ଼ିଲା ବନ୍ୟା ଆଶଙ୍କା

**କେନ୍ଦୁଝର,୧୪।୮ (ସଂଚାର ବ୍ୟୁରୋ):** ଦୁଇ ଦିନ ଧରି ଲଗାଣ ବର୍ଷା । ଆଉ ଏହାର ପ୍ରଭାବରେ ବେହାଲ ହୋଇପଡ଼ିଛି କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳ । ଲଗାଣ ବର୍ଷା ଯୋଗୁଁ ପାଟଣା ଦେଇ ପ୍ରବାହିତ ବୈତରଣୀ ନଦୀର ଜଳପ୍ରବାହ ଦ୍ରୁତଗତିରେ ବଢ଼ିଛି । ନଦୀରେ ଦେଖିବାକୁ ମିଳୁଛି ପ୍ରଖର ଜଳସ୍ରୋତ । ପାଟଣା ଅଞ୍ଚଳରେ ବୈତରଣୀ ନଦୀ ଉପରେ ଥିବା ପୋଲ ତଳେ ପ୍ରାୟ ୭ରୁ ୮ ଫୁଟ ତଳେ ବେଗରେ ବନ୍ୟାଜଳ ପ୍ରବାହିତ ହେଉଛି । ନଦୀର ଜଳସ୍ତର ବଢ଼ିବା ସହ ନଦୀକୂଳିଆ ଅଞ୍ଚଳରେ ମଧ୍ୟ ଲୋକଙ୍କ ମନରେ ଚିନ୍ତା ବଢ଼ିଛି । ବିଶେଷ କରି ପାଟଣା ବୈତରଣୀ ନଦୀ କୂଳରେ ଥିବା ପରମେଶ୍ୱର ମହାଦେବ ମନ୍ଦିର ନିକଟରେ ଦେଖିବାକୁ ମିଳୁଛି ଚିନ୍ତା । ବନ୍ୟାଜଳ ମନ୍ଦିରର ପାଦଦେଶକୁ ଛୁଉଁଛି । ମନ୍ଦିର ପାଖରେ ବଢ଼ିଥିବା ନଦୀର ଜଳସ୍ରୋତ ଏକ ମନୋରମ ଦୃଶ୍ୟ ସୃଷ୍ଟି କରିଛି । ତେବେ ଲଗାଣ ବର୍ଷା ଆହୁରି ଜାରି ରହିଲେ ବୈତରଣୀର ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି । ତେଣୁ ନଦୀକୂଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବା ସହ ନଦୀ ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ଦୁଇ ଦିନର ବର୍ଷାରେ ପାଟଣାରେ ବୈତରଣୀର ଏହି ଉଗ୍ର ରୂପ ଏବେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଥିବା ବେଳେ, ମନ୍ଦିର ପାଦଦେଶକୁ ଛୁଇଁଥିବା ବନ୍ୟାଜଳର ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

## ସରକାରୀ ନିୟମକୁ ଫୁ, ନଦୀପଠାରୁ ବେଆଇନ ବାଲି ଖନନ



**ମ.ରାମପୁର,୧୪।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ନଦୀପଥରୁ ବେଆଇନ ବାଲି ଚୋରାଚାଲାଣ ଅଭିଯୋଗ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏହି ପରିପେକ୍ଷୀରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରର ଉତେଇ ନଦୀ ଟୁର୍ଚି ବ୍ରିଜ୍ ଘାଟରୁ ବାଲି ମାଫିଆମାନେ ସରକାରୀ ନିୟମକୁ ଅମାନ୍ୟ କରି ଦିନଦ୍ୱିପ୍ରହରରେ ଏବଂ ରାତି ଅଧରେ ବେଆଇନ ଭାବେ ବାଲି ଖନନ କରି ଟ୍ରାକ୍ଟର ଯୋଗେ ଚାଲାଣ କରୁଥିବା ଅଭିଯୋଗ ହେଉଛି। ନଦୀପଠାରୁ ଏହିପରି ବେଆଇନ ବାଲି ଉତ୍ତୋଳନ ଯୋଗୁଁ ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ବେଆଇନ ବାଲି ଚୋରାଚାଲାଣର ପ୍ରଭାବରେ ବନ୍ୟା ବିପତ୍ତି ଓ ନଦୀବନ୍ଧ ଦୁର୍ବଳ ହେଇଥିବା ବେଳେ ଅତ୍ୟଧିକ ବାଲି ଖୋଳିବା ଯୋଗୁଁ ନଦୀର ସ୍ୱାଭାବିକ ଗତିପଥ ବଦଳିଯାଉଛି ଏବଂ ନଦୀବନ୍ଧ ଗୁଡ଼ିକ ଦୁର୍ବଳ ହୋଇ ବନ୍ୟା ଆଶଙ୍କା ବୃଦ୍ଧି ପାଉଛି। ଅନ୍ୟ ପକ୍ଷରେ ରାଜସ୍ୱ ହାନି ମଧ୍ୟ ହେଉଛି ବିନା କୌଣସି ବୈଧ କାଗଜପତ୍ର ବା ରସିଦ୍‌ରେ ବାଲି ଚୋରାଚାଲାଣ ହେଉଥିବାରୁ ସରକାରଙ୍କୁ ପ୍ରଚୁର ପରିମାଣର ରାଜସ୍ୱ ହରାଇବାକୁ ପଡୁଛି। ଏଥିରେ ପରିବେଶ ଓ ଚାଷଜମି ନଦୀ କୂଳିଆ ଅଞ୍ଚଳରେ ମୃତ୍ତିକା କ୍ଷୟ ହେବା ସହ ଚାଷଜମି ଗୁଡ଼ିକ ବାଲିଚର ହେଉଛି। ଓଭରଲୋଡ୍ ବାଲି ଟ୍ରାକ୍ଟର ଯାତାୟାତ ଯୋଗୁଁ ଗ୍ରାମାଞ୍ଚଳର ରାସ୍ତାଘାଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଉଛି। ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ ସତ୍ତ୍ୱେ ବାଲି ମାଫିଆ ମାନେ ବେଖାତିର କରି ବାଲି ଚୋରା ଚାଲାଣ କରୁଥିବା ବେଳେ ତହସିଲ୍ ପ୍ରଶାସନ ଓ ମାଇନିଙ୍ଗ ବିଭାଗ ଅଧିକାରୀ ସୂଚନା ପାଇ ଚଢ଼ାଉ କରିବାକୁ ପ୍ରସ୍ତୁତ ହେବା ପୂର୍ବରୁ ବାଲି ମାଫିଆ ମାନେ ସଜାଗ ହୋଇ ବାଲି ଘାଟରୁ ଟ୍ରାକ୍ଟର ନେଇ ଫେରାର।

## ପାଣି ଟୋପେ ପାଇଁ ୨ କିମି



**କେସିଙ୍ଗା,୧୪।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ମଖାପଲା ଗ୍ରାମରେ ଦୀର୍ଘଦିନରୁ ପାନୀୟଜଳ ସମସ୍ୟା ରହିଛି। ଏହି ଅଞ୍ଚଳରେ ନଳକୂପ ଖୋଳିଲେ ମଧ୍ୟ ପାଣି ବାହାରୁନାହିଁ। ଗ୍ରାମରୁ ପ୍ରାୟ ୨ କିମି ହେବ ଗୋଟିଏ ନଳକୂପ ରହିଛି। ସେଥିରୁ ଭଲ ପାଣି ବାହାରୁ ଥିବାରୁ ଗ୍ରାମର ମହିଳାମାନେ ପାନୀୟ ଜଳ ପାଇଁ ପାଣି ଆଣିବାକୁ ଯାଇଥାଆନ୍ତି। ବସ୍ତି ଭିତରେ ୩ଟି ନଳକୂପରୁ ପାଣି ବାହାରୁଛି। କିନ୍ତୁ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ୩ଟି ନଳକୂପ ଯଥେଷ୍ଟ ନୁହେଁ। ମଖାପଲା ଗ୍ରାମରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଛନ୍ତି। ଗାଁରେ ରହିଛି ବସୁଧା ଯୋଜନାର ଓଭର ହେଡ୍ ଟ୍ୟାଙ୍କ। ହେଲେ ଯାନ୍ତ୍ରିକ ତ୍ରୁଟି ଓ ବିଦ୍ୟୁତ୍ ବାରମ୍ବାର ବିଭ୍ରାଟ ଯୋଗୁ ପାଣି ସମସ୍ୟାର ରହିଛି। ବର୍ତ୍ତମାନ ୧୦ ଦିନରୁ ଉଦ୍ଧର୍ବ ହେଲା ପାଣି ଯୋଗାଣ ବନ୍ଦ ହେବାରୁ ଲୋକେ ହାହାକାର ହୋଇ ଉଠିଛନ୍ତି। ନଳକୂପ ଏତେ ଦୂର ଯେ କିଏ ସାଇକେଲ ତ କିଏ ବାଇକ୍‌ରେ ଯାଇ ପାଣି ଆଣୁଛି। ଗାଧୋଇବା ପାଇଁ ଗାଁରୁ ୪ କିମି ଦୂରରେ ଥିବା ନାଳକୁ ଯାଇ ଦୈନନ୍ଦିନ ଗାଧୋଇ ଆସୁଛନ୍ତି। ଗ୍ରାମରେ ଥିବା ଓଭର ହେଡ୍ ଟ୍ୟାଙ୍କରୁ ବର୍ଷାଦିନେ ଗୋଳିଆ ପାଣି ଆସିଥାଏ। ଏଣୁ ସେମାନେ ବାଧ୍ୟ ହୋଇ ଏହି ନଳକୂପ ଉପରେ ନିର୍ଭର କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ନେଇ ଗ୍ରାମବାସୀ, ବିଭାଗୀୟ ଅଧିକାରୀ, କେସିଙ୍ଗା ବିଡିଓଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସହକାରୀ ଯନ୍ତ୍ରୀ ଧର୍ମେନ୍ଦ୍ର ସେଠୀଙ୍କୁ ପଚାରିବାରୁ ଆଜି ଓଭର ହେଡ୍‌ରେ ବିଦ୍ୟୁତ ସଂଯୋଗ ଦିଆଯିବ ଏବଂ ପାନୀୟଜଳ ସମସ୍ୟା ଦୂର ହେବ। ଏହି ଅଞ୍ଚଳରେ ପାଣି ବାହାରୁନାହିଁ, ଗାଁ ଭିତରେ ୩ଟି ନଳକୂପ ମଧ୍ୟ ଅଛି ବୋଲି ପ୍ରକାଶ କରିଥିଲେ।

## ଧାନ ତଳି ନଷ୍ଟକୁ ନେଇ ଚିନ୍ତାରେ ଥିଲେ ଚାଷୀ

# ଘରୁ ମିଳିଲା ଝୁଲନ୍ତା ମୃତଦେହ



**ବାଲିକୁଦା,୧୪।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ର ଓଲାଶ ଗ୍ରାମର ୩୫ ବର୍ଷୀୟ ଯୁବକ ଙ୍କ ବେକରେ ରସି ଲଗାଇ ମୃତ୍ୟୁ ବରଣ କରିଥିବା କାରଣ ଏବେବି ତଦନ୍ତ ଅବସ୍ଥା ରେ ଥିବା ବେଳେ କଣିଆ ଗ୍ରାମରେ ଆଉ ଏକ ଅଭାବନୀୟ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ପ୍ରକାଶ ଯେ, କଣିଆ ଗ୍ରାମର ସ୍ମୃତି ରଞ୍ଜନ ସ୍ୱାଇଁ (୪୦)ବର୍ଷ ଙ୍କ ଗଳିତ ମୃତ ଦେହ ତାଙ୍କ ବାସ ଗୃହ ରୁ ବାଲିକୁଦା ପୋଲିସ ଘର ର ତାଲା ଭାଙ୍ଗି ଉଦ୍ଧାର କରିଛି। ମୃତକ ସ୍ମୃତି ରଞ୍ଜନ ଙ୍କ ପଡୋଶୀ ଲୋକେ ଆଜି ସକାଳୁ ତାଙ୍କ ଘରୁ ଦୁର୍ଗନ୍ଧ ବାହାରୁ ଥିବା ଏବଂ ପଛପଟୁ ଗ୍ରିଲ୍ ବନ୍ଦ ରହିଥିବା ଜାଣିବାକୁ ପାଇ ତାଙ୍କ ଭଉଣୀ ଙ୍କ ପାଖକୁ ଖବର ଦେଇଥିଲେ। ଭଉଣୀ ଆସି ଘର ପାରିପାର୍ଶ୍ୱ ଅବସ୍ଥା ଦେଖି ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ଆଧାରରେ ବାଲିକୁଦା ପୋଲିସ, ସାଇଣ୍ଟିଫିକ ଟିମ ଏବଂ ମାଜିଷ୍ଟ୍ରେଟ ଘଟଣା ସ୍ଥଳରେ ପହଞ୍ଚି ଘର ର ଗ୍ରିଲ୍ ଭାଙ୍ଗି ଭିତର କୁ ପ୍ରବେଶ କରିଥିଲେ। ସ୍ମୃତି ରଞ୍ଜନ ଙ୍କ ଶରୀର କୁ ଦେଖି ସମସ୍ତେ ଚକିତ ହୋଇଯାଇଥିଲେ। ଶରୀରର ଟି ସମ୍ପୂର୍ଣ ପଚି ଯାଇ ଥିବାବେଳେ ଘରର ଫ୍ୟାନ ରେ ଗଳାରେ ରସି ଲାଗି ଝୁଲନ୍ତା ଅବସ୍ଥା ରେ ଦେଖିବାକୁ ମିଳିଥିଲା। ଏହି ଘଟଣା କୁ ନେଇ ସ୍ଥାନୀୟ ପଡୋଶୀ ଙ୍କ କହିବା ଅନୁଯାଇ ମୃତ ସ୍ମୃତି ରଞ୍ଜନ ଚାଷବାସ କରି ନିଜ ଜୀବିକା ନିର୍ବାହ କରୁଥିଲେ। ଚଳିତ ଖରିଫ ଋତୁରେ ଧାନ ଚାଷ ପାଇଁ ସେ ତଳି ପକାଇଥିଲେ। ଲଘୁଚାପଜନିତ ବର୍ଷାରେ ଦୁଇଥର ତଳି ନଷ୍ଟ ହୋଇଥିବା ବେଳେ ବଞ୍ଚିଥିବା ତଳିକୁ ମଧ୍ୟ ଷଣ୍ଢ ଖାଇଦେଇଥିଲେ। ଏହାକୁ ନେଇ ସ୍ମୃତିରଞ୍ଜନ ମାନସିକ ଭାବେ ଚିନ୍ତିତ ଥିଲେ। ପ୍ରାୟ ସାତଦିନ ତଳେ ସେ ତଳି ବିଲ ଦେଖିବାକୁ ଯାଇ ସେଠାରେ ବସି କାନ୍ଦୁଥିବା ମଧ୍ୟ କିଛି ସ୍ଥାନୀୟ ଚାଷୀ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସେହି ଦିନଠାରୁ ସ୍ମୃତିରଞ୍ଜନ ଘରୁ ବାହାରିନଥିଲେ। ଭଉଣୀ ଦୁର୍ଗାଶିନୀ ସ୍ୱାଇଁ ଙ୍କ ଅଭିଯୋଗ ଆଧାରରେ ୟୁଡ଼ି କେସ ନମ୍ବର ୨୫/୨୬ ରୁଜୁ କରି ବାଲିକୁଦା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ନେଇ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ବାଲିକୁଦା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

## ପହଞ୍ଚିପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ଗର୍ଭବତୀ



**ଝରିଗାଁ,୧୪।୮ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଅନ୍ତର୍ଗତ ଚାରଡଙ୍ଗରିପଡା ଗ୍ରାମକୁ ରାସ୍ତା ନଥିବା ବେଳେ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ଡକରିକୋଟ ଗ୍ରାମର ଧନସାଇ ମାଝୀଙ୍କ ସ୍ତ୍ରୀ ହାରାବତୀ ମାଝୀଙ୍କୁ ଗୁରୁବାର ଅପରାହ୍ନରେ ପ୍ରସବ ଜନୀତ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକ ତୁରନ୍ତ ସ୍ଥାନୀୟ ଆଶାକର୍ମୀଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ଆଶାକର୍ମୀ ତୁରନ୍ତ ହାରାବତୀଙ୍କ ଘରକୁ ଯିବା ସହ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଖବରପାଇ ଚାରଡଙ୍ଗରିପଡା ଗ୍ରାମ ଅଭିମୁଖେ ଯିବା ବେଳେ ଚାରଡଙ୍ଗରିପଡା ଗ୍ରାମକୁ ରାସ୍ତା ନଥିବା ଯୋଗୁ ପ୍ରାୟ ଅଧା କିଲୋମିଟର ଦୂରରେ ରହିଯାଇଥିଲା। ଖବରପାଇ ପରିବାର ଓ ଗ୍ରାମବାସୀ ଏକ ଖଟିଆରେ ପ୍ରାୟ ଅଧା କିଲୋମିଟର ଦୂର ବୋହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ଦଲଦଲି-ଶ୍ରୀବସ୍ତପୁର ଯୋଗାଯୋଗ ବିଚ୍ଛିନ୍ନ: ରାସ୍ତା ଧୋଇଗଲା



**ବୈଶିଙ୍ଗା,୧୪।୮ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ଦଲଦଲି ଗ୍ରାମ ଠାରୁ ଶ୍ରୀବସ୍ତପୁର ଯାଇଥିବା ରାସ୍ତା ଚଳିତ ଲଗାଣ ବର୍ଷାରେ ଧୋଇ ଯାଇଥିବା ଜଣାଯାଇଛି। କେନ୍ଦୁଆ ପଞ୍ଚାୟତରୁ ଗଡ଼ଦେଉଳିଆ ପଞ୍ଚାୟତକୁ ସଂଯୋଗ କରୁଥିବା ଏହି ରାସ୍ତା ଅତ୍ୟନ୍ତ ଦରକାରୀ ଥିବା ବେଳେ ଯାତାୟତ ବନ୍ଦ ପାଇଁ ଲୋକଙ୍କ ଭିତରେ ଭାଳେଣି ପଡ଼ିଛି। ଏହି ଅଞ୍ଚଳଟି ପରିବା ଚାଷ ପାଇଁ ପ୍ରସିଦ୍ଧ ଥିବାରୁ ପରିବା ଚାଷୀ ମାନେ ନିଜର ଉତ୍ପାଦିତ ପରିବାକୁ ନେଇ ଏହି ରାସ୍ତା ଦେଇ ବାଲେଶ୍ୱର ଡେଲି ମାର୍କେଟ କୁ ନେଇଥାନ୍ତି ବିକ୍ରୀ ପାଇଁ। ବର୍ତ୍ତମାନ ବୈଶିଙ୍ଗା ଦେଇ ସେମାନଙ୍କୁ ଦଶ କିଲୋମିଟର ବୁଲି ବୁଲି ଯିବାକୁ ପଡୁଛି। ଯେହେତୁ ନଷ୍ଟ ହୋଇଯାଇଥିବା ରାସ୍ତାଟିକୁ ସମ୍ପୂର୍ଣ୍ଣ କଙ୍କ୍ରୀଟ୍ କରି ବାକୁ ଗ୍ରାମ ବାସୀ ଙ୍କ ତରଫରୁ ଦାଦି ହୋଇଛି।

# ବ୍ଲକ ପ୍ରଶାସନ ପକ୍ଷରୁ ହର୍ ଘର୍ ତିରଙ୍ଗା ପଦଯାତ୍ରା



**ଲାଞ୍ଜିଗଡ଼,୧୪।୮ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ 'ହର୍ ଘର୍ ତିରଙ୍ଗା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଜଗନ୍ନାଥ ମନ୍ଦିର ଠାରୁ ଏକ ପଦଯାତ୍ରା ବାହାରି ବିଶ୍ୱନାଥପୁର ଗ୍ରାମ ପରିକ୍ରମା ପରେ ସମସ୍ତେ ତିରଙ୍ଗା ପତାକା ଧରି ଦେଶ ପ୍ରେମ ସ୍ଲୋଗାନ ଦେଇ ବିଶ୍ୱନାଥପୁର ଠାରୁ ବିଭିନ୍ନ ଗ୍ରାମ ଅତିକ୍ରମ କରି ଲାଞ୍ଜିଗଡ଼ ସହର ପହଞ୍ଚି ଲାଞ୍ଜିଗଡ଼ ଗ୍ରାମର ଆଶ୍ରମପଡା, ବଜାର ଛକ, ହାଇସ୍କୁଲ ଛକ, ଗୌଡ଼ ପଡା, ପ୍ରଧାନୀପଡା ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଶୋଭା ଯାତ୍ରାରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପ ସଭାପତି ରମେଶ ମାଝୀ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାଏକ, ଲାଞ୍ଜିଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାଏକ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ସମାଜସେବୀ ହରିଶଙ୍କର ପାତ୍ର, ବୁଲୁ ସାହୁଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ସାମିଲ ହୋଇଥିଲେ।

## ହାତୀ ଆକ୍ରମଣରେ ଯୁବକ ଆହତ



**ପାଟଣା,୧୪।୮ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ପୁଣି ହାତୀ ଉପଦ୍ରବ ଦେଖିବାକୁ ମିଳିଛି । ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଗୁରୁତର ବ୍ୟକ୍ତି ଜଣକ ହେଉଛନ୍ତି ଚିନାମାଳିପଶି ଗ୍ରାମର ଜୟରାମ ମହାନ୍ତ। ୨୦ଟିକିଆ ବଣୁଆ ହାତୀ ପଲ ଚିନା ମାଳି ପୋଷି ଜଙ୍ଗଲରେ ଡେରା ପକାଇଥିଲେ । ସୂଚନା ଅନୁସାରେ ଜୟରାମ ମହାନ୍ତ ଶୁକ୍ରବାର ପୂର୍ବାହ୍ନରେ ବିଲକୁ ସାର ପକାଇବା ପାଇଁ ଯାଉଥିବା ସମୟରେ ହାତୀପଲଙ୍କ ହାବୁଡରେ ପଡିଥିଲେ । ଫଳରେ ହାତୀ ଆକ୍ରମଣରେ ତାଙ୍କ ଛାତି ପେଟ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଛନ୍ତି । ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ବନ ପାଳ ନିରଞ୍ଜନ ସେଠୀ ପହଞ୍ଚି ଉଚ୍ଚ ଚିକିତ୍ସା ପାଇଁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ପଠାଇଛନ୍ତି।

## ବଟି ଆଦାୟ ଅଭିଯୋଗରେ ୪ ଅଭିଯୁକ୍ତ ଗିରଫ

**ଜୟପୁର,୧୪।୮ (ସଂଚାର ବ୍ୟୁରୋ):** ବଟି ଆଦାୟ ଅଭି ଯୋଗରେ ୪ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଉମୁରି ଗ୍ରାମର ସୁବାସ ପରଜା (୨୪) ରାଜେଶ ମଙ୍ଗରିଆ (୨୩) କାର୍ତ୍ତିକ ମୁଦୁଲି (୨୪) ସନ୍ତୋଷ ପରଜା (୧୯)। ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ପୋଲିସ ବାଙ୍କବିଜା ଗ୍ରାମ ରେ ପେଟ୍ରୋଲିଂ କରୁଥିବା ବେଳେ ପୋଲିସ ସୂଚନା ପାଇଥିଲା। କୁରା ରାସ୍ତାର ବାଗ୍ରା ଛକରେ ୪ ଜଣ ଦୁର୍ବୃତ୍ତ ଲୋକ ମାନଙ୍କୁ ଅଟକାଇ ମାଡ ମାରିବାର ଧମକ ଦେଇ ମରଣାନ୍ତକ ଭୟ ସୃଷ୍ଟି କରିବା ସହ ଲୋକଙ୍କ ଠାରୁ ବଟି ଆଦାୟ କରୁଛନ୍ତି। ସୂଚନା ଆଧାରରେ ପୋଲିସ ଘଟଣା ସ୍ଥଳାର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୪ ଅଭିଯୁକ୍ତ ନାମାର ମାମଲା ରୁଜୁ କରିଛି। ୪ ଅଭିଯୁକ୍ତ କୁ ଗିରଫ କରି ମୋବାଇଲ, ଟଙ୍କା, ସ୍କୁଟି ଗାଡି, ବାଡି କୁ ଜବତ କରିଛି। ୪ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁ ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବନ୍ୟାଞ୍ଚଳରେ ଖାଦ୍ୟ ବଣ୍ଟନ କଲେ ପୂର୍ବତନ ବିଧାୟକ



**ବୈଶିଙ୍ଗା,୧୪।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ବୁଢ଼ାବଳଙ୍ଗ ନଦୀରେ ଦ୍ୱିତୀୟ ବନ୍ୟା ଆସିବା ପରେ ନଦୀ ଅବବାହିକାର ଉଭୟ ପାର୍ଶ୍ୱର୍ରେ ହଜାର ହଜାର ଏକର ଧାନ ଜମି ସହିତ ପରିବା ଚାଷ ଜଳମଗ୍ନ ହୋଇଯାଇଥିବା ଯୋଗୁଁ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରଥମ ବନ୍ୟାଜଳ ସମ୍ପୂର୍ଣ୍ଣ ଛାଡି ଯାଇ ନ ଥିବା ବେଳେ ଏହି ବନ୍ୟା ସାଧାରଣ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଶହ ଶହ କଚ୍ଚା ଘର, ଟାଇଲ ଛପର ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାଟଳିପୁରା ପଞ୍ଚାୟତ, ଚନ୍ଦନପୁର ପଞ୍ଚାୟତ, ମାଣତ୍ରୀ ପଞ୍ଚାୟତ, ମାନଗୋବିନ୍ଦପୁର, ଶାଳ ଗାଁ ପଞ୍ଚାୟତ ର ପ୍ରାୟ ୪୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ କେବଳ ଦେଲାଣପୁରା ବାତ୍ୟା ଆଶ୍ରୟସ୍ଥଳୀ ରେ ବସି ବନ୍ୟା ସମୀକ୍ଷା କରି ଫେରିଯିବା ଯୋଗୁଁ ଲୋକଙ୍କ ମନରେ ସରକାର ଙ୍କ କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାତ୍ର ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଏହି ସବୁ ଅଞ୍ଚଳ ବୁଲି ବୁଲି ପାଣି ଘେରରୁ ଲୋକ ଙ୍କୁ ଉଦ୍ଧାର କରିବା ସହିତ ଶୁଖିଲା ଖାଦ୍ୟ ବାଣ୍ଟିବା ଏବଂ ବିଭିନ୍ନ ଗ୍ରାମରେ ଗ୍ରାମ ଲୋକଙ୍କ ସହାୟତାରେ ଭାତ ଓ ତରକାରୀ ରାନ୍ଧି ଖାଇବାକୁ ଦେଇ ଥିବାର ଦେଖିବାକୁ ମିଳିଥିଲା। ଏଥି ସହିତ କ୍ଷୟ କ୍ଷତିର ଚିଠା ପ୍ରସୁତ କରି ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ଦେଇଥିବାର ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

## 'ଆଇଏସଏଫ' ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



**ବୈଶିଙ୍ଗା,୧୪।୮ (ସଂଚାର ବ୍ୟୁରୋ):** ସମାଜର ସାଧାରଣ ଲୋକଙ୍କ ସ୍ଥାୟୀ ଜୀବନଶୈଳୀ, ଗୋଷ୍ଠୀ ସଶକ୍ତୀକରଣ ତଥା ଶାନ୍ତିପୂର୍ଣ୍ଣ ସମାଜ ଗଠନ ଏବଂ ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ, ପରିବେଶ ଅନୁକୂଳ ଓ ବିଶ୍ୱସ୍ତରୀୟ ଶାନ୍ତିପୂର୍ଣ୍ଣ ବିଶ୍ୱ ନିର୍ମାଣର ଲକ୍ଷ୍ୟ ନେଇ ଆଜି ବାରିପଦା ନିକଟସ୍ଥ ଜାତିପୁର ଗ୍ରାମରେ 'ଇଣ୍ଟରନ୍ୟାସନାଲ ସନାତନ ଫାଉଣ୍ଡେସନ' (ଆଇଏସଏଫ୍) ପକ୍ଷରୁ ଏକ ବୃକ୍ଷରୋପଣ ଓ ଗୋଷ୍ଠୀ କଲ୍ୟାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସଂରକ୍ଷଣ ସହିତ ଜୀବିକା ନିର୍ବାହ ତଥା ପାରିବାରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କୁ ପ୍ରାୟ ୫୦ଟି ଲେମ୍ବୁ, କମଳା ଏବଂ ପିଜୁଳି ଚାରା ବଣ୍ଟନ କରାଯିବା ସହ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଏସଏଫର ସଭାପତି ଇଂ. ସୁବ୍ରତ କୁମାର ଦାଶ, ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର, ସମ୍ପାଦକ ଶାନ୍ତନୁ ପାତ୍ର, ନିରଞ୍ଜନ ମହାନ୍ତି ଏବଂ ସୁଭ୍ରାମ ଦାଶଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହା ସହିତ 'ଇନଫୋକ୍ରିଏଟିଭ୍ସ ସର୍ଭିସେସ ପ୍ରାଇଭେଟ ଲିମିଟେଡ'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଇଂ. ସୌମ୍ୟରଞ୍ଜନ ମିଶ୍ର ତାଙ୍କ ଟିମ୍ ସଦସ୍ୟ ଜିପୁନ କୁମାର ଗିରି, ସିପୁନ ନନ୍ଦ ଏବଂ ସ୍ମୃତିରଞ୍ଜନ ସାହୁଙ୍କ ସହ ଉପସ୍ଥିତ ରହି ଫାଉଣ୍ଡେସନର ଏହି ଜନକଲ୍ୟାଣକାରୀ ପଦକ୍ଷେପକୁ ସମର୍ଥନ ଜଣାଇଥିଲେ।

## ଭାଙ୍ଗିଥିବା ପୋଲାର ସ୍ଲାବ୍ ପକାଇ ରାସ୍ତା ଚଳାଚଳ ଯୋଗ୍ୟ କଲେ ସାମାଜିକ କର୍ମୀ

**ନୂଆପଡ଼ା,୧୪।୮ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମରୁ ସୁନ୍ଦର ନଦୀକୁ ଯିବା ମୁଖ୍ୟ ରାସ୍ତା ଓ ପୋଲ ଗତ ବନ୍ୟାରେ ଭାଙ୍ଗିଯାଇଥିଲା। ଫଳରେ ଏହି ରାସ୍ତା ଦେଇ ଯାତା।ତ କରୁଥିବା ଗ୍ରାମବାସୀ ବହୁ ଅସୁବିଧାରେ ପଡୁଥିଲେ। ଗ୍ରାମବାସୀଙ୍କ ଯାତା।ତ ସୁବିଧାକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ଜଗଦୀଶ ବାରିକ ନିଜସ୍ୱ ଉଦ୍ୟମରେ ମରାମତି କାର୍ଯ୍ୟ ହାତକୁ ନେଇଛନ୍ତି। ବିଗତ ଦିନରେ ସେ ଝଷର ଲସକ୍ସ୍ୱସ୍ୱ ଷ୍ୱସଙ୍କର ଓ ସ୍ବବଙ୍ଗ ଷ୍ୱଷର ଙ୍କକ୍ସକ୍ଷୟ, ଓ ଙ୍ଗବସ୍ଥ ସଭ ବ ଷଙ୍କକ୍ସକ୍ସଛ. ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବନ୍ତ ଓ ଆଗରପଡ଼ାରେ ସାଇବର ସଚେତନତା

**ଭଦ୍ରକ,୧୪।୮ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଆଗରପଡ଼ା ଥାନା ପରିସରରେ ଆଜି ବରିଷ୍ଠ ନାଗରିକ ମାନଙ୍କୁ ନେଇ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଏ.ଏସ୍.ଆଇ ଇଭାରାଣୀ ପରିଡ଼ା ବରିଷ୍ଠ ମାନଙ୍କୁ ସାଇବର ଠକେଇ, ଅଜଣା କଲ୍ ଓ ଏସଏମ୍‌ଏସ୍, ମୋବାଇକୁ ଆସୁଥିବା ଓଟିପି, ସାମାଜିକ ଗଣ ମାଧ୍ୟମର ଉଚିତ୍ ବ୍ୟବହାର, ଇଟଂରନେଟ, ହ୍ୱାଟ୍ସଆପକୁ କୁ ଆସୁଥିବା ବିଭିନ୍ନ ମେସେଜ ଓ ବିଜ୍ଞାପନ ଠାରୁ ଦୂରେଇବା ସହ ଆବଶ୍ୟକ ସ୍ଥଳେ ଥାନା ଓ ବ୍ୟାଙ୍କ କର୍ତୃପକ୍ଷଙ୍କ ପରାମର୍ଶ ନେବାକୁ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭାପତି କୈଳାସ ଚନ୍ଦ୍ର ଧଳ, ସମ୍ପାଦକ ରଞ୍ଜନ କୁମାର ଦାସ, ରତ୍ନାକର ନାୟକ, ଚିତରଞ୍ଜନ ସାମନ୍ତରାୟ, ବିଜ୍ଞାନ ଭୂଷଣ ମହାନ୍ତି, ଗୋଲକ ପୃଷ୍ଟି, ଜଗନ୍ନାଥ ଶତପଥି, ସୁବାଶ ଦାଶ, ନରୋତମ ଦାସ, ବଳରାମ ଘଡେଇ, ରାଧାଶ୍ୟାମ ରାଉତ, ବିଶମ୍ବର ମିଶ୍ର, ଶଙ୍କର୍ଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୩.୦୨ କୋଟି ସରକାରୀ ଅର୍ଥ ହେରଫେର ଅଭିଯୋଗ: ଦୁଇ ପୂର୍ବତନ ଅଧିକାରୀ ଗିରଫ



**ଜଗତସିଂହପୁର,୧୪।୮ (ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ରେ ପିଶି କାରବାର ଦୀନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି କିନ୍ତୁ କମିବାର ନାମ ଧରୁନାହିଁ। ସେହିପରି ଗତକାଲି ତିର୍ତ୍ତୋଲ ବ୍ଲକ୍‌ରେ ବଡ଼ ଧରଣର ସରକାରୀ ଅର୍ଥ ହେରଫେର ଅଭିଯୋଗର ପର୍ଦ୍ଦାଫାସ କରିଛି ଓଡ଼ିଶା ଭିଜିଲାନ୍ସ ବିଭାଗ। ପ୍ରାୟ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଦୁଇ ପୂର୍ବତନ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ (ଏସ୍‌ଆର୍‌ଏ) ଭଞ୍ଜ କିଶୋର ବେହେରା ଏବଂ ପୂର୍ବତନ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ। ଭିଜିଲାନ୍ସ ସୂଚନା ଅନୁଯାୟୀ, ପ୍ରଦୀପ୍ତ କୁମାର ମଲ୍ଲିକ ଅବସରପ୍ରାପ୍ତ ଅଧିକାରୀ। ଅଭିଯୋଗ ଅନୁସାରେ, ଫର୍ଜି ବେତନ ବିଲ୍ ପ୍ରସ୍ତୁତ, ସରକାରୀ ରେଜିଷ୍ଟରରେ ଜାଲିଆତି ଏବଂ ଅନ୍ୟାନ୍ୟ ଅନିୟମିତତା ମାଧ୍ୟମରେ ସରକାରୀ ଅର୍ଥ ହେରଫେର କରାଯାଇଥିବା ତଦନ୍ତରେ ସାମ୍ନାକୁ ଆସିଛି। ଏହି ମାମଲାରେ ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ଏଇଇ ସ୍ୱର୍ଗତ ରାଜଦୀପ ହାଁସଦାଙ୍କ ନାମ ମଧ୍ୟ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଘଟଣାକୁ ନେଇ ତିର୍ତ୍ତୋଲ ବ୍ଲକ୍‌ରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଏତେ ବଡ଼ ପରିମାଣର ସରକାରୀ ଅର୍ଥ କିପରି ହେରଫେର ହେଲା ଓ ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ନେଇ ତଦନ୍ତ ଉପରେ ନଜର ରହିଛି।

## ନଈବଢ଼ି ଦେଖାଉଛି ଦୁର୍ନୀତିର ଚିତ୍ର

# ଗୋଟିଏ ବନ୍ୟାରେ ଭୁଶୁଡ଼ିଯାଉଛି ଆଡ଼ିବନ୍ଧ



**ବଲାଙ୍ଗିର,୧୪।୮ (ସଂଚାର ବ୍ୟୁରୋ):** ନଦୀ କୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଳ ସଂପଦ ବିଭାଗ ଆଡ଼ିବନ୍ଧ ତିଆରି କରୁଛି। ତେବେ ବଲାଙ୍ଗିର ଜିଲ୍ଲା ର ବିଭିନ୍ନ ନଦୀରେ ଆଡ଼ିବନ୍ଧ ନିର୍ମାଣ ହେଉଥିଲେ ବି ନଦୀରେ ସାମାନ୍ୟ ବଢ଼ି ଆସିଲେ ଆଡିବନ୍ଧ ଧୋଇ ହୋଇଯାଉଥିବାର ଅଭିଯୋଗ ଆସୁଛି। ତେବେ ବର୍ଷେ ତଳେ ନିର୍ମାଣ ହୋଇଥିବା ଆଡ଼ିବନ୍ଧ ଗୋଟିଏ ବନ୍ୟା ପାଣି ରେ ଧୋଇ ଯାଇଥିବାରୁ ଏହାର ସ୍ଥାୟୀତ୍ୱ କୁ ନେଇ ଏବେ ପ୍ରଶ୍ନ ଉଠିଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ସୋନଗଡ଼ ଏନ୍ ଏଚ ୨୬ ଠାରୁ ରେଳ ବ୍ରିଜ ପର୍ଯ୍ୟନ୍ତ ବନ୍ୟା ନିୟନ୍ତ୍ରଣ ପାଇଁ ୨୦୨୪/୨୫ ଆର୍ଥିକ ବର୍ଷ ରେ ଜଳ ସଂପଦ ବିଭାଗ ଆଡ଼ିବନ୍ଧ ନିର୍ମାଣ କରିଛି। ୨ କୋଟି ୫୭ ଲକ୍ଷ ଟଙ୍କା ରେ ନିର୍ମାଣ ହୋଇଥିବା ଏହି ଆଡ଼ିବନ୍ଧ କାମ ଗତ ମାର୍ଚ୍ଚ ୨୫ ତାରିଖ ରେ ଶେଷ ହୋଇଥିବା ସୂଚନା ଫଳକ ରୁ ଜଣାପଡ଼ିଛି। ତେବେ କାମ ସରିବାର ୫ ମାସ ପରେ ସୋନଗଡ଼ ନଦୀ ରେ ପ୍ରଥମ ବନ୍ୟା ପାଣି ଆସିଛି। ତେବେ ଏହି ବନ୍ୟା ପାଣି ରେ ଆଡ଼ିବନ୍ଧ ଚିରି ହୋଇ ଘାଇ ସୃଷ୍ଟି ହୋଇଯାଇଥିବା ବେଳେ ପଥର ଧଷି ପଡୁଛି। ଏପରିକି ସ୍ଥାନେ ସ୍ଥାନେ ମାଟି ବି ଧୋଇ ହୋଇଯାଉଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଆଡ଼ିବନ୍ଧ ର ସ୍ଥାୟିତ୍ୱ କୁ ନେଇ ପ୍ରଶ୍ନ ଉଠିଛି। ତେବେ ଏହି ଆଡ଼ିବନ୍ଧ ନିର୍ମାଣ ରେ ବ୍ୟାପକ ଅନିୟମିତତା ହୋଇଥିବାରୁ ମାଟି ଦବୀ ଯାଇ ପଥର କୁ ନଈ ପାଣି ବୋହି ନେଉଛି ବୋଲି ଚାଷୀ ଅଭିଯୋଗ ଆଣିଛନ୍ତି। ଏପରି କି ଅଧା ଘାଷ ରୋପଣ ହୋଇଥିବା ବେଳେ ଅଧା ସ୍ଥାନ ରେ ରୋପଣ ହୋଇନଥିବାର ଅଭିଯୋଗ ବି ହେଉଛି। ଆଡିବନ୍ଧ ନିର୍ମାଣ ରେ ଚଞ୍ଚକତା କରାଯାଇଥିବାରୁ ଯେତେ ପରିମାଣ ରେ ମାଟି ଦେଇ ଆଡ଼ିବନ୍ଧ ନିର୍ମାଣ କରିବା କଥା ସେତେ ପରିମାଣ ରେ ହୋଇ ନାହିଁ ବୋଲି ଅଭିଯୋଗ ହେଉଛି। ଏନେଇ ଜଳ ସଂପଦ ବିଭାଗ ର ଯନ୍ତ୍ରୀ ବେହେରା ବାବୁଙ୍କୁ ପଚାରିବାରୁ ଆଡିବନ୍ଧ କାମ ବର୍ଷେ ପୂର୍ବରୁ ହୋଇଥିଲା ଏବଂ ଚଳିତ ବର୍ଷ ସବୁ ଆଡେ ବନ୍ୟା ହୋଇଛି। ତେଣୁ କିଛି ଧୋଇ ନେଇଥିବ ତଥାପି ସାଇଡ ଦେଖି ଲା ପରେ କହି ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ ଦେଓଗାଁ ବ୍ଲକ ରେ ପ୍ରବାହିତ ହେଉଥିବା ସୋନଗଡ଼ ନଦୀ ରେ ବାମ ଓ ଡାହାଣ ପାର୍ଶ୍ୱ ରେ ଆଡ଼ିବନ୍ଧ ନିର୍ମାଣ ହେଉଛି। ପ୍ରାୟ ୫୦ କୋଟି ଟଙ୍କା ରେ ନିର୍ମାଣ କରାଯାଇଥିବା ୩୦ କିଲୋମିଟର ଆଡ଼ିବନ୍ଧ ର ବିଭିନ୍ନ ସ୍ଥାନରେ ମାଟି ଧସିଯାଇ ପଥର ପେଚିଙ୍ଗ ଭୁଶୁଡି ଯାଇ ନଈ ରେ ମିଶୁଥିବା ନଈ କୂଳିଆ ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ତେବେ ଏହି ଭୁଶୁଡି ପଡୁଥିବା ଆଡ଼ିବନ୍ଧ ଗୁଡିକୁ ମରାମତି କରି ଦୁର୍ନିତୀ ବିରୁଦ୍ଧ ରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହେଉଛି।